EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

ବର୍ଷ-୮ ସଂଖ୍ୟା-୧୮ ୧୩ - ୧୯ ମଇ, ୨୦୨୪ ଭୁବନେଶ୍ୱର Monday Weekly VOL-8 ISSUE-18 13th - 19th MAY, 2024 BHUBANESWAR ₹ 5/- (8 Pages)



# ଭ୍ରମାତ୍ମକ ବିଜ୍ଞାପନ ପାଇଁ ସେଲିବ୍ରିଟି ଦାୟୀ: ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** ପତଞ୍ଜଳିର ଭ୍ରମାତ୍ମକ ବିଜ୍ଞାପନ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବଡ଼ ଟିପ୍ପଣୀ ଦେଇଛନ୍ତି । ଆଇଏମଏ ପକ୍ଷରୁ ଦାଏର ମାମଲାର ବିଚାର କରି ଲୋକଙ୍କୁ ପ୍ରଭାବିତ କରିଥିବା କୌଣସି ଉତ୍ପାଦ କିମ୍ବା ସେବାର ବିଜ୍ଞାପନ ଭ୍ରମାତ୍ମକ ଜଣାପଡ଼ିଲେ ସେଲିବ୍ରିଟି ଏବଂ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ମଧ୍ୟ ସମାନ ଭାବେ ଦାୟୀ ହେବେ ବୋଲି ଜଷ୍ଟିସ ହିମା କୋହଲି ଏବଂ ଜଷ୍ଟିସ ଅହସାନୁଦ୍ଦିନ ଅମାନୁଲ୍ଲାହଙ୍କ ଖଣ୍ଡପୀଠ କହିଛନ୍ତି । କୌଣସି ବିଜ୍ଞାପନ ପ୍ରସାରଣ କରିବା ପୂର୍ବରୁ ଏକ ପ୍ରସାରଣକାରୀଙ୍କୁ ସ୍ୱଘୋଷଣା ପତ୍ର ଦାଖଲ କରିବାକୁ ପଡ଼ିବ । ଏଥିରେ ବିଜ୍ଞାପନ ନିୟମକୁ ପାଳନ କରାଯାଉଛି ବୋଲି ଲେଖା ରହିବ । ଟିଭି ବ୍ରଡକାଷ୍ଟର୍ସ ଏହାକୁ ବ୍ରଡକାଷ୍ଟ ସର୍ଭିସ ପୋର୍ଟାଲରେ ଅପଲୋଡ କରିପାରିବେ । ସେହିପରି ଛାପା ଗଣମାଧ୍ୟମ (ପ୍ରିଣ୍ଟ ମିଡିଆ) ପାଇଁ ଚାରି ସପ୍ତାହ ମଧ୍ୟରେ ଏକ ପୋର୍ଟାଲ ଆରମ୍ଭ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଭ୍ରମାତ୍ମକ ବିଜ୍ଞାପନ ସମ୍ବନ୍ଧିତ ୨୦୨୨ର ମାର୍ଗଦର୍ଶିକା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି । ମାର୍ଗଦର୍ଶିକା ୧୩ରେ କୁହାଯାଇଛି ଯେ କୌଣସି ଉତ୍ପାଦର ପ୍ରଚାରପ୍ରସାର କରୁଥିବା ବ୍ୟକ୍ତି ସେହି ଉତ୍ପାଦ ବିଷୟରେ ସବିଶେଷ ସୂଚନା ଜାଣିବା ଦରକାର । ଏହା



ଭ୍ରମାତ୍ମକ ନୁହେଁ ବୋଲି ସେ ସୁନିଶ୍ଚିତ କରିବା ଉଚିତ । ଖାଉଟିଙ୍କ ଅଭିଯୋଗ ରୁଜୁ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାର ଆବଶ୍ୟକତା ରହିଛି ବୋଲି କୋର୍ଟ କହିଛନ୍ତି । ଏହା ବ୍ୟତୀତ ଭ୍ରମାତ୍ମକ ବିଜ୍ଞାପନ ଉପରେ କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ କେନ୍ଦ୍ର ରାଜ୍ୟମାନଙ୍କୁ କାହିଁକି କହିଥିଲା ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପ୍ରଶ୍ନ କରିଛନ୍ତି । ୨୦୨୩ରେ ଜାରି ଏକ ପତ୍ର ଉପରେ କୋର୍ଟ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିରେ ନିୟମ ୧୭୦ର କ୍ରିୟାନ୍ୱୟନ ଉପରେ କଟକଣା ଲଗାଇ ଦିଆଯାଇଥିଲା । ଏହି ନିୟମ ବିରୋଧରେ ବିଭିନ୍ନ ହାଇକୋର୍ଟରେ ମାମଲା ଚାଲିଥିବାରୁ ସରକାର ପୁନର୍ବିଚାର କରୁଛନ୍ତି ବୋଲି ଖଣ୍ଡପୀଠଙ୍କୁ ଜଣା ଯାଇଥିଲା । ତେବେ ସର୍ବୋଚ୍ଚ ନ୍ୟାୟାଳୟ ଏହି ସ୍ପଷ୍ଟୀକରଣରେ ସନ୍ତୋଷ ପ୍ରକାଶ କରି ନ ଥିଲେ । ଏହା ଉପରେ କୌଣସି ନିଷ୍ପତ୍ତି ନ ନେଇ କାର୍ଯ୍ୟାନୁଷ୍ଠାନ ନେବାକୁ କାହିଁକି ମନା କଲେ ବୋଲି ଜଷ୍ଟିସ ଅମାନୁଲ୍ଲାହ ପ୍ରଶ୍ନ କରିଥିଲେ । ବିବାଦୀୟ ମନ୍ତବ୍ୟ ଦେବାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଆଇଏମଏ ଅଧ୍ୟକ୍ଷ ଡ.ଆରଭି ଅଶୋକନଙ୍କ ତୀବ୍ର ସମାଲୋଚନା କରିଛନ୍ତି । ତାଙ୍କୁ ଜବାବ ମାଗିଛନ୍ତି । କୋର୍ଟ କହିଛନ୍ତି ଯେ ବିରୋଧୀ ପକ୍ଷ ଲୋକଙ୍କୁ ଭ୍ରମରେ ପକାଉଛି ବୋଲି ଆଇଏମଏ ଅଭିଯୋଗ କରୁଛି । କିନ୍ତୁ ଆଇଏମଏ ନିଜେ କ'ଣ କରୁଥିଲା ? ଆଇଏମଏ ଅଧ୍ୟକ୍ଷ ଗଣମାଧ୍ୟମ ସାମ୍ନାକୁ ଯାଇ ମନ୍ତବ୍ୟ ଦେଉଛନ୍ତି । ଏହି ମାମଲାରେ ଆଇଏମଏ ଉପରେ ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରାଯିବ । କୋର୍ଟ ଜଣଙ୍କ ପିଠି ଥାପୁଡେଇ ଅନ୍ୟକୁ ଭିନ୍ନ ଦୃଷ୍ଟିରେ ଚାହିଁବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି ।

## କେମିତି କଟିବ ଏ ସପ୍ତାହ

**ମେଷ** – ସ୍ୱାସ୍ଥ୍ୟ ଉତ୍ତମ ରହିବ । ଆୟରେ ବୃଦ୍ଧି ହେବ । ସଞ୍ଚୟ ହେବ । ପରିବାର ସହଯୋଗ ପାଇବେ ନାହିଁ । ସ୍ଥାନାନ୍ତରଣ ଯୋଗ ଅଛି । ବିଦେଶରେ ପାଠ ପଢ଼ିପାରନ୍ତି । ଦାମ୍ପତ୍ୟ ଜୀବନରେ ଅସ୍ଥିରତା ଯୋଗ ଅଛି । ପ୍ରତିକାର : ପ୍ରତିଦିନ ୧୦ଥର ଓଁ ଭୌମାୟ ନମଃ ଜପ କରନ୍ତୁ ।

**ବୃଷ** – ମାଦକ ଦ୍ରବ୍ୟ ସେବନରୁ ଦୂରେଇ ପାରନ୍ତି । ବାପା ମାଆଙ୍କ ସହଯୋଗ ପାଇ କାର୍ଯ୍ୟକ୍ଷେତ୍ରରେ ନୂତନ ଉପଲବ୍ଧି ପାଇବେ । ଛାତ୍ରୀମାନଙ୍କ ପାଇଁ ସମୟ ଅନୁକୂଳ । ଜୀବନସାଥୀଙ୍କ ସହ ତାଳ ମେଳ ବଢ଼ିବ । ପ୍ରତିକାର : ପ୍ରତିଦିନ ୪୦ଥର ଓଁ ରାହବେ ନମଃ ଜପ କରନ୍ତୁ ।

**ମିଥୁନ** – ଖରାପ ସ୍ୱାସ୍ଥ୍ୟ ଆତ୍ମବିଶ୍ୱାସ କମିବ । ବ୍ୟୟରେ ବୃଦ୍ଧି ହେବ । ଉଧାର କରିପାରନ୍ତି । ବୀପରିତ ଲିଙ୍ଗି ବ୍ୟକ୍ତିଙ୍କୁ ଆକର୍ଷି କରିପାରନ୍ତି । କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ । ପ୍ରତିକାର : ପ୍ରତିଦିନ ୪୧ଥର ଓଁ ବୁଧାୟ ନମଃ ଜପ କରନ୍ତୁ ।

**କର୍କଟ** – ପେଟରେ ସମସ୍ୟା ଦେଖାଦେଇପାରେ । ବ୍ୟବସାୟରେ ସଫଳ ହେବେ । ଧନହାନୀ ହୋଇପାରେ । ସହକର୍ମୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି । ପ୍ରତିକାର : ବିକଳାଙ୍ଗଙ୍କୁ ଖାଦ୍ୟ ଖୁଆନ୍ତୁ ।

**ସିଂହ** – ଖେଳକୁଦରେ ଭାଗ ନିଅନ୍ତୁ । ଦୀର୍ଘ ମିଆଦି ବ୍ୟବସାୟ କରନ୍ତୁ । ପରିବାରରେ ସମ୍ପର୍କ ବିଗିଡିପାରେ । କାର୍ଯ୍ୟକ୍ଷେତ୍ରରେ ଅନ୍ୟର ସହଯୋଗ ନିଅନ୍ତୁ । ପ୍ରତିକାର : ମଙ୍ଗଳବାର ଦିନ ରାହୁଙ୍କ ପାଇଁ ହୋମ କରନ୍ତୁ ।

**କନ୍ୟା** – ସ୍ୱାସ୍ଥ୍ୟରେ ଉନ୍ନତି ହେବ । କୌଣସି ସନ୍ଥଙ୍କ ଆଶୀର୍ବାଦ ପାଇବେ । ଅର୍ଥ ପ୍ରାପ୍ତ ଯୋଗ ଅଛି । ଆତ୍ମୀୟଙ୍କ ସହ ମତଭେଦ ହୋଇପାରେ । ପ୍ରେମୀ ନାରାଜ ହୋଇପାରନ୍ତି । ପ୍ରତିକାର : ପ୍ରତିଦିନ ବିଷ୍ଣୁ ସହସ୍ର ନାମ ଜପ କରନ୍ତୁ ।

**ତୁଳା** – ମନ ଅସ୍ଥିର ରହିବ । ବ୍ୟବସାୟରେ ବିସ୍ତାର ପାଇଁ ଋଣ ନେଇପାରନ୍ତି । ଅନ୍ୟ ସହମତ ଭେଦ ହୋଇପାରେ । ସତର୍କ ରହନ୍ତୁ । ଶିକ୍ଷକଙ୍କ ସହଯୋଗ ପାଇବେ । ପ୍ରତିକାର : ପ୍ରତିଦିନ ୩୧ଥର ଓଁ ଶୁକ୍ରାୟ ନମଃ ଜପ କରନ୍ତୁ ।

**ବିଛା** – ଅଧିକ ଚିନ୍ତା କରନ୍ତୁ ନାହିଁ । କମ୍ ପରିଶ୍ରମରେ ଅଧିକ ଆୟ ହେବ । ପରିବାରରେ ସୁଖ ପାଇଷବ । ଲକ୍ଷ୍ୟପ୍ରାପ୍ତି ଯୋଗ ଅଛି । ପ୍ରେମୀ ମାନେ ଭ୍ରମଣ ପାଇଁ ଯାଇପାରନ୍ତି । ପ୍ରତିକାର : ପ୍ରତିଦିନ ୨୭ଥର ଓଁ ଶୁକ୍ରାୟ ନମଃ ଧ୍ୟାନ କରନ୍ତୁ ।

**ଧନୁ** – ଖର୍ଚ୍ଚ ପାଇଁ ମାର୍ଗ ପ୍ରସ୍ତୁତ କରନ୍ତୁ । ମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଛାତ୍ରମାନଙ୍କ ସମୟ ପ୍ରତିକୂଳ ରହିବ । ପ୍ରେମୀମାନେ ବିବାହ ପ୍ରସ୍ତାବ ରଖିପାରନ୍ତି । ପ୍ରତିକାର : ଗୁରୁବାର ଦିନ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ ।

**ମକର** – ଅର୍ଥ ଆଗମନର ସୂଚନା ପାଇବେ । ଧନର ଠିକ୍ ଉପଯୋଗ କରନ୍ତୁ । ପରିବାରର କାର୍ଯ୍ୟରେ ବାନ୍ଧି ହୋଇପାରନ୍ତି । ବାପା ବା ମାଆଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ପ୍ରତିକାର : ୧୧ଥର ଓଁ ଭାସ୍କରାୟ ନମଃ ଜପ କରନ୍ତୁ ।

**କୁମ୍ଭ** – ପାଚନ ରୋଗରୁ ମୁକ୍ତି ପାଇବେ । ଆର୍ଥିକ ସ୍ଥିତିରେ ଉନ୍ନତି ହେବ । ପରିବାର ଓ ବନ୍ଧୁଙ୍କ ସହଯୋଗ ପାଇବେ । ଛାତ୍ରଙ୍କୁ ସଫଳତା ମିଳିବ । ପ୍ରେମୀଙ୍କ ଠାରୁ ଦୂରେଇ ରହିବା କଷ୍ଟ ହୋଇପାରେ । ପ୍ରତିକାର : ଭଗବାନ ଶିଙ୍କ ଉପାସନା କରନ୍ତୁ ।

**ମୀନ** – ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ବ୍ୟୟରେ ବୃଦ୍ଧି ହେବ । ପରିବାର ସହ ସମୟ କଟିବ । ପଦୋନ୍ନତି ହୋଇପାରେ । ଛାତ୍ରମାନେ ସଫଳତା ପାଇବେ । ଜୀବନସାଥୀଙ୍କ ସହ ବାଦବିବାଦ ହୋଇପାରେ । ପ୍ରତିକାର : ପ୍ରତିଦିନ ୨୧ଥର ଓଁ ଗଣେଷାୟ ନମଃ ଜପନ୍ତୁ ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

## କ୍ଷମତାକୁ ଆସିଲେ ରାମ ମନ୍ଦିରକୁ ପବିତ୍ର କରିବ ଇଣ୍ଡିଆ ମେଣ୍ଟ: ନାନା ପାଟୋଲେ

**ନୂଆଦିଲ୍ଲୀ :** ବିରୋଧୀ ମେଣ୍ଟ ଇଣ୍ଡିଆ ଯଦି ଲୋକସଭା ନିର୍ବାଚନ ପରେ କ୍ଷମତାକୁ ଆସିବ, ତା'ହେଲେ ଶଙ୍କରାଚାର୍ଯ୍ୟମାନଙ୍କୁ ନେଇ ଅଯୋଧ୍ୟାରେ ଥିବା ରାମ ମନ୍ଦିରକୁ ପବିତ୍ର କରାଯିବ ବୋଲି ମହାରାଷ୍ଟ୍ରର କଂଗ୍ରେସ ମୁଖ୍ୟ ନାନା ପାଟୋଲେ କହିଛନ୍ତି । ସେ ଦାବି କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାମ ମନ୍ଦିରର ନିର୍ମାଣ ବେଳେ ପ୍ରୋଟୋକଲ ଭାଙ୍ଗିଛନ୍ତି । ବିରୋଧୀ ମେଣ୍ଟ କ୍ଷମତାକୁ ଆସିଲେ, ଏଥିରେ ସୁଧାର କରାଯିବ । ପାଟୋଲେ କହିଛନ୍ତି, ଶଙ୍କରାଚାର୍ଯ୍ୟମାନେ ପ୍ରାଣପ୍ରତିଷ୍ଠାକୁ ବିରୋଧ କରିଥିଲେ । ସମସ୍ତ ୪ ଶଙ୍କରାଚାର୍ଯ୍ୟ ରାମ ମନ୍ଦିରକୁ ପବିତ୍ର କରିବେ । ରାମ ଦରବାର ଉକ୍ତ ସ୍ଥାନରେ ପ୍ରତିଷ୍ଠା କରାଯିବ । ଏବେ ଭଗବାନ ରାମଙ୍କ ପ୍ରତିମୂର୍ତ୍ତି ସେଠାରେ ନାହିଁ । ପିଲା ବେଳର ପ୍ରତିକୃତି ରାମ ଲଲା ରହିଛନ୍ତି । ନରେନ୍ଦ୍ର ମୋଦି ରାମ ମନ୍ଦିର ନିର୍ମାଣ ବେଳେ ପ୍ରୋଟୋକଲର ଉଲ୍ଲଙ୍ଘନ କରିଥିଲେ । ଆମେ ଏହାକୁ ଧାର୍ମୀକ ନୀତି ଅନୁସାରେ ସୁଧାରିବୁ । ଜାନୁଆରୀ ୨୨ରେ ରାମ ମନ୍ଦିରରେ ରାମ ଲଲାଙ୍କ ପ୍ରାଣ ପ୍ରତିଷ୍ଠା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଥିଲେ ।

### ଦେଶରେ କମୁଛି ଘରୋଇ ସଞ୍ଚୟ

## ୩ ବର୍ଷରେ ୯ ଲକ୍ଷ କୋଟି କମିଲାଣି

**ନୂଆଦିଲ୍ଲୀ :** ଦେଶରେ କ୍ରମଶଃ ହ୍ରାସ ପାଇବାରେ ଲାଗିଛି ଘରୋଇ ସଞ୍ଚୟ । କାରଣ ଗତ ୩ ବର୍ଷରେ ଏହି ଘରୋଇ ସଞ୍ଚୟ ପରିମାଣ ୯ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିଛି । ୨୦୨୨-୨୩ ଆର୍ଥିକବର୍ଷରେ ଏହି ସଞ୍ଚୟ ପରିମାଣରେ ହ୍ରାସ ହୋଇ ୧୪.୧୬ ଲକ୍ଷ କୋଟି ଟଙ୍କାକୁ ଖସିଆସିଲାଣି, ଯାହାକି ବଡ଼ ଚିନ୍ତାରେ ବିଷୟ । କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର ସର୍ବଶେଷ ଜାତୀୟ ପରିସଂଖ୍ୟାନ ୨୦୨୪ ରିପୋର୍ଟ ଅନୁଯାୟୀ, ଗତ ତିନି ବର୍ଷ ମଧ୍ୟରେ ୨୦୨୨-୨୩ ପର୍ଯ୍ୟନ୍ତ ନେଟ୍ ଘରୋଇ ସଞ୍ଚୟ ୯ ଲକ୍ଷ କୋଟି ଟଙ୍କାରୁ ୧୪.୧୬ ଲକ୍ଷ କୋଟିରେ ପହଞ୍ଚିଛି । ୨୦୨୦-୨୧ରେ ନେଟ୍ ଘରୋଇ ସଞ୍ଚୟ ୨୩.୨୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ସେହି ଦିନଠାରୁ ଏହା ହ୍ରାସ ପାଉଛି ବୋଲି ତଥ୍ୟ ଦର୍ଶାଉଛି । ୨୦୨୧-୨୨ରେ ନେଟ୍ ଘରୋଇ ସଞ୍ଚୟ ୧୭.୧୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇ ୨୦୨୨-୨୩ ମସିହାରେ ପାଞ୍ଚ ବର୍ଷର ସର୍ବନିମ୍ନ ସ୍ତର ୧୪.୧୬ ଲକ୍ଷ



କୋଟି ଟଙ୍କାକୁ ଖସିଆସିଛି । ନେଟ୍ ଘରୋଇ ସଞ୍ଚୟ ୨୦୧୭-୧୮ରେ ୧୩.୦୫ ଲକ୍ଷ କୋଟି ରହିଥିଲା ଯାହା ୨୦୧୮-୧୯ରେ ୧୪.୯୨ ଲକ୍ଷ କୋଟି ଏବଂ ୨୦୧୯-୨୦ରେ ୧୫.୪୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ତଥ୍ୟ ଦର୍ଶାଇଛି ଯେ ମ୍ୟୁଚୁଆଲ୍ ଫଣ୍ଡରେ ବିନିଯୋଗ ପ୍ରାୟ ୨୦୨୨-୨୩ ମସିହାରେ ୧.୭୯ ଲକ୍ଷ କୋଟି ଟଙ୍କା ହୋଇ ତିନି ବର୍ଷ ମଧ୍ୟରେ ୨୦୨୦-୨୧ ରେ ୬୪,୦୮୪ କୋଟିରୁ ବୃଦ୍ଧି ପାଇଛି । ୨୦୨୧-୨୨ ରେ ଏହା ୧.୬ ଲକ୍ଷ କୋଟି ରହିଥିଲା । ଶେୟାର ଏବଂ ଋଣ ଦେୟରେ ଘରୋଇ ପୁଞ୍ଜି ବିନିଯୋଗ ପ୍ରାୟ ଦୁଇଗୁଣ ହୋଇ ୨୦୨୨-୨୩ ମସିହାରେ ୨.୦୬ ଲକ୍ଷ କୋଟି ଟଙ୍କା ହୋଇ ୨୦୨୦-୨୧ ରୁ ତିନି ବର୍ଷ ମଧ୍ୟରେ ୧.୦୭ ଲକ୍ଷ କୋଟି ଟଙ୍କା ହୋଇଛି । ୨୦୨୧-୨୨ ରେ ଏହା ୨.୧୪ ଲକ୍ଷ କୋଟି ରହିଥିଲା । ସେହିପରି ପରିବାରକୁ ବ୍ୟାଙ୍କ ଆଡଭାନ୍ସ (ଋଣ) ମଧ୍ୟ ତିନି ବର୍ଷ ମଧ୍ୟରେ ଦ୍ୱିଗୁଣିତ ହୋଇ ୨୦୨୨-୨୩ ମସିହାରେ ୧୧.୮୮ ଲକ୍ଷ କୋଟିରୁ ୨୦୨୦-୨୧ ରେ ୬.୦୫ ଲକ୍ଷ କୋଟି ଟଙ୍କା ହୋଇଛି । ୨୦୨୧-୨୨ରେ ଏହା ୭.୬୯ଲକ୍ଷ କୋଟି ଟଙ୍କା ରହିଥିଲା । ଆର୍ଥିକ ନିଗମ ଏବଂ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ନିଗମ ଦ୍ୱାରା ପରିବାରକୁ ଦିଆଯାଇଥିବା ଋଣ ମଧ୍ୟ ଚାରି ଗୁଣ ବୃଦ୍ଧି ପାଇ ୨୦୨୨-୨୩ରେ ୩.୩୩ ଲକ୍ଷ କୋଟି ଟଙ୍କା ହୋଇ ୨୦୨୦-୨୧ରେ ୯୩,୭୨୩ କୋଟିରୁ ବୃଦ୍ଧି ପାଇଛି । ୨୦୨୧-୨୨ରେ ଏହା ୧.୯୨ ଲକ୍ଷ କୋଟି ଟଙ୍କା ରହିଥିଲା ।

## ୧୯୫୦ରୁ ୨୦୧୫ ଭିତରେ କମିଛି ହିନ୍ଦୁ ଜନସଂଖ୍ୟା

**ନୂଆଦିଲ୍ଲୀ :** ଭାରତରେ ହିନ୍ଦୁ ଜନସଂଖ୍ୟା ୧୯୫୦ରୁ ୨୦୧୫ ମଧ୍ୟରେ ୭.୮୨% ହ୍ରାସ ପାଇଛି । ଏହି ସମୟ ସୀମା ମଧ୍ୟରେ ମୁସଲିମ ଜନସଂଖ୍ୟା ୪୩.୧୫% ବଢ଼ିଛି । ଏପରି ଦାବି କରିଛି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୀତିକ ପରାମର୍ଶଦାତା ପରିଷଦ ବା ଇଏସି-ପିଏମ । କମିଟି ପକ୍ଷରୁ ଧାର୍ମିକ ସଂଖ୍ୟାଲଘୁ: ଏ କ୍ରସ କଣ୍ଟ୍ରୀ ଆନାଲିସିସ(୧୯୫୦-୨୦୧୫) ଶୀର୍ଷକ ଗୋଟିଏ ରିପୋର୍ଟ ଜାରି କରାଯାଇଛି । ଏଥିରେ କୁହାଯାଇଛି ଯେ ଦେଶରେ ଜୈନ ଜନସଂଖ୍ୟା ୧୯୫୦ରେ ୦.୪୫% ଥିବା ବେଳେ ୨୦୧୫ ବେଳକୁ ଏହା ୦.୩୬% ହୋଇ ଯାଇଛି । ଦେଶର ସଂଖ୍ୟାଗରିଷ୍ଠ ହିନ୍ଦୁ ଜନସଂଖ୍ୟା ୧୯୫୦ରେ ୮୪.୬୮% ରହିଥିବା ବେଳେ ୨୦୧୫ ସୁଦ୍ଧା ଏହା ୭.୮୨% ହ୍ରାସ ପାଇଛି । ୨୦୧୫ରେ ହିନ୍ଦୁ ଜନସଂଖ୍ୟା ୭୮.୦୬%ରେ ପହଞ୍ଚି ଯାଇଛି । ୧୯୫୦ରେ ମୁସଲିମ ଜନସଂଖ୍ୟା ୯.୮୪% ଥିଲା । କିନ୍ତୁ ୨୦୧୫ ବେଳକୁ ଏହା ୧୪.୦୯%ରେ ପହଞ୍ଚିଛି । ମୁସଲିମ ଜନସଂଖ୍ୟାରେ ୪୩.୧୫% ବୃଦ୍ଧି ହୋଇଛି । ଏପରି ରିପୋର୍ଟ ଇଏସି-ପିଏମର ସଦସ୍ୟ ଶମିକା ରବିଙ୍କ ନେତୃତ୍ୱରେ ପ୍ରସ୍ତୁତ କରାଯାଇଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ ଦେଶରେ ଖ୍ରୀଷ୍ଟିୟାନ ଜନସଂଖ୍ୟା ୨.୨୪%ରୁ ବଢ଼ି ୨.୩୬%ରେ ପହଞ୍ଚିଛି । ୧୯୫୦ରୁ ୨୦୧୫ ମଧ୍ୟରେ ଖ୍ରୀଷ୍ଟିୟାନ ଜନସଂଖ୍ୟା ୫.୩୮% ବଢ଼ିଛି । ଶିଖ ସଂପ୍ରଦାୟର ଜନସଂଖ୍ୟା ମଧ୍ୟ ୬.୫୮% ବଢ଼ିଛି । ୧୯୫୦ରେ ଶିଖ ସଂପ୍ରଦାୟର ଜନସଂଖ୍ୟା ୧.୨୪% ରହିଥିଲା । ହେଲେ ୨୦୧୫ ବେଳକୁ ଏହା ୧.୮୫% ଛୁଇଁଛି । ପାର୍ସୀ ଜଦସଂଖ୍ୟା ୮୫% ହ୍ରାସ ପାଇଛି ।

## 'ଲିଭ୍-ଇନ୍ ରିଲେସନ୍‌ସିପ୍ ଭାରତୀୟ ସଂସ୍କୃତି ପାଇଁ କଳଙ୍କ'

**ରାୟପୁର :** ଆଜିକାଲି ଅଧିକାଂଶ ଯୁବପୀଢ଼ି ବିବାହ ପୂର୍ବରୁ ଲିଭ-ଇନ୍ ରିଲେସନଶିପ୍ରେ ରିବାକୁ ପସନ୍ଦ କରନ୍ତି । ଅଧିକାଂଶ ଲିଭ୍-ଇନ୍ ରିଲେସନସିପ୍‌ରେ ରହୁଛନ୍ତି ମଧ୍ୟ । ଏହା ଆଜିକାଲି ଏକ ଫ୍ୟାଶନ୍‌ରେ ପାଲଟି ଗଲାଣି । ବିବାହ ପୂର୍ବରୁ ପରସ୍ପରକୁ ଭଲ ଭାବେ ଜାଣିବା ପାଇଁ ଯୁବକ-ଯୁବତୀ ଲିଭ-ଇନ୍‌ରେ ରହିବାକୁ ପସନ୍ଦ କରନ୍ତି । ତେବେ ଏହି ଲିଭ-ଇନ୍ ରିଲେସନସିପ୍‌କୁ ନେଇ ଛତିଶଗଡ ହାଇକୋର୍ଟ ଏକ ବଡ ରାୟ ଦେଇଛନ୍ତି । ଏହାକୁ ଭାରତୀୟ ସଂସ୍କୃତି ପାଇଁ କଳଙ୍କ ବୋଲି କହିଛନ୍ତି । ଜଷ୍ଟିସ୍ ଗୌତମ ଭାଦୁଡ଼ି ଓ ଜଷ୍ଟିସ ସଞ୍ଜୟ ଏସ୍ ଅଗ୍ରୱାଲଙ୍କ ଦୁଇ ଜଣିଆ ଖଣ୍ଡପୀଠ ଲିଭ୍-ଇନ୍ ସମ୍ପର୍କରୁ ଜନ୍ମ ହୋଇଥିବା ଶିଶୁର ହେପାଜତ ମାମଲାରେ ଶୁଣାଣି କରି କଡ଼ା ମନ୍ତବ୍ୟ ଦେଇଛନ୍ତି । ବାସ୍ତବରେ, ଶିଶୁଟିର ରକ୍ଷଣାବେକ୍ଷଣ ସଂପର୍କରେ ତା' ବାପା ଛତିଶଗଡ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ । ମାମଲାର ଶୁଣାଣି ପରେ କୋର୍ଟ ଏହି ଆବେଦନକୁ ଖାରଜ କରିଛନ୍ତି । କଡା ମନ୍ତବ୍ୟ ଦେଇ କୋର୍ଟ କହିଛନ୍ତି ଯେ ସମାଜର କେତେକ ସ୍ଥାନରେ ଗ୍ରହଣ କରାଯାଇଥିବା ଲିଭ୍-ଇନ୍ ସମ୍ପର୍କ



ଏବେ ମଧ୍ୟ ଭାରତୀୟ ସଂସ୍କୃତିରେ ଏକ କଳଙ୍କିତ ହୋଇ ରହିଛି । କାରଣ ଲିଭ୍-ଇନ୍ ସମ୍ପର୍କ ଏକ ଆୟାତିତ ଧାରଣା, ଯାହା ଭାରତୀୟ ରୀତିନୀତିର ପୂରାପୁରି ବିପରିତ । କୋର୍ଟ ଆହୁରି କହିଛନ୍ତି, ଜଣେ ବିବାହିତ ଲୋକଙ୍କ ପାଇଁ ଲିଭ୍-ଇନ୍ ରିଲେସନଶିପ୍ରୁ ବାହାରକୁ ଆସିବା ସହଜ । ତେବେ ଲିଭ୍-ଇନ୍ ସମ୍ପର୍କରୁ ଜନ୍ମିତ ପିଲାମାନଙ୍କ ଦୁଃଖକୁ କୋର୍ଟ ଅଣଦେଖା ପାରିବେ ନାହିଁ । ଏହି ଲିଭ-ଇନ୍ ସମ୍ପର୍କ ଭାରତୀୟ ମାନ୍ୟତା ବିରୋଧୀ ଅଟେ ବୋଲି କୋର୍ଟ କହିଛନ୍ତି ।

### ଟେଲିକମ୍ ବ୍ୟବହାରକାରୀଙ୍କୁ ଲାଗିବ ବଡ଼ ଝଟ୍‌କା

## ମହଙ୍ଗା ହେବ ମୋବାଇଲ ରିଚାର୍ଜ ପ୍ଲାନ୍

**ନୂଆଦିଲ୍ଲୀ:** ମୋବାଇଲ ଉପଭୋକ୍ତାଙ୍କ ପାଇଁ ଖରାପ ଖବର । କାରଣ ସମ୍ପ୍ରତି ଦେଶରେ ଚାଲୁଥିବା ସାଧାରଣ ନିର୍ବାଚନ ପରେ ଟେଲିକମ୍ ବ୍ୟବହାରକାରୀଙ୍କୁ ଲାଗିପାରେ ବଡ଼ ଝଟ୍କା । ଲୋକସଭା ନିର୍ବାଚନର ଫଳାଫଳ ଜୁନ ୪ରେ ପ୍ରକାଶ ପାଇବ । ଏହାପରେ ଦେଶରେ ମୋବାଇଲ ଶୁଳ୍କ ବଢିବ । ଅର୍ଥାତ୍ ଟେଲିକମ୍ ଅପରରେଟରମାନେ ଟାରିଫ୍ ମୂଲ୍ୟ ବୃଦ୍ଧି କରିବେ । ଏଥିଯୋଗୁ ଘରୋଇ ବଜାରରେ ମୋବାଇଲ ରିଚାର୍ଜ ପ୍ଲାନ୍ ମହଙ୍ଗା ହେବ । ଆସନ୍ତା ଜୁନରୁ ଟେଲିକମ୍ ଅପରେଟରମାନେ ମୋବାଇଲ ଶୁଳ୍କରେ ୨୦ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାର ସମ୍ଭାବନା ରହିଛି । ବିଓଏଫଏ ସିକ୍ୟୁରିଟିଜ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି । ଏଠାରେ ଗତ ଦୁଇ ବର୍ଷ ଧରି ଅପରେଟରମାନେ ସେମାନଙ୍କର ମୋବାଇଲ୍ ରିଚାର୍ଜ ପ୍ଲାନ୍ ଗୁଡ଼ିକର ମୂଲ୍ୟରେ କୌଣସି ପରିବର୍ତ୍ତନ କରିନାହାଁନ୍ତି । ତେବେ ଖୁବ୍



ଶୀଘ୍ର ଏଥିରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ । ଦେଶରେ ୫ଜି ସେବା ଶୁଭାରମ୍ଭ ହେବାର ଇତି ମଧ୍ୟରେ ଦୁଇ ବର୍ଷ ବିତିଗଲାଣି । ଅନେକ ଲୋକଙ୍କ ପାଖରେ ୫ଜି ମୋବାଇଲ୍ ରହିଛି । ଏହାଛଡା ୫ ଜି ସେବା ଦେଶର ଅଧିକାଂଶ ସହରରେ ପହଞ୍ଚିଗଲାଣି । ଅପରପକ୍ଷେ ଏହି ୫ଜି ସେବାର ନେଟୱର୍କ ବିଛାଇବାରେ ଟେଲିକମ୍ କମ୍ପାନୀଗୁଡିକ ବହୁ ପରିମାରରେ ଅର୍ଥ ଖର୍ଚ୍ଚ କରିଛନ୍ତି । ସେମାନଙ୍କ ଲାଗି ଏବେ ଏହି ଟଙ୍କା ଏବେ ଅସୁଲ କରିବାର ସମୟ । ତେଣୁ ନିର୍ବାଚନ ପରେ ସମସ୍ତ ଟେଲିକମ୍ କମ୍ପାନୀଗୁଡିକ ରିଚାର୍ଜ ପ୍ଲାନ୍ ମହଙ୍ଗା କରିବେ । ଦେଶର ଦ୍ୱିତୀୟ ବୃହତ୍ତମ ଟେଲିକମ୍ କମ୍ପାନୀ ସାଧାରଣ ନିର୍ବାଚନ ପରେ ତା'ର ମୋବାଇଲ୍ ଶୁଳ୍କ ମୂଲ୍ୟ ୨୦ ପ୍ରତିଶତ ବୃଦ୍ଧି ଘଟାଇବ ବୋଲି କହିଛି । ଏହା ଏହାର ଇବିଆଇଟିଡିଏକୁ ୧୨-୧୫ ପ୍ରତିଶତ ବୃଦ୍ଧି କରିବ । କମ୍ପାନୀ ଆହୁରିମଧ୍ୟ କହିଛି ଯେ ଏହା ପ୍ରତ୍ୟେକ ଉପଭୋକ୍ତା ପିଛା କମ୍ପାନୀର ହାରାହାରି ଆୟରେ ୨୭୦ ଟଙ୍କା ବୃଦ୍ଧି କରିବ । ନିର୍ବାଚନ ପରେ ନୂଆ ରିଚାର୍ଜ ପ୍ଲାନ୍ ଆରମ୍ଭ କରାଯିବ ବୋଲି ଆଶା କରାଯାଉଛି । ମୋବାଇଲ ରିଚାର୍ଜ ପ୍ଲାନ୍ ମହଙ୍ଗା ହେବା ପରେ ୧୦୦ ଟଙ୍କା ର ପ୍ଲାନ୍ର ମୂଲ୍ୟ ୧୨୦ ଟଙ୍କା ହେବ । ୭୦୦ ଟଙ୍କିଆ ପ୍ଲାନ୍ର ମୂଲ୍ୟ ୮୨୦ ଟଙ୍କା ହେବ । ବିଓଏଫଏ ସିକ୍ୟୁରିଟିଜ୍ ଦେଶର ଟେଲିକମ କ୍ଷେତ୍ରକୁ ନେଇ କରିଥିବା ଏହି ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ, ମୋବାଇଲ ଶୁଳ୍କ ୨୦ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ବଢିପାରେ ଯାହା ପୂର୍ବ ଅପେକ୍ଷା ୧୦ ରୁ ୧୫ ପ୍ରତିଶତ ଅଧିକ ରହିବ ।

# ନାଗରିକତା ପାଇଁ ବାଧ୍ୟତାମୂଳକ ହେବ ଜନ୍ମ ପ୍ରମାଣପତ୍ର

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ଜନ୍ମ ପ୍ରମାଣପତ୍ରକୁ ନାଗରିକତାର ପ୍ରମାଣ ଭାବେ ଗ୍ରହଣ କରିଛନ୍ତି । ଜନ୍ମ ତାରିଖ ଓ ସ୍ଥାନ ଉଲ୍ଲେଖ ଥିବା କୌଣସି ଦସ୍ତାବିଜକୁ ଭାରତୀୟ ନାଗରିକ ପଞ୍ଜୀକରଣ ନିମନ୍ତେ ଉପସ୍ଥାପନ କରାଯାଇପାରିବ । ଜାତୀୟ ନାଗରିକ ପଞ୍ଜିକାରେ ଭାରତୀୟ ନାଗରିକ ଭାବେ ନାମ ପଞ୍ଜୀକରଣ ପାଇଁ ଜଣେ ନିଜର ଜନ୍ମ ତାରିଖ ଓ ସ୍ଥାନ ସମ୍ବନ୍ଧୀୟ କୌଣସି ଦସ୍ତାବିଜ ଦାଖଲ କରିପାରିବ । ଏହା ସତ୍ତ୍ୱେ ବହୁ ସଂଖ୍ୟକ ଭାରତୀୟ, ବିଶେଷକରି ବୟସ୍କ ନାଗରିକଙ୍କ ପାଖରେ ଜନ୍ମ ପ୍ରମାଣପତ୍ର ନାହିଁ । ଏପରିକି ୫ବର୍ଷରୁ କମ୍ ବୟସର ୩୮% ଶିଶୁଙ୍କ ପାଖରେ ଜନ୍ମ ପ୍ରମାଣପତ୍ର ନଥିବା ଜଣାପଡ଼ିଛି । ଏମାନଙ୍କ ସଂଖ୍ୟା ପ୍ରାୟ ୨୪ ନିୟୁତ (ପ୍ରାୟ ଅଢ଼େଇ କୋଟି) । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନଏଫ୍‌ଏଚଏସ୍-୫) ୨୦୧୫-୧୬ ଅନୁଯାୟୀ ୫ବର୍ଷରୁ କମ୍ ୬୨.୩% ଶିଶୁଙ୍କ ପାଖରେ ଜନ୍ମ ପ୍ରମାଣପତ୍ର ରହିଛି । ୨୦୦୫-୦୬ ବର୍ଷରେ ଏହି ବର୍ଗର ୨୯.୯% ଶିଶୁଙ୍କ ପାଖରେ ଜନ୍ମ ପ୍ରମାଣପତ୍ର ରହିଥିଲା । ୨୦୦୫ ପୂର୍ବରୁ ଏହି ସଂଖ୍ୟା ଆହୁରି କମ୍ ରହିଥିଲା । ଏହା ପୂର୍ବରୁ ବିଦ୍ୟାଳୟ ପାଠପଢା ସମୟର ପ୍ରମାଣପତ୍ରକୁ ଜନ୍ମ ତାରିଖ ପ୍ରମାଣପତ୍ର ଭାବେ ଗ୍ରହଣ କରାଯାଇ ଆସୁଥିଲା । ତେବେ ଗରିବ ଓ ଅନୁସୂଚିତ ଜାତି/ଜନଜାତି ବର୍ଗର ବହୁ ପିଲା ବିଦ୍ୟାଳୟ ଦ୍ୱାର ମାଡ଼ିନଥିବା କାରଣରୁ ସେମାନଙ୍କର ଜନ୍ମ ସମ୍ପର୍କିତ କୌଣସି ପ୍ରମାଣପତ୍ର ନଥିଲା; ତେଣୁ ଏବେ ଆଧାର କାର୍ଡକୁ ଅନେକାଂଶରେ ଜନ୍ମ ପ୍ରମାଣପତ୍ର ଭାବେ ଗ୍ରହଣ କରାଯାଇ ବିଭିନ୍ନ ପ୍ରକାର ସରକାରୀ ଯୋଜନା ଯୋଗାଇ ଦିଆଯାଉଛି । ସରକାର ଆସନ୍ତା ଲୋକସଭାରେ ଜନ୍ମ ପ୍ରମାଣପତ୍ରକୁ ବାଧ୍ୟତାମୂଳକ କରିବା ସହ ଏହାକୁ ନାଗରିକ ପରିଚୟପତ୍ର ଭାବେ ସ୍ୱୀକୃତି ଦେବାକୁ ବିଧେୟକ ଆଣିବା ଯୋଜନା ରଖିଛନ୍ତି । ଏଥିରେ ପ୍ରତ୍ୟେକଙ୍କ ଧର୍ମ ମଧ୍ୟ ଉଲ୍ଲେଖ ରଖିବ; ଏମିତିକି ସ୍ୱାମୀ-ସ୍ତ୍ରୀ ଭିନ୍ନ ଧର୍ମର ହୋଇଥିଲେ ସେମାନଙ୍କ ଧର୍ମ ସ୍ୱତନ୍ତ୍ର ଭାବେ ଉଲ୍ଲେଖ ରହିବାର ବ୍ୟବସ୍ଥା ରହିବ ବୋଲି ଜଣାପଡ଼ିଛି । ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଜନ୍ମ ଓ ମୃତ୍ୟୁର ୨୧ ଦିନ ମଧ୍ୟରେ ଏ ସଂକ୍ରାନ୍ତ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି । ଏଥିପାଇଁ ଭିତ୍ତିଭୂମି ବଳିଷ୍ଠ କରିବା ଯୋଜନା ମଧ୍ୟ




କରାଯାଇଛି । ଆସାମରେ ହୋଇଥିବା ଜାତୀୟ ନାଗରିକ ପଞ୍ଜୀକରଣ (ଏନଆରସି) ପାଇଁ ଜନ୍ମ ପ୍ରମାଣପତ୍ରକୁ ନାଗରିକ ପ୍ରମାଣପତ୍ର ଭାବେ ଗ୍ରହଣ କରାଯାଇଥିଲା । ଜନ୍ମ ପ୍ରମାଣପତ୍ରରେ ଜନ୍ମ ସ୍ଥାନକୁ ଆଧାର କରି ଭାରତର ନାଗରିକତ୍ୱ ପ୍ରଦାନ କରାଯାଇଛି । ଏହା ସହିତ ଭୋଟର କାର୍ଡ, ପାସପୋର୍ଟ, ଆଧାର, ଲାଇସେନ୍ସ, ବୀମା କାଗଜପତ୍ର, ବିଦ୍ୟାଳୟ ଛାଡିବା ପ୍ରମାଣପତ୍ର ଏବଂ ଜମି କିମ୍ବା ଘର ସମ୍ବନ୍ଧୀୟ ଦସ୍ତାବିଜ ଅନ୍ତର୍ଭୁକ୍ତକୁ ନାଗରିକ ପ୍ରମାଣପତ୍ର ଭାବେ ଗ୍ରହଣ କରାଯାଇଛି । ଡିସେମ୍ବର ୨୦, ୨୦୧୯ରେ ପ୍ରକାଶିତ ପତ୍ର ସୂଚନା ବ୍ୟୁରୋ (ପିଆଇବି) ଏକ ବିଜ୍ଞପ୍ତି ଅନୁସାରେ ନାଗରିକତା ପ୍ରମାଣ କରିବା ପାଇଁ ଆଧାର, ଭୋଟର କାର୍ଡ ଏବଂ ପାସପୋର୍ଟ ଯଥେଷ୍ଟ ନୁହେଁ । ଯଦି ଜଣଙ୍କ ପାଖରେ ନିଜ ଜନ୍ମର ବିବରଣୀ ନାହିଁ; ତେବେ ପିତାମାତାଙ୍କ ବିଷୟରେ ସମାନ ବିବରଣୀ ଦେବାକୁ ପଡ଼ିବ । ଅଭିଭାବକଙ୍କ ଦ୍ୱାରା କୌଣସି ଦସ୍ତାବିଜ ଦାଖଲ ବାଧ୍ୟତାମୂଳକ ନୁହେଁ । ବର୍ତ୍ତମାନ ମଧ୍ୟ ଦେଶରେ ପ୍ରତ୍ୟେକ ଜନ୍ମ ଓ ମୃତ୍ୟୁ ପଞ୍ଜିକୃତ ହୋଇପାରୁନାହିଁ । ଦେଶରେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣରେ ବର୍ତ୍ତମାନର ଭିନ୍ନତାକୁ ଦୃଷ୍ଟିରେ ରଖି ବର୍ତ୍ତମାନର ସରକାରୀ ଭିତ୍ତିଭୂମି ଏନଆରସି ଆରମ୍ଭ କରିବା ପାଇଁ ଅନୁକୂଳ ନୁହେଁ । ଏହା ବିଶୃଙ୍ଖଳା, ଦ୍ୱନ୍ଦ୍ୱ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଇଛି । ଅନ୍ୟାନ୍ୟ କାଗଜପତ୍ର ବିଷୟରେ କହିବାକୁ ଗଲେ ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ପାଖରେ ଭୋଟର ପରିଚୟପତ୍ର ରହିବାର ସମ୍ଭାବନା ନାହିଁ । ଯଦି ସେମାନେ ଦଶମ କିମ୍ବା ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇନାହାନ୍ତି (ଏବଂ ସେଥିପାଇଁ ସେହି ପ୍ରମାଣପତ୍ର ନାହିଁ), ତେବେ ଜନ୍ମ ପ୍ରମାଣପତ୍ର ହେଉଛି ସେମାନଙ୍କର ଜନ୍ମ ସ୍ଥାନର ଏକମାତ୍ର ପ୍ରମାଣ । ଆସାମରେ ଚିଠା ଏନଆରସି ପ୍ରକାଶ ପାଇବା ପରେ ୪୦ ଲକ୍ଷ ଲୋକ ବାଦ୍ ପଡ଼ିଥିଲେ । ଏମାନଙ୍କ ମଧ୍ୟରେ ଅଧିକାଂଶ ପିଲା ଥିଲେ; କାରଣ ସେମାନଙ୍କର ଜନ୍ମ ପ୍ରମାଣପତ୍ର ନଥିଲା । ଶିକ୍ଷା ଅଧିକାର ଆଇନରେ ସ୍କୁଲ ନାମଲେଖା ପାଇଁ କୌଣସି କାଗଜପତ୍ରର ଆବଶ୍ୟକତା ନଥିବା ସତ୍ତ୍ୱେ ଦେଶବ୍ୟାପୀ ଜନ୍ମ ପ୍ରମାଣପତ୍ର ନଥିବା ପିଲାମାନେ ଘରୋଇ ବିଦ୍ୟାଳୟରେ ନାମ ଲେଖାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ନାଗରିକତା ଭଳି ଗୁରୁତ୍ୱପୂର୍ଣ୍ଣ କୌଣସି ଅଧିକାର ସହ ଜନ୍ମ ପ୍ରମାଣ ଯୋଡ଼ିବା ଭୟଙ୍କର ହେବା ଆଶଙ୍କା ରହିଛି । ୟୁନିସେଫ ରିପୋର୍ଟ ଅନୁଯାୟୀ, ଭାରତ ସମେତ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ, ଇଥିଓପିଆ, ନାଇଜେରିଆ ଓ ପାକିସ୍ତାନରେ ୧୬୬ ନିୟୁତ ଶିଶୁଙ୍କ ମଧ୍ୟରୁ ଅଧା ଶିଶୁଙ୍କର ଜନ୍ମ ପଞ୍ଜିକୃତ ହୋଇନାହିଁ । ଭାରତରେ ୭୭% ସହରାଞ୍ଚଳବାସୀ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ବାହାର କରୁଥିବାବେଳେ ୫୬.୫% ଗ୍ରାମାଞ୍ଚଳବାସୀଙ୍କର ଏହା ଉପଲବ୍ଧ । ସେହିପରି ଧନିକ ଶ୍ରେଣୀର ୮୨.୩%ଙ୍କ ନିକଟରେ ଉକ୍ତ ପ୍ରମାଣପତ୍ର ରହିଛି । ଅନୁସୂଚିତ ଜାତି ଓ ଜନଜାତିଙ୍କ ନିକଟରେ ଏହି ପ୍ରମାଣପତ୍ରର ଅଭାବ ରହିଛି । ଏହି ତାରତମ୍ୟ ଦୂର କରିବା ପାଇଁ ସରକାର ଯୋଜନା ଚଳାଇଛନ୍ତି ।

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୮ | ସଂଖ୍ୟା-୧୮ | ୧୩ - ୧୯ ମଇ, ୨୦୨୪ | ଭୁବନେଶ୍ୱର | Monday Weekly | VOL-8 | ISSUE-18 | 13th - 19th MAY, 2024 | BHUBANESWAR | ₹ 5/- (8 Pages)

### ଜନତାଙ୍କ କ୍ରୋଧ ବଢ଼ିଛି, ଏଥର ଓଡ଼ିଶାରେ ବିଜେପି ସରକାର : ମୋଦୀ

# ସିଏମ୍‌ଙ୍କ ଉପରେ ସୁପର ସିଏମ୍ ଅଛନ୍ତି

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ଓଡିଶାର କନ୍ଧମାଳ, ବଲାଙ୍ଗୀର ଓ ବରଗଡରେ ଆୟୋଜିତ ବିଶାଳ ଜନସଭା ଗୁଡିକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଜେଡି ସରକାର ଉପରେ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକୁ ଲାଗୁ କରାଇ ଦେଉ ନ ଥିବା ଓ ଚାଷୀ ମାନଙ୍କୁ ଅଣଦେଖା କରୁଥିବା ନେଇ ଟାର୍ଗେଟ କରିଛନ୍ତି। ଏହି ଅବସରରେ ସେ କଂଗ୍ରେସ ଉପରେ ମଧ୍ୟ ଆକ୍ରମଣ କରିଛନ୍ତି। ସେ ମହାପ୍ରଭୁ ଜଗନ୍ନାଥଙ୍କ ରତ୍ନଭଣ୍ଡାରର ଚାବି ହଜିବାକୁ ନେଇ ମଧ୍ୟ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଗୁଡିକରେ କେନ୍ଦ୍ର ମନ୍ତ୍ରୀ ତଥା ସମ୍ବଲପୁରରୁ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ, କନ୍ଧମାଳର ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ, ବଲାଙ୍ଗୀରରୁ ପ୍ରାର୍ଥୀ ସଂଗୀତା ସିଂହଦେଓ ଓ ବରଗଡରୁ ପ୍ରାର୍ଥୀ ପ୍ରଦୀପ ପୁରୋହିତ ଉପସ୍ଥିତ ଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ତୁଳା ବେହେରା ନାମକ ଜଣେ ମା ଆସି ମୋତେ ସମ୍ମାନ କଲେ ଓ ତାଙ୍କ କାହାଣୀ ଶୁଣି ମୁଁ ଭାବ ବିଭୋର ହୋଇଗଲି। ତୁଳା ବେହେରା ମା ଭିକ୍ଷା ମାଗିଥାନ୍ତି ଓ ସେ ଭିକ୍ଷା ମାଗି ଭଗବାନ ଜଗନ୍ନାଥଙ୍କୁ ଏକ ଲକ୍ଷ



ଟଙ୍କା ସମର୍ପିତ କରିଛନ୍ତି। ଏଭଳି ପବିତ୍ର ମନ ବିଶିଷ୍ଟ ମା ଯେତେବେଳେ ମୋତେ ଆଶୀର୍ବାଦ ଦେବାକୁ ଆସିଲେ, ମୋତେ ଲାଗୁଛି ଯେ ପୂରା ଓଡିଶା ମୋତେ ଆଶୀର୍ବାଦ ଦେଉଛି। ମୋତେ ଓଡିଶାର ଗ୍ରାମୀଣ ଭାଷାରେ କବିତା ଲେଖୁଥିବା ପୂର୍ଣମାସୀ ଜାନୀଙ୍କୁ ପଦ୍ମ ପୁରସ୍କାର ଦେବାକୁ ମୋତେ ସୌଭାଗ୍ୟ ମିଳିଛି। ଭୁବନେଶ୍ୱରରେ ଅପାର ଜନସମୂହ ବିଜେପିକୁ ପ୍ରଚଣ୍ଡ ଆଶୀର୍ବାଦ ଦେଉଥିଲା ଓ ମୁଁ ଓଡିଶାର ଜନ ସାଧାରଣଙ୍କ ଏହି ସ୍ନେହର ଋଣକୁ ଓଡିଶାକୁ ବିକଶିତ କରିବାକୁ ଅଧିକ ପରିଶ୍ରମ କରି ପରିଶୋଧ କରିବି। ବିଜେପି ବଲାଙ୍ଗୀରର ନରସିଂହ ପ୍ରସାଦ ଗୁରି ଜୀଙ୍କ ବ୍ୟତୀତ ଚଳିତ ବର୍ଷ ବିନୋଦ କୁମାର ପଶାୟକ, ଭାଗବତ ପ୍ରଧାନ, ଗୋପୀନାଥ ଓ ବିନୋଦ ମହାରଣାଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛି। ଶ୍ରୀ ମୋଦୀ କହିଛନ୍ତି ଯେ ୨୬ ବର୍ଷ ପୂର୍ବେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ପୋଖରଣ ଠାରେ ପରମାଣୁ ପରୀକ୍ଷଣ କରିଥିଲେ ଓ ବିଜେପି ଦେଖାଇ ଦେଇଥିଲା ଯେ ଦେଶ ଭକ୍ତିରେ ଓତପ୍ରୋତ ସରକାର ଦେଶର ସ୍ୱାର୍ଥ ଓ ଦେଶର ସୁରକ୍ଷା ପାଇଁ କିପରି କାମ କରିଥାଏ। ବିଜେପି ସରକାର ଦ୍ୱାରା କରାଯାଇଥିବା ପରମାଣୁ ପରୀକ୍ଷଣ ପ୍ରତ୍ୟେକ ଦେଶରେ ରହୁଥିବା ଭାରତୀୟ ମାନଙ୍କୁ ଗର୍ବରେ ଓତୋପ୍ରତ କରି ଦେଇଥିଲା। ତାହା ଗୋଟିଏ ଦିନ ଥିଲା ଯେତେବେଳେ ଭାରତ ବିଶ୍ୱରେ ନିଜର ସାମର୍ଥ୍ୟର ପରିଚୟ କରାଇଥିଲା ଓ ଅନ୍ୟ ପଟେ କଂଗ୍ରେସ ବାରମ୍ବାର ନିଜ ଦେଶକୁ ଡରାଇବାର ପ୍ରୟାସ କରିଛି। କଂଗ୍ରେସ ନେତା ପାକିସ୍ତାନ ନିକଟରେ ପରମାଣୁ ଅସ୍ତ୍ର ଥିବା ଧମକ ଦେଇ ଦେଶର ମନକୁ ମାରୁଛନ୍ତି, କିନ୍ତୁ ପାକିସ୍ତାନର ଅବସ୍ଥା ଏତେ ଖରାପ ଯେ, ଏହି ଦେଶ ପରମାଣୁ ଅସ୍ତ୍ରକୁ ସମ୍ଭାଳିବାର ସ୍ଥିତିରେ ନାହିଁ ଏବଂ ଏହି ଅସ୍ତ୍ରକୁ ବି କେହି କିଣିବାକୁ ପ୍ରସ୍ତୁତ ନାହାନ୍ତି। କଂଗ୍ରେସର ଏହି ଦୁର୍ବଳ ଆଭିମୁଖ୍ୟର କାରଣରୁ ଜମ୍ମୁ କଶ୍ମୀର ୬୦ ବର୍ଷ ଯାଏ ଆତଙ୍କବାଦକୁ ସହିଛି ଏବଂ କଂଗ୍ରେସ ଆତଙ୍କବାଦୀଙ୍କୁ ଶିକ୍ଷା ଦେବା ବଦଳରେ ଆତଙ୍କୀ ସଙ୍ଗଠନ ସହିତ ବୈଠକ କରିଥାଏ। ୨୬/୧୧ରେ ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ କଂଗ୍ରେସର ସାହସ ନଥିଲା, ଯେ ଆତଙ୍କବାଦୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ କାରଣ କଂଗ୍ରେସକୁ ଭୋଟବ୍ୟାଙ୍କର ଡର ଥିଲା। କଂଗ୍ରେସର ଯୁବରାଜ ୨୦୧୪, ୨୦୧୯ ଓ ୨୦୨୪ର ନିର୍ବାଚନୀ ଭାଷଣରେ ଗୋଟିଏ ହିଁ ସ୍କ୍ରିପ୍ଟ ପଢିଚାଲିଛନ୍ତି ଏବଂ ଏବେ ଲିଖିତ ଭାବେ ରଖିବା ବିଷୟରେ କଥା କହୁଛନ୍ତି, କିନ୍ତୁ କଂଗ୍ରେସ ଏବେ ଲେଖିକି ରଖୁ ଯେ, ଏଥର ଲୋକେ ଏନଡିଏକୁ ୪ଶହରୁ ଅଧିକ ସିଟରେ ବିଜୟୀ କରିବାରେ ଏବଂ କଂଗ୍ରେସକୁ ଅଧିକୃତ ବିରୋଧୀ ପାଇଁ ଆବଶ୍ୟକ ସିଟ ବି ନଦେବାକୁ ସ୍ଥିର କରିନେଇଛନ୍ତି। କଂଗ୍ରେସ ୫୦ରୁ କମ୍ ସିଟରେ ସୀମିତ ରହିବ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସଂକଳ୍ପ ପାଇଁ ଏହି ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ଲୋକଙ୍କର ଗୋଟିଏ ଗୋଟିଏ ଭୋଟ ବହୁତ ଆବଶ୍ୟକ ଅଟେ। ଓଡ଼ିଶା ଏହି ନିର୍ବାଚନରେ ପ୍ରଥମ ଥର ଡବଲ ଇଂଜିନ ସରକାର ଏବଂ ପୂରା ୨୧ସିଟରେ ବିଜେପିକୁ ବିଜୟୀ କରିବାକୁ ସ୍ଥିର କରିଛି। ବିଜେପି 'ବିକାଶ ବି ଏବଂ ଐତିହ୍ୟ ବି' ମନ୍ତ୍ର ନେଇ ଦେଶକୁ ଆଗକୁ ବଢାଉଛି। ବିଜେପି ସରକାରରେ ହିଁ ଦେଶର ୫ଶହ ବର୍ଷର ପ୍ରତୀକ୍ଷା ପୂରଣ ହୋଇଛି ଏବଂ ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ଦେଖି ଆଜି ଦେଶକୁ ଗର୍ବ ହେଉଛି। ରାମଲଲା ବି ଦେଶକୁ ଆଶୀର୍ବାଦ ଦେଉଛନ୍ତି। ରାଜ୍ୟ ବିଜେପି ବି ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ସମର୍ପିତ ଅଟେ। ରାଜ୍ୟରେ ବିଜେପି ସରକାର ଗଠନ ହେଲେ ଓଡ଼ିଶା ଓ ଓଡ଼ିଆ ଭାଷା ଓ ସଂସ୍କୃତି ସହିତ ଜଡିତ ନିଜର ମୁଖ୍ୟମନ୍ତ୍ରୀ ମିଳିବ ଏବଂ ଜୁନ ୪ରେ ବିଜେଡି ସରକାରର ଏକ୍ସପାଏରୀ ତାରିଖ ଅଟେ। ସମସ୍ତେ ଜାଣନ୍ତି ଯେ, ବିଜେଡି ସରକାର ଓଡ଼ିଶାରେ ବିକାଶ କାର୍ଯ୍ୟ କରିବାରେ ବିଫଳ ରହିଛି। ସମସ୍ତେ ଜାଣନ୍ତି ଯେ, ବିଜେଡି ସରକାର କିଏ ଚଳାଉଛି ? ବିଜେଡିରେ ଜଣେ ସୁପର ସିଏମ ଅଛି, ଯିଏ ଲୋକଙ୍କ ଦ୍ୱାରା ଚୟନ ହୋଇନାହିଁ, ➤ ପୃ-୬

## କନ୍ଧମାଳରେ ବିଜୟ ପଥରେ ସୁକାନ୍ତ

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କନ୍ଧମାଳ ଗସ୍ତ ପରେ ବିଜେପି ସାଂସଦ ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀଙ୍କ ସପକ୍ଷରେ ପ୍ରବଳ ଜନସମର୍ଥନ ଦେଖିବାକୁ ମିଳୁଛି। କହିବାକୁ ଗଲେ ଏବେ କନ୍ଧମାଳ ସମ୍ପୂର୍ଣ୍ଣ ପଦ୍ମଫୁଲ ମୟ। ସମସ୍ତଙ୍କ ମୁହଁରେ ସୁକାନ୍ତଙ୍କ ଜିତିବାର ଚର୍ଚ୍ଚା। ଏହି ସଂକଳ୍ପ ସମାବେଶରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ବିଜେପି ପାଇଁ ଭୋଟ ଭିକ୍ଷା କରିବା ସହିତ କହିଥିଲେ ଯେ, ତୁଳା ବେହେରା ନାମକ ଜଣେ ମା' ଆସି ମୋତେ ସମ୍ମାନ କଲେ ଓ ତାଙ୍କ କାହାଣୀ ଶୁଣି ମୁଁ ଭାବ ବିଭୋର ହୋଇଗଲି। ତୁଳା ବେହେରା ମା' ଭିକ୍ଷା ମାଗିଥାନ୍ତି ଓ ସେ ଭିକ୍ଷା ମାଗି ଭଗବାନ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏକ ଲକ୍ଷ ଟଙ୍କା ସମର୍ପିତ କରିଛନ୍ତି। ଏଭଳି ପବିତ୍ର ମନ ବିଶିଷ୍ଟ ମା'



ଯେତେବେଳେ ମୋତେ ଆଶୀର୍ବାଦ ଦେବାକୁ ଆସିଲେ, ମୋତେ ଲାଗୁଛି ଯେ ପୂରା ଓଡିଶା ମୋତେ ଆଶୀର୍ବାଦ ଦେଉଛି। ଉକ୍ତ ସମାବେଶରେ ସୁକାନ୍ତଙ୍କ ସପକ୍ଷରେ ଜନମତ ସୃଷ୍ଟି କରିବା ପାଇଁ ପ୍ରଧାନମନ୍ତ୍ରୀ କନ୍ଧମାଳବାସୀଙ୍କୁ ଆହ୍ୱାନ ଦେଇଥିଲେ। ସୁକାନ୍ତ ଏବେ ଘରକୁ ଘର ବୁଲି ଭୋଟରମାନଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିବା ସହିତ ସମସ୍ତଙ୍କ ସୁଖଦୁଃଖ ପଚାରି ବୁଝୁଛନ୍ତି। ସଂସଦକୁ ଯିବା ପରେ କନ୍ଧମାଳର ବିକାଶ ସହିତ ସାଧାରଣ ଜନତାଙ୍କ ସ୍ୱପ୍ନ ପୂରଣ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଉଛନ୍ତି। ଆଗାମୀ ଦିନରେ କନ୍ଧମାଳର କିପରି ବିକାଶ ହୋଇପାରିବ ସେ ନେଇ ନକ୍ସା ପ୍ରସ୍ତୁତ ସରିଥିବା କଥା କହିଛନ୍ତି ସୁକାନ୍ତ। ଜନସାଧାରଣଙ୍କୁ ସମ୍ବୋଧିତ କରି ସେ ଯୋଡି ଫୁଲରେ ମୋହର ମାରିବାକୁ ➤ ପୃ-୬

## ଜୟଦେବରେ ହାରିବା ଆଶଙ୍କାରେ ଢାଲି

**ବାଲିପାଟଣା :** ବିଜେଡି ବିଧାୟକ ଅରବିନ୍ଦ ଢାଲି ବିଜେଡି ଛାଡି ବିଜେପିରେ ଯୋଗ ଦେଇ ଜୟଦେବ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଛନ୍ତି। ସେଠାରେ ବିଜେଡିର ପ୍ରାର୍ଥୀ ହୋଇଛନ୍ତି ନବକିଶୋର ମଲ୍ଲିକ। ଜୟଦେବ ନିର୍ବାଚନ ମଣ୍ଡଳୀରୁ ବିଜେପି ବିଧାୟକ ପ୍ରାର୍ଥୀ ଭାବେ ଅରବିନ୍ଦ ଢାଲିଙ୍କୁ ଟିକେଟ ମିଳିବା ପରେ ପ୍ରଥମେ ତାଙ୍କ ସମର୍ଥକମାନେ ଉତ୍ସାହିତ ଥିଲା ବେଳେ ଏବେ ତାଙ୍କ ମନରେ ଆଉ ସେ ପୁରୁଣା ଉତ୍ସାହ ନାହିଁ। ଯେଉଁଥିପାଇଁ ସେ ଢାଲିଙ୍କ ଠାରୁ ଦୂରେଇ ଯାଉଛନ୍ତି। କେବଳ ସେତିକି ନୁହେଁ ସେମାନେ ବୁଲି ବୁଲି ପ୍ରଚାର କରୁଛନ୍ତି ଯେ, ଏଥର ଜୟଦେବରୁ ନିଶ୍ଚୟ ପରାଜୟବରଣ କରିବେ ଢାଲି। ଜୟଦେବ ନିର୍ବାଚନ ମଣ୍ଡଳୀର ବିଜେପି କର୍ମୀମାନେ ଢାଲିଙ୍କ ପ୍ରାର୍ଥୀତ୍ୱକୁ ନେଇ ଅସନ୍ତୋଷ ଜାହିର କରୁଛନ୍ତି। କିଛିଦିନ ତଳେ



ବିଜେପିରୁ ଅନ୍ୟତମ ଟିକେଟ ଆଶାୟୀ ସମାଜସେବୀ ସତ୍ୟପ୍ରିୟ ବେହେରାଙ୍କ ସମର୍ଥକ ବାଲିପାଟଣା ଛକକୁ ଶୋଭାଯାତ୍ରାରେ ଯାଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ବିଧାୟକ ଢାଲିଙ୍କ କୁଶ ପୁତ୍ତଳିକା ଦାହ କରି ବିଭିନ୍ନ ନାରା ବାଜି ଦେଇଥିଲେ। ଦୁଇଥର ବିଧାୟକ ଶ୍ରୀ ଢାଲି ବିଗତ ଦିନରେ ଜୟଦେବରେ ➤ ପୃ-୬

### ମୋଦୀଙ୍କୁ ନବୀନଙ୍କ କାଉଣ୍ଟର

## ଜୁନ୍ ୧୦ ନୁହେଁ ଆଗାମୀ ୧୦ ବର୍ଷରେ ବି ଓଡ଼ିଶାରେ ଆସିବନି ବିଜେପି

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାରେ ନିର୍ବାଚନୀ ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନେଇ ଦେଇଥିବା ମନ୍ତବ୍ୟର କଡା ଜବାବ ଦେଇଛନ୍ତି ନବୀନ। ଓଡ଼ିଶରେ ବିଜେପି ସରକାର ଗଠନ ନେଇ ମୋଦୀ ଦେଇଥିବା ତାରିଖକୁ କଟାକ୍ଷ କରି ନବୀନ କହିଛନ୍ତି ଜୁନ୍ ୧୦ ନୁହେଁ ଆଗାମୀ ୧୦ ବର୍ଷରେ ବି ଓଡ଼ିଶାରେ ଆସିବନି ବିଜେପି ସରକାର। ଓଡ଼ିଶାର ଲୋକ ଜାଣନ୍ତି କିଏ କଣ କରୁଛି, ଏଣୁ ବିଜେପି ଖାଲି ଅଜଥା କଥା କହିବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି ' ମୋର କଣ ମନେ ଅଛି କି ନାହିଁ ଓଡ଼ିଶାବାସୀ ୨୪ ବର୍ଷ ହେଲା ଜାଣିଛନ୍ତି'



ହେଲେ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ କେତେ ମନେ ରଖିଛନ୍ତି ତାହା କୁହନ୍ତୁ। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଓଡ଼ିଆ ଭାଷାକୁ ଭୁଲିଗଲେ। ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇବା ପରେ ଓଡ଼ିଶାକୁ ଟଙ୍କା ଟିଏ ଦେଲେ ନାହିଁ। ସଂସ୍କୃତକୁ ହଜାରେ ➤ ପୃ-୬

### ବକ୍ରବାଣୀ



ସାଙ୍ଗ ସାଥୀ ନେଇ ଟୋକାଟା ଗଲା
ଗାଡ଼ି ତେଲ ଟଙ୍କା ପ୍ରାର୍ଥୀଟା ଦେଲା
ବିଜେପି ରାଲିରେ ସକାଳେ ଥିଲା
ସନ୍ଧ୍ୟାରେ ବିଜେଡ଼ି ରାଲିରେ ଗଲା
କାଲି ଅଛି ପୁଣି କଙ୍ଗ୍ରେସ୍ ରାଲି
ମଦ ପିଇ ଆଉ ପାରୁନି ଚାଲି
ତଥାପି କାଲି ସେ ରାଲିରେ ଯିବ
ସାଙ୍ଗ ସାଥୀ ସହ ମଜା କରିବ
ଏମିତି ଚାଲିଛି ଆମ ଗରବ
ଗଣତନ୍ତ୍ରର ଏ ମହାପରବ।

——— ଟୁଟୁ

## କଣ୍ଟାମାଳ ବିଧାନସଭା ଆସନରୁ ଏଥର କିଏ ?

### ତୃତୀୟଥର ପାଇଁ କହ୍ନେଇ, ହ୍ୟାଟ୍ରିକ ଲକ୍ଷ୍ୟରେ ମହୀଧର ଓ ଆତ୍ମସମ୍ମାନ ଅପେକ୍ଷାରେ କଂଗ୍ରେସର ସରୋଜ

**ସୁବର୍ଣ୍ଣପୁର,(ଉଗ୍ରସେନ କର୍ମୀ):** ଓଡିଶାର ଦ୍ୱିତୀୟ ପର୍ଯ୍ୟାୟର ପ୍ରାର୍ଥୀପତ୍ର ପ୍ରତ୍ୟାହାର ଏବଂ ଚୂଡାନ୍ତ ପ୍ରାର୍ଥୀ ତାଲିକା ପରେ ଚଳଚଞ୍ଚଳ ହୋଇଛି ନିର୍ବାଚନ କ୍ଷେତ୍ର। ଏଦିଗରେ ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡ଼ି, ବିଜେପି ଓ କଂଗ୍ରେସର ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ ହୋଇଯାଇଛି। ବୌଦ୍ଧ ଜିଲ୍ଲା ସବୁଠୁ ଉତପ୍ତ ହୋଇଥିବାରୁ ଦଳୀୟ ପ୍ରାର୍ଥୀ ଉପରଓଳି ଠାରୁ ରାତ୍ର ପର୍ଯ୍ୟନ୍ତ ପ୍ରଚାର ପାଇଁ ସମୟ ନିର୍ଘଣ୍ଟ କରିଛନ୍ତି। ବିଜେପି ବିଧାୟକ ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ ତାଙ୍କର ସହକର୍ମୀଙ୍କ ସହ ଜିଲ୍ଲାର ୧ନଂ ଜୋନରେ ପ୍ରଚାର ଜୋରଦାର କରିଛି। ପ୍ରଥମେ ଘଣ୍ଟାପଡ଼ା ଜୋନର କୁଲୁତାଯୋର ପଞ୍ଚାୟତର ଫାସେଡ଼ ଗ୍ରାମରେ ବିଜେପିର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ



ଚଞ୍ଚଳ ସେଠୀ, ଗତଥର ପରାଜିତ ସରପଞ୍ଚ ପ୍ରାର୍ଥୀ ପ୍ରମୋଦ ଭୋଇ ଓ ତାଙ୍କ ସମର୍ଥକ ବିଜେପିରେ ଯୋଗଦେବା ପରେ ଗାଁରେ ଘରକୁ ଘର ଭୋଟ ଭିକ୍ଷା କରିଥିଲେ। ତାପରେ ଖମନମୁଣ୍ଡା ପଞ୍ଚାୟତ, ଖୁଣ୍ଟିଗୋରା ପଞ୍ଚାୟତ ଓ ଉମା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି ➤ ପୃ-୬

## ଆଗାମୀ ପିଢ଼ିର ନିର୍ମାଣ ବିଜେପିର ଲକ୍ଷ୍ୟ : ଅପରାଜିତା

**ଭୁବନେଶ୍ୱର :** ଓଡିଶା ହେଉଛି ଅନନ୍ତ ସମ୍ଭାବନାର ପ୍ରଦେଶ। ପ୍ରାକୃତିକ ଓ ମାନବ ସମ୍ପଦରେ ଭରପୁର ଓଡ଼ିଶା। ଓଡ଼ିଶାରେ ଦୀର୍ଘ ୨୫ବର୍ଷ ବିଜେଡି ସରକାରରେ ରହିଛି। ମୁଣ୍ଡ ପିଛା ଆୟରେ ଓଡ଼ିଶା ୨୫ନମ୍ବରରେ ଅଛି। ଅନ୍ତର୍ଜାତୀୟ ଶ୍ରମ ସଂସ୍ଥା ୨୦୨୪ ରିପୋର୍ଟ ଅନୁସାରେ-ଦେଶର ୨୨ଟି ରାଜ୍ୟର ଦରିଦ୍ର ହାରକୁ ନିଖୁଣ ଭାବେ ବର୍ଣ୍ଣନା କରିଛି ଏବଂ ଓଡ଼ିଶାର ସ୍ଥାନ ହେଉଛି ୨୨। ୪୩ ପ୍ରତିଶତ ଶିକ୍ଷିତ ଯୁବକ ଓ ଯୁବତୀ ବେରୋଜଗାର ଅଛନ୍ତି ଓ ଏମାନେ ଅନ୍ୟ ରାଜ୍ୟ (ସୁରତ, ହାଇଦ୍ରାବାଦ, ବାଙ୍ଗାଲୋର, କେରଳର ଇଟାଭାଟି)କୁ ଦାଦନ ଖଟିବାକୁ ଯାଉଛନ୍ତି। ବିଜେପି ସରକାର ଓଡ଼ିଶାରେ ଆସିଲା ପରେ "ସବୁ ହାତକୁ କାମ, ସବୁ କ୍ଷେତକୁ ପାଣି ଓ ସବୁ ମଣ୍ଡ ଉପରେ ଛାତ"ର ସଂକଳ୍ପର ପ୍ରତିଶୃତିକୁ ପୂରଣ କରିବ। ୨୦୨୯ସୁଦ୍ଧା ୧ କୋଟି ଟ୍ରିଲିୟନ ଡଲାରର ଅର୍ଥବ୍ୟବସ୍ଥା ହେବ। ବିଜେପି ସଂକଳ୍ପ ପତ୍ରର



ଲକ୍ଷ୍ୟ ହେଉଛି ସମସ୍ତଙ୍କ କଲ୍ୟାଣ ଏବଂ ସାମଗ୍ରିକ ବିକାଶ ସହିତ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା, ଦୁର୍ନୀତିର ମୂଳପ୍ରୋଟାନ, ଆଗାମୀ ଭବିଷ୍ୟତ ନିର୍ମାଣ, ମହିଳା ଓ ଯୁବବର୍ଗର ବିକାଶ, କୃଷକର ଆର୍ଥୀକ ଅଭିବୃଦ୍ଧି ବୋଲି ରାଷ୍ଟ୍ରୀୟ ମୁଖପାତ୍ର ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ବିଜେପିର ସଂକଳ୍ପ ହେଉଛି, ବିକଶିତ ଓଡ଼ିଶା ଗଠନ। ଜଳ ଜୀବନ ମିଶନ ଅନ୍ତର୍ଗତ ଆଗାମୀ ଦିନରେ ଓଡ଼ିଶାରେ ୨୬ଲକ୍ଷ ଘର ପର୍ଯ୍ୟନ୍ତ ପାଇପ ଯୋଗେ ପାଣି ଯୋଗାଇ ଦିଆଯିବ। କେନ୍ଦ୍ର ସରକାର ଏହି ଯୋଜନା ଦ୍ୱାରା ଓଡିଶାକୁ ୧୦ହଜାର କୋଟି ଦେଲେ କିନ୍ତୁ ଆଜି ବି ବିଶୁଦ୍ଧ ପାନୀୟ ଜଳ ମିଳୁନାହିଁ। ଓଡ଼ିଶା ସରକାର ସକ୍ରିୟ ନୁହନ୍ତି। ମୋଦି ସରକାର ଓଡ଼ିଶାର ବିକାଶ ପାଇଁ ଟଙ୍କା ଦେବାକୁ ବସିଛନ୍ତି କିନ୍ତୁ ରାଜ୍ୟ ସରକାର ତାହା ଖର୍ଚ୍ଚ କରିବାରେ ବିଫଳ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ଲକ୍ଷ ଗ୍ରାମାଂଚଳ ଓ ୫ଲକ୍ଷ ସହରାଞ୍ଚଳରେ ଘର ତିଆରି କରାଯିବ। କିନ୍ତୁ ପୋର୍ଟାଲରେ ନାମ ଚଢ଼ାଇବା ପାଇଁ ନବୀନ ବାବୁ ଯୋଗ୍ୟ ହିତାଧିକାରୀଙ୍କ ଲିଷ୍ଟ ଦେଲେ ନାହିଁ। ଏଥିପାଇଁ ଅର୍ଥ ବରାଦ କରିବାରେ ବିଳମ୍ବ ହେଲା। ଲୋକେ ଆବାସ ନପାଇ ଚାଳଘରରେ ରହୁଛନ୍ତି। ବିଜେପି ସରକାରକୁ ➤ ପୃ-୬

# ଦେଶର ଶ୍ରେଷ୍ଠ ୩ ଅର୍ଥନୈତିକ ବିକଶିତ ରାଜ୍ୟରେ ପରିଣତ ହେବ ଓଡିଶା

**ଭୁବନେଶ୍ୱର:** ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସମଗ୍ର ଇକୋସିଷ୍ଟମକୁ ଶକ୍ତିଶାଳୀ କରାଯିବ। ଯାହା ଓଡିଶାକୁ ଦେଶର ଶ୍ରେଷ୍ଠ ତିନୋଟି ଅର୍ଥନୈତିକ ବିକଶିତ ରାଜ୍ୟରେ ପରିଣତ କରିବ। ଖଣିଜ ଭିତ୍ତିକ ଶିଳ୍ପ ବ୍ୟତୀତ ସେମିକଣ୍ଡକ୍ଟର, ଆଇଟି ଶିଳ୍ପ, କୃତ୍ରିମ ବୁଦ୍ଧିମତା ଇତ୍ୟାଦି ସହିତ ନୂତନ ଯୁଗ, ବୈଷୟିକ ଏବଂ ନୂତନ ଅର୍ଥନୀତି ଉପରେ ଧ୍ୟାନ ଦିଆଯିବ। ଓଡ଼ିଶା ପୂର୍ବ ଭାରତର ଆଇଟି ରାଜଧାନୀ ହେବ ବୋଲି ଇସ୍ତାହାରରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଉତ୍ପାଦନ ନିବେଶକୁ ଆକର୍ଷିତ କରିବାରେ ଆମେ ଆଗେଇ ଆସିବା। ପରିବେଶ ଅନୁକୂଳ ପର୍ଯ୍ୟଟନ ପାଇଁ ୧୦୦ଟି ସ୍ଥାନ ଉପରେ ଧ୍ୟାନ ଦିଆଯିବ। ଖ୍ୟାତି ସମ୍ପନ୍ନ ବୈଷୟିକ ଏବଂ ପରିଚାଳନା ସଂସ୍ଥା ଓଡ଼ିଶାରେ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ଉତ୍ସାହିତ ହେବେ। ଏହା ଓଡ଼ିଶାର ଯୁବକମାନଙ୍କ ଦ୍ୱାରା ସଶକ୍ତ ହେବ। ଯୋଜନାବଦ୍ଧ ସହରୀକରଣ ଅଭିବୃଦ୍ଧି, ଉତ୍ପାଦକତା ସୃଜନାତ୍ମକ ଏବଂ ପରିବର୍ତ୍ତନ ବୃଦ୍ଧି କରିବ। ଆଗାମୀ ୧୦ ବର୍ଷରେ ଆମେ ସହରୀ ଜନସଂଖ୍ୟାକୁ ଦ୍ୱିଗୁଣିତ କରିବୁ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଉତ୍ତମ ଗୁଣବତ୍ତା ସଂପୂର୍ଣ୍ଣ ସୁବିଧା ସୁଯୋଗ ନିମ୍ନଲିଖିତ ଅଞ୍ଚଳ ଗୁଡିକ ପାଇଁ ଯୋଗାଇ ଦିଆଯିବ। ୪ଟି ମେଗା ସହରୀ କ୍ଲଷ୍ଟର ଯୋଜନା କରାଯାଇଛି। ସେମାନଙ୍କ ମଧ୍ୟରେ ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପୁରୀ କ୍ଲଷ୍ଟର। ସମ୍ବଲପୁର- ଝାରସୁଗୁଡା-ରାଉରକେଲା କ୍ଲଷ୍ଟର, ବାରିପଦା - ବାଲେଶ୍ୱର-ଭଦ୍ରକ କ୍ଲଷ୍ଟର ଏବଂ ବ୍ରହ୍ମପୁର - ଛତ୍ରପୁର - ଗୋପାଳପୁର କ୍ଲଷ୍ଟର ଯୋଜନା କରାଯାଇଛି।



ଏହାସହ ୨୦ଟି ପ୍ରମୁଖ ସହର ବଲାଙ୍ଗୀର, କୋରାପୁଟ-ଜୟପୁର, ବରଗଡ, ରାୟଗଡା, ଭବାନୀପାଟନା, ପାରାଦୀପ, ଢେଙ୍କାନାଳ, ଯୋଡା-ବଡ଼ବିଲ, କେନ୍ଦୁଝର, ଅନଗୁଳ, ମାଲକାନଗିରି, ନବରଙ୍ଗପୁର, ପାରଳାଖେମୁଣ୍ଡି, ଫୁଲବାଣୀ, ବୌଦ୍ଧ, ସୋନପୁର, ଦେବଗଡ, କେନ୍ଦ୍ରାପଡା ଓ ନୟାଗଡ଼କୁ ବିକଶିତ କରାଯିବ। ଏହି ସହରୀ କ୍ଲଷ୍ଟର ଗୁଡ଼ିକ ଚାହିଦା ସୃଷ୍ଟି କରିବ ଏବଂ ଅର୍ଥନୈତିକ ଅଭିବୃଦ୍ଧିର କେନ୍ଦ୍ର ହେବ। ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ଅନ୍ୟାନ୍ୟ ସୁବିଧା ସହିତ ଏକ ଆନ୍ତର୍ଜାତୀୟ ସହର ଭାବରେ ବିକଶିତ ହେବ। ବିମାନ ବନ୍ଦର ସହିତ ୨୦ଟି ସମସ୍ତ ପ୍ରମୁଖ ସହର ସହିତ ଲକ୍ଷ୍ମୀ ବସ୍ ସଂଯୋଗ ରହିବ। ମେଟ୍ରୋ ଦ୍ୱାରା ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଏବଂ କଟକକୁ ସଂଯୋଗ କରିବ। ଏବଂ ପର୍ଯ୍ୟାୟ କ୍ରମେ ଏହା ସମ୍ପ୍ରସାରିତ ହେବ। ବିଜୁ ଅର୍ଥନୈତିକ କରିଡର ମାଧ୍ୟମରେ ପଶ୍ଚିମ ଏବଂ ଦକ୍ଷିଣ ଓଡିଶାର ବିକାଶ ଉପରେ ବିଶେଷ ଧ୍ୟାନ ରହିବ ବୋଲି ଘୋଷଣାପତ୍ରରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଣିକି 'ନୂଆ-ଓ' ଛାତ୍ରବୃତ୍ତିରେ ପୁଅଙ୍କୁ ବାର୍ଷିକ ୧୨ ହଜାର, ଝିଅଙ୍କୁ ୧୪ ହଜାର ଟଙ୍କା ମିଳିବ। ଆସନ୍ତା ୫ ବର୍ଷ ମଧ୍ୟରେ ୨ ଲକ୍ଷ ସରକାରୀ ଚାକିରି ପ୍ରଦାନ କରାଯିବ। ସ୍ୱୟଂ ଉଦ୍ୟୋଗୀ ଋଣର ପରିମାଣକୁ ୨ ଲକ୍ଷକୁ ବୃଦ୍ଧି କରାଯିବ। କୌଶଳ ଓ ଉଦ୍ୟୋଗୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବ। ଷ୍ଟେଟ୍ ଇନଷ୍ଟିଚ୍ୟୁଟ ଅଫ୍ ଫ୍ୟାଶନ ଟେକ୍ନୋଲୋଜି ପ୍ରତିଷ୍ଠା ହେବ। ଏଆଇ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ। ମାସକୁ ୧୦୦ ୟୁନିଟରୁ କମ୍ ବିଜୁଳି ବ୍ୟବହାର କରୁଥିବା ➤ ପୃ-୬



ସାଗରେ ରହିକି ଯିଏ
ଛଳ କରେ ତା'ଠୁ ବଡ
ଶତ୍ରୁ କେହି ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୩ - ୧୯ ମଇ, ୨୦୨୪

# କାହା ପାଇଁ କିଏ କାନ୍ଦୁଛି

ରାଜ୍ୟ ରାଜନୀତି ଏବେ ଉଠୁଛି ପଡୁଛି। ସାଧାରଣ ନିର୍ବାଚନ ପରିପ୍ରେକ୍ଷିରେ ପ୍ରଚାର ଯେତିକି ଯେତିକି ଆଗକୁ ବଢୁଛି ସେତିକି ସେତିକି ରୋଚକ ଦୃଶ୍ୟ ଦେଖିବାକୁ ମିଳୁଛି। ବିଜୁ ଜନତା ଦଳର ଦ୍ୱିତୀୟ ଷ୍ଟାର ପ୍ରଚାରକ ଭି କେ ପାଣ୍ଡିଆନ ବିଜେପିକୁ କଡା ଭାଷାରେ ସମାଲୋଚନା କରୁଥିଲା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାରରେ ଓଡିଶା ଆସି କହିଗଲେ ଯେ ଏଠାରେ ବିଜେଡି ଶାସନର ଅନ୍ତିମ ତାରିଖ ଆସିଗଲାଣି। ଏଥର ଓଡ଼ିଶାରେ ବିଜେପି ଶାସନ ଚାଲିବ। ଯାହାକୁ ନେଇ ପାଣ୍ଡିଆନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପଚାରୁଛନ୍ତି, ବିଜେପି କହୁଛି ରାଜ୍ୟରେ ଏଥର ଶାସନ କରିବ। ଉତ୍ତରରେ ନବୀନ କହୁଛନ୍ତି ବିଜେପି ଦିନରେ ସ୍ୱପ୍ନ ଦେଖୁଛି। କେବଳ ଏତିକିନୁହେଁ ବିଜେଡିର ପାଣ୍ଡିଆନ ଖୋଲାଖୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟାର୍ଗେଟ କରୁଛନ୍ତି। ଏହାର ଜବାବରେ ପାଣ୍ଡିଆନଙ୍କୁ ଧର୍ମେନ୍ଦ୍ର ଶାଣିତ କଟାକ୍ଷ କରି କହିଛନ୍ତି ଭିଡିଓରେ ମୁଖ୍ୟମନ୍ତ୍ରୀ, ଗୁମାସ୍ତାଙ୍କ ହାତରେ ରିମୋଟ। ରାଜ୍ୟରେ ବିଜେପି କ୍ଷମତାକୁ ଆସିଲେ ଦୁଇଗୁଣ ବିକାଶ ହେବ ବୋଲି କହିଛନ୍ତି ଧର୍ମେନ୍ଦ୍ର। ସେପଟେ ପାଣ୍ଡିଆନ ବିଜେପି ଉପରେ ପ୍ରଚଣ୍ଡ ଆକ୍ରମଣ କରି କହିଛନ୍ତି ମୁଖ୍ୟମନ୍ତ୍ରୀ ହେବାକୁ ଚେଷ୍ଟା କରୁଛନ୍ତି କେନ୍ଦ୍ରମନ୍ତ୍ରୀ। ଦିନରେ ସ୍ୱପ୍ନ ଦେଖି ଭାବୁଛନ୍ତି ନବୀନ ଏଥର ମୁଖ୍ୟମନ୍ତ୍ରୀ ହେବେନି ବୋଲି। ବିଜେପି ଓଡ଼ିଶାରେ ଶାସନକୁ ଆସିଲେ ରାଜ୍ୟ ୨୪ବର୍ଷ ପଛକୁ ଚାଲିଯିବ। ଏପଟେ ଧର୍ମେନ୍ଦ୍ର ବିଜେଡି ଉପରେ ବଡ଼ ଆକ୍ରମଣ କରି କହିଛନ୍ତି ମୁଖ୍ୟମନ୍ତ୍ରୀ ଜନସଭାରେ ଉତ୍ତର ନଦେଇ ବିମାନ ଭିତରେ ରହି ବିଜେପି ସ୍ୱପ୍ନ ଦେଖୁଥିବା କହିଛନ୍ତି। ମାତ୍ର ବିମାନ ଭିତରୁ ଦିବା ସ୍ୱପ୍ନ କହିବା ଠିକ କି ବୋଲି ପ୍ରଶ୍ନ ପଚାରିଛନ୍ତି ଧର୍ମେନ୍ଦ୍ର। ଓଡିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି ଏବଂ ଓଡ଼ିଆଙ୍କ ପାଇଁ ବିଜେପି ପକ୍ଷରୁ ଉନ୍ମୋଚିତ ସଂକଳ୍ପପତ୍ର ଉପରେ ଧର୍ମେନ୍ଦ୍ର କହିଛନ୍ତି ଯେ ବିଜେପିର ସଂକଳ୍ପପତ୍ରରେ ସବୁ ବର୍ଗ ବିଶେଷତଃ ଗରିବ, କୃଷକ, ମହିଳା, ମତ୍ସ୍ୟଜୀବୀ, ଯୁବବର୍ଗଙ୍କ କଲ୍ୟାଣ ସହ ବୁଣାକାରମାନଙ୍କ ବ୍ୟବସାୟକୁ ପ୍ରୋତ୍ସାହନ ଦେବା ଭଳି ଅନେକ ସଂକଳ୍ପ କରାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ସଂକଳ୍ପପତ୍ରରେ କୃଷକ କଲ୍ୟାଣକୁ ଜୋର ଦିଆଯାଇଛି। କିନ୍ତୁ ବିଜେପି ପକ୍ଷରୁ ଜାରି ନିର୍ବାଚନୀ ଇସ୍ତାହାରକୁ ସମାଲୋଚନା କରିଛି ବିଜେଡି। ପରିସ୍ଥିତି ଏଭଳି ହେଲାଣି ଯେ, ଆଉ ନବୀନ ବିଜେଡିର ଏକ ନମ୍ବର ଷ୍ଟାର ପ୍ରଚାରକ ନୁହଁନ୍ତି ବରଂ ପାଣ୍ଡିଆନ ହିଁ ଦଳର ସବୁକିଛି। ତେଣୁ ପାଣ୍ଡିଆନ ଚଳିତ ନିର୍ବାଚନରେ ବିଜେଡିର ମଙ୍ଗ ସମ୍ଭାଳୁଛନ୍ତି। ସେ ସିଧାସଳଖ ବିଜେପିକୁ ଆଟାକ କରିବା ସହିତ ଧର୍ମେନ୍ଦ୍ରଙ୍କୁ ସମାଲୋଚନା କରିଚାଲିଛନ୍ତି। ଏଥିରେ ଓଡ଼ିଆ ଅସ୍ମିତାର କଥା ମଧ୍ୟ ଉଠିଛି। ପାଣ୍ଡିଆନ କହିବା କଥା ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ଠାରୁ କେନ୍ଦ୍ର ଓଡ଼ିଆ ଭାଷା ସାହିତ୍ୟ ପାଇଁ କୌଣସି ଅନୁଦାନ ଦେଇନାହାନ୍ତି। ଏ କେମିତିକା କଥା, ଏ କଥା ତ ଆଗରୁ ଓଡିଶା ସରକାର କହିପାରିଥାନ୍ତେ ଓ କେନ୍ଦ୍ରକୁ ଲେଖି ପାରିଥାନ୍ତେ, ହେଲେ ନିର୍ବାଚନ ପ୍ରଚାର ବେଳେ କାହିଁକି ? କଥା ହେଉଛି,



ସମ୍ପାଦକୀୟ
ତାରକ ମହାନ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଆ ଭାଷା ଓ ଅସ୍ମିତା ସଂକଟରେ ଥିବା କହିବା ପରେ ବୋଧେ ବିଜେଡି ଅଧିକ ପ୍ରତିକ୍ରିୟାଶୀଳ ହୋଇପଡିଛି। ଯେହେତୁ ପାଣ୍ଡିଆନ ଏବେ ଦଳର ସବୁକିଛି ଓ ନବୀନ ନାମକୁ ମାତ୍ର ସେଥିପାଇଁ ସେ ଜବାବ ରଖୁଛନ୍ତି। ହେଲେ ଏଥିରେ ସତ୍ୟତା କେତେ ତାହା ସମସ୍ତେ ଜାଣନ୍ତି। କେନ୍ଦ୍ର ଓଡ଼ିଆ ଭାଷା ସାହିତ୍ୟ ପାଇଁ ଅନୁଦାନ ଦେବାରେ କେବେ କୁଣ୍ଠିତ ହୋଇନଥିବେ। ମାତ୍ର ନିର୍ବାଚନ ପ୍ରଚାର ପାଇଁ ତ ପ୍ରସଙ୍ଗ ଦରକାର, ବିରୋଧୀଙ୍କୁ ସମାଲୋଚନା କରିବା ଦରକାର। ତେଣୁ ଗତାନୁଗତିକ ଧାରା ଠାରୁ ପାଦେ ଆଗକୁ ଯାଇ ବିଜେଡି ବିଜେପିକୁ ଦୋଷ ଲଦି ଚାଲିଛି। ହେଲେ ଅସଲ କଥା ହେଉଛି, ମୋଦି ବିଜେଡିର ଶେଷ ଦିନ ତାରିଖ ଘୋଷଣା କରି ବିଚଳିତ କରିଦେଇଛନ୍ତି। ହୁଏତ ସେଇ ଭୟ ଏବେ ବିଜେଡିକୁ ଘାରିଲାଣି। ଗୋଟିଏ ପଟେ ନବୀନ ଆଉ ଆଗପରି ଦଳ ପରିଚାଳନାରେ ସକ୍ରିୟ ଥିବା ମନେହେଉନି। ତେଣୁ ଦାୟିତ୍ୱ ମୁଣ୍ଡେଇବା ଲୋକ ମୁଣ୍ଡରେ ଦୋଷ ଗଲା ଭଳି ପରିସ୍ଥିତି ହୁଏତ ପହଁଚିଛି। ଯାହା ଆଗରୁ କେବେ ଦେଖିବାକୁ ମିଳିନଥିଲା। ହୁଏତ ସରକାର ନକରିପାରିବା ଭୟ ବିଜେଡିକୁ ଅଧିକ ଘାରିଲାଣି। ବିଜେଡି ହାତରୁ ଯଦି କ୍ଷମତା ଖସିଯାଏ ତେବେ ଏହା କାଳ ସଦୃଶ ହେବ। କାରଣ ବିଜେପି ଯଦି କ୍ଷମତାକୁ ଆସେ ବିଜେଡି ସରକାରର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ। ସେ ପୁରୀ ପରିକ୍ରମା ପ୍ରକଳ୍ପ ହେଉ କି ୫ଟି ଅଧୀନରେ ହୋଇଥିବା କାର୍ଯ୍ୟର ତଦନ୍ତ ନିଶ୍ଚୟ କରିବ। ଏଭଳି ଯଦି ପରିସ୍ଥିତି ଉପୁଜେ ବିଜେଡି ମୁଖିଆଙ୍କ ସମେତ ତାଙ୍କ ନେତା ମନ୍ତ୍ରୀଙ୍କ ଅବସ୍ଥା କଣ ହେବ ତାହା ଚିନ୍ତାର ବିଷୟ। ତେଣୁ ୨୦୨୪ ନିର୍ବାଚନ ବିଜେଡି ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କଲାଣି। ଏକୁଟିଆ ପାଣ୍ଡିଆନ ମଞ୍ଚ ମଣ୍ଡନ କରି ନିର୍ବାଚନ ପ୍ରଚାର କରିବା ବିଜେଡିକୁ ମହାଙ୍ଗା ପଡିପାରେ। କାରଣ ଆଞ୍ଚଳିକ ସମସ୍ୟା ସ୍ଥାନୀୟ ନେତାଙ୍କ ଜରିଆରେ ସମାଧାନ ହୋଇଥାଏ। ହେଲେ ସିନେମାରେ ଡେବ୍ୟୁ ପରି ପାଣ୍ଡିଆନ ଓଡିଶା ରାଜନୀତିରେ ଏଣ୍ଟ୍ରି କରୁଛନ୍ତି। ଅନ୍ୟପକ୍ଷେ ବିଜେଡିର ଅନ୍ୟ ନେତା ଚୁପ ଥିଲାବେଳେ ଏକମାତ୍ର ପାଣ୍ଡିଆନ ଯିଏକି ଚଳିତ ନିର୍ବାଚନରେ ବିଜେଡିର ଷ୍ଟାର ପ୍ରଚାରକ ଭାବେ ପ୍ରଚାରକୁ ଜୋରଦାର କରିବା ସହିତ ବିଜେପିକୁ ଅସମ୍ଭବ ଭାବେ ସମାଲୋଚନା କରୁଛନ୍ତି। ସେ ଧର୍ମେନ୍ଦ୍ରଙ୍କୁ ଯେଭଳି ଆହ୍ୱାନ ଦେଉଛନ୍ତି ତାହା ପୂର୍ବରୁ କେବେ ହୋଇନଥିଲା। ଖୋଲାମଞ୍ଚରୁ ଧର୍ମେନ୍ଦ୍ରଙ୍କୁ ଆହ୍ୱାନ ଦେଇ ପାଣ୍ଡିଆନ ଷଷ୍ଠ ଥର ନବୀନ ମୁଖ୍ୟମନ୍ତ୍ରୀ ନହେଲେ ରାଜନୀତିରୁ ସନ୍ୟାସ ନେବା କଥା କହିଛନ୍ତି। ଉତ୍ତରରେ ନିର୍ବାଚନ ହାରିଗଲେ କେହି ରାଜନୀତି ଛାଡ଼ନ୍ତିନି ବୋଲି କହିଛନ୍ତି ଧର୍ମେନ୍ଦ୍ର। ଆରୋପ ପ୍ରତ୍ୟାରୋପ ରାଜନୀତି ଭିତରେ ରାଜଧାନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ଼ ସୋ ରାଜ୍ୟ ବିଜେପିକୁ ନୂଆ ବଳ ଦେଇଛି। ଲକ୍ଷାଧିକ ଜନତା ମୋଦିଙ୍କୁ ଦେଖିବା ପାଇଁ ଯେଭଳି ଅପେକ୍ଷାରେ ଥିଲେ ସେଥିରୁ ମୋଦି ଓ ବିଜେପି ପ୍ରତି ଲୋକଙ୍କ ଆଶା ଭରଷା ବଢୁଥିବା ନେଇ ସ୍ପଷ୍ଟ ସୂଚନା ମିଳିଛି। ଏଥର ମଧ୍ୟ ଓଡ଼ିଆ ଅସ୍ମିତାର କଥା କହିଛନ୍ତି ପ୍ରଧାନମନ୍ତ୍ରୀ। ଓଡ଼ିଆ ଅସ୍ମିତା ଓ ସଂସ୍କୃତି କଥା ଉଠାଇ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ନରେନ୍ଦ୍ର ମୋଦି ସିଧାସଳଖ ହମଲା କରି କହିଥିଲେ, ଓଡ଼ିଆ ଅସ୍ମିତା ଓ ସଂସ୍କୃତି ଏବେ ବିପଦରେ ପଡିଛି। ସରକାର ଓ ଲୋକଙ୍କ ଭିତରେ ସମ୍ପର୍କ କଟିଯାଇଛି ବୋଲି ମୋଦି କହିଥିଲେ। ଆହୁରି ମଧ୍ୟ କହିଲେ ଯେ, ରାଜା ଓ ମହାରାଜାଙ୍କ ସମୟରେ ବି ଶାସକଙ୍କ ସହ ଜନତାଙ୍କର କିଛି ସମ୍ପର୍କ ଥିଲା। ତାହା ବି ଓଡ଼ିଶାରେ ନାହିଁ। ନବୀନଙ୍କ ବିରୋଧରେ ମୋଦିଙ୍କ ଗର୍ଜନ ପରେ କଡା ଭାଷାରେ ଜବାବ ଦେଇଛନ୍ତି ନବୀନ। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ପରେ ବି ପ୍ରଧାନମନ୍ତ୍ରୀ ଓଡ଼ିଆ ଭାଷାକୁ ଭୁଲିଗଲେ। ସଂସ୍କୃତକୁ ହଜାରେ କୋଟି, ହେଲେ ଓଡ଼ିଆ ଭାଷାକୁ ଶୂନ୍। ଭାରତରତ୍ନ ପ୍ରଦାନ ବେଳେ ବିଜୁ ପଟ୍ଟନାୟକଙ୍କୁ ପ୍ରଧାନମନ୍ତ୍ରୀ ଭୁଲିଗଲେ ବୋଲି ମନେ ପକାଇ ଦେଇଛନ୍ତି ନବୀନ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଭାରତୀୟ ରେଳବାଇ'ରେ କେତେଗୁଡିଏ ସମସ୍ୟା



**ଅସିତ ମହାନ୍ତି**

ପ୍ରତିଦିନ ୨.୫ କୋଟିରୁ ଅଧିକ ଲୋକ ଭାରତୀୟ ଟ୍ରେନ୍ ବ୍ୟବହାର କରନ୍ତି। ସେଥିପାଇଁ ସେମାନଙ୍କୁ ଆମ ଦେଶର ଲାଇଫ୍ ଲାଇନ୍ କୁହାଯାଏ। ବର୍ଷ ବର୍ଷ ଧରି ଟ୍ରେନ୍ ଗୁଡିକ ଅବହେଳିତ ହୋଇଆସୁଛି ଯାହା ଟ୍ରେନ୍ ଗୁଡିକୁ ଦୁର୍ଗନ୍ଧଯୁକ୍ତ, ଅତ୍ୟଧିକ ଗହଳି ଏବଂ ମନ୍ଥର କରିଦେଇଛି। ଏହି ସବୁ ସମସ୍ୟା ପଛରେ କାରଣ କ'ଣ ? ଦୀର୍ଘ ଦିନ ଧରି ଭାରତୀୟ ଟ୍ରେନରେ ଅତ୍ୟଧିକ ଗହଳି ଏକ ବଡ ସମସ୍ୟା ହୋଇଆସୁଛି। ସାଧାରଣ କମ୍ପାର୍ଟମେଣ୍ଟ ର ପରିସ୍ଥିତି ଆହୁରି ଖରାପ, କାରଣ ପ୍ରାୟତଃ ସଂରକ୍ଷିତ ଟିକେଟ୍ ଥାଏ। ଆଗକୁ ବଢିବା ପୂର୍ବରୁ ଆମକୁ ଭାରତୀୟ ଟ୍ରେନର ବ୍ୟବସ୍ଥାକୁ (ସିଷ୍ଟମ) ବୁଝିବାକୁ ପଡିବ। ହାରାହାରି, ଏକ ଏସି ପ୍ରଥମ ଶ୍ରେଣୀ ପ୍ରଶିକ୍ଷକଙ୍କ ପାଖରେ ୧୮-୨୪ ବର୍ଥ ଅଛି। ଏକ ୨-ସ୍ତରୀୟ ଏସି କୋଚରେ ୫୦ ଟି ବର୍ଥ ଅଛି । ଏକ ୩-ସ୍ତରୀୟ ଏସି କୋଚରେ ୭୦ ଟି ବର୍ଥ ଅଛି। ଗୋଟିଏ ଶୋଇବା କୋଚ ରେ ୮୦ ଟି ବର୍ଥ ଅଛି। ୯୦ ଜଣ ଲୋକ ଏକ ଅସଂରକ୍ଷିତ କୋଚରେ ଯାତ୍ରା କରିପାରିବେ। କିନ୍ତୁ ବେଳେବେଳେ, ସେଠାରେ ୧୮୦ ଜଣ ଲୋକ ଚଢ଼ିଥାନ୍ତି। ଅଗଷ୍ଟ ମାସରେ, ଭାରତୀୟ ରେଳବାଇ ଆଞ୍ଚଳିକ କର୍ତ୍ତୃପକ୍ଷଙ୍କୁ ସଂରକ୍ଷିତ ଶୋଇବା କୋଚଗୁଡ଼ିକୁ ଅସଂରକ୍ଷିତ ଖୋଲା ଆସନରେ ପରିଣତ କରିବାକୁ କହିଥିଲେ। ଏହା ପଛର କାରଣ କ'ଣ ? ୨୦୦୫ ରେ, ଏସି ବର୍ଥଗୁଡିକ ୨୩% ଏବଂ ଶୋଇବା ଶ୍ରେଣୀ ବର୍ଥଗୁଡିକ ୭୭ % ପାଇଁ ରହିଥିଲା। କିନ୍ତୁ ଗତ ୧୮ ବର୍ଷ ମଧ୍ୟରେ, ଏହି ସଂଖ୍ୟାଗୁଡ଼ିକ ବହୁତ ବଦଳି ଯାଇଛି। ୨୦୨୩ ମସିହାରେ, ଶୋଇଥିବା ବର୍ଥଗୁଡିକ ୪୬%କୁ ହ୍ରାସ ପାଇଛି। ଭାରତୀୟ ରେଳବାଇ ଶୋଇବା କିମ୍ବା ଦ୍ୱିତୀୟ ଶ୍ରେଣୀ କୋଚକୁ ଏସି କୋଚ୍ ସହିତ ବଦଳାଉଛି। ଆମ ଦେଶରେ, ଅନେକ ଲୋକ ଏସି କୋଚ୍ ପାଇଁ ଭଡା ପୈଠ କରିବାର ଶକ୍ତି ନାହିଁ, କାରଣ ରେଳବାଇ ସ୍ଲିପର କୋଚ୍‌ର ପରିମାଣକୁ ହ୍ରାସ କରିଛି। ପୂର୍ବରୁ ୨୪-କୋଚ୍ ଟ୍ରେନ୍ ରେ ଚାରୋଟି ସାଧାରଣ କମ୍ପାର୍ଟମେଣ୍ଟ ଥିଲା, ବର୍ତ୍ତମାନ କେବଳ ୨ଟି ବାକି ଅଛି। ସାଧାରଣ ସ୍ତରଗୁଡିକ ତିନି ସ୍ତରୀୟ ଏସି କୋଚ୍ ସହିତ ସ୍ଥାନିତ ହୋଇଛି, ଯାହା ଭାରତୀୟ ରେଳ ପାଇଁ ଅଧିକ ଲାଭଦାୟକ ଅଟେ। ଦକ୍ଷିଣ ଏବଂ ପୂର୍ବ ଜୋନ୍ ତୁଳନାରେ କେନ୍ଦ୍ରୀୟ, ଉତ୍ତର ଏବଂ ପଶ୍ଚିମ ରେଳ ଜୋନ୍‌ରେ ଏହା ବୃଦ୍ଧି ପାଇଛି । ବର୍ତ୍ତମାନ ସାଧାରଣ କୋଚ୍ ଟିକେଟ୍ ଅପେକ୍ଷା ଏସି କୋଚ୍ ଟିକେଟ୍ ୩ -୪ ଗୁଣ ଅଧିକ ମହଙ୍ଗା ହୋଇପାରେ। ଏହି ମହାମାରୀ ପରେ ଭାରତୀୟ ରେଳବାଇ ଜନ ସାଧରଣ ଟ୍ରେନ୍ ବନ୍ଦ କରି ଦେଇଛି। ୨୦୦୨ ରେ, ଏହି ଟ୍ରେନ୍ ଗୁଡିକ ଉପସ୍ଥାପିତ ହୋଇଥିଲା ଯାହାକି ସଂପୂର୍ଣ୍ଣ ସଂରକ୍ଷିତ ନଥିଲା। ଯାତ୍ରୀମାନେ ଏକ ସାଧାରଣ କମ୍ପାର୍ଟମେଣ୍ଟ ଟିକେଟ ସହିତ ଏହି ଟ୍ରେନରେ ଚଢି ପାରୁଥିଲେ। ଏହି ଟ୍ରେନଗୁଡିକର ଉଦ୍ଦେଶ୍ୟ ଥିଲା ଜନସାଧାରଣଙ୍କ ପାଇଁ ଏକ ସୁଲଭ ଉପାୟ ଯୋଗାଇବା, ଯେଉଁମାନେ ରିଜର୍ଭ ଟ୍ରେନରେ ଯାତ୍ରା କରିପାରିବେ ନାହିଁ। କାରଣ ଲକ୍ଷ୍ୟ ଧାର୍ଯ୍ୟ ଗ୍ରାହକମାନେ ସ୍ୱଳ୍ପ ଆୟକାରୀ ପ୍ରବାସୀ ଶ୍ରମିକ ଥିଲେ ଟିକେଟ୍ ମୂଲ୍ୟ କମ୍ ରଖାଯାଇଥିଲା। ଏହି କାରଣରୁ, ଏହି ଟ୍ରେନ୍ ଗୁଡିକ ରେଳବାଇ ପାଇଁ କ୍ଷତି ହୋଇଥିଲା। କିନ୍ତୁ ଶେଷରେ ରେଳବାଇ ଏହି ଟ୍ରେନ୍‌ଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଲା। ତେଣୁ, ସୁଲଭ ମୂଲ୍ୟରେ ଥିବା ଟ୍ରେନ୍ ଗୁଡିକ ମଧ୍ୟ ହ୍ରାସ କରାଯାଉଛି । ଏହା ବ୍ୟତୀତ ଜନ ସାଧରଣ ଟ୍ରେନ୍ ଗୁଡିକୁ ମଧ୍ୟ ହଟାଇ ଦିଆଯାଇଛି। ଫଳସ୍ୱରୂପ, ଅବଶିଷ୍ଟ ସାଧାରଣ କମ୍ପାର୍ଟମେଣ୍ଟଗୁଡ଼ିକ ଅତ୍ୟଧିକ ଭିଡ ହୋଇଯାଇଛି। ୧୪ ନଭେମ୍ବରରେ, ଦୀପାବଳି ପାଇଁ ଯାତ୍ରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ହଠାତ୍ ଏହି ଟ୍ରେନ୍ ବାତିଲ୍ ହେଲା। ଏହି ଯାତ୍ରୀମାନେ ଗରିବ ପ୍ରବାସୀ ଶ୍ରମିକ ଥିଲେ, ଯେଉଁମାନଙ୍କ ପାଖରେ ଅଧିକ ଟଙ୍କା ନଥିଲା। ଏବଂ ଦୀପାବଳି ପାଇଁ ଘରକୁ ଯିବାର କୌଣସି ଉପାୟ ନଥିଲା। ସେମାନେ ଏତେ ରାଗିଗଲେ ଯେ ସେମାନେ ଷ୍ଟେସନରେ ଗଣ୍ଡଗୋଳ କରିବା ଆରମ୍ଭ କଲେ। ଗତ ୪.୫ ବର୍ଷ ମଧ୍ୟରେ ୧୦୦,୦୦୦ ରୁ ଅଧିକ ମେଲ ଏବଂ ଏକ୍ସପ୍ରେସ ଟ୍ରେନ ବାତିଲ ହୋଇଛି। ଆମ ଦେଶରେ ପ୍ରତି ଘଣ୍ଟାରେ ପ୍ରାୟ ୩ ଟି ଟ୍ରେନ୍ ବାତିଲ ହୁଏ। ଯଦିଓ ଆମେ କୋଭିଡ-୧୯ ସମୟରେ ବାତିଲ ହୋଇଥିବା ୫୦୦୦ ଟ୍ରେନ୍ ଅପସାରଣ କରୁ, ୧୦୦,୦୦୦ ରୁ ଅଧିକ ଟ୍ରେନ୍ ଏପର୍ଯ୍ୟନ୍ତ ରହିଯାଇଛି। ୨୦୨୩ ମସିହାରେ, ଦିୱାଲୀ ଏବଂ ଛଟ ପାଇଁ ଭାରତୀୟ ରେଳବାଇ ପ୍ରାୟ ୬,୭୦୦ ଟି ସ୍ୱତନ୍ତ୍ର ଟ୍ରେନ୍ ଆରମ୍ଭ କରିଥିଲା, ଯାହା ଗତ ବର୍ଷ ତୁଳନାରେ ଦୁଇଗୁଣ ଅଧିକ ଥିଲା। କିନ୍ତୁ ଆମ ଦେଶରେ ସମସ୍ୟା ଟ୍ରେନ୍ ସହିତ ନୁହେଁ, ବରଂ ଟ୍ରାକ୍ ସହିତ। ଆମେ ଟ୍ରେନ୍ ସଂଖ୍ୟା ବୃଦ୍ଧି କରିବୁ, କିନ୍ତୁ ନୂଆ ରେଳ ଟ୍ରାକ୍ କେଉଁଠୁ ଆସିବ ? ନୀତି ଆୟୋଗଙ୍କ ୨୦୧୮ ରିପୋର୍ଟ ଅନୁଯାୟୀ, ୧୯୫୦ ରୁ ୨୦୧୩ ମଧ୍ୟରେ ସାମଗ୍ରୀ ଏବଂ ଯାତ୍ରୀ ପରିବହନ ୧୦୦୦% ରୁ ଅଧିକ ବୃଦ୍ଧି ପାଇଛି। ଏହି ଅବଧି ମଧ୍ୟରେ, ଟ୍ରାକର ଦୈର୍ଘ୍ୟ କେବଳ ୨୩% ବୃଦ୍ଧି ପାଇଛି। ସେହିଭଳି, ଆମର ରେଳ ଟ୍ରାକରେ ଭାରି ଟ୍ରାଫିକ୍ ଅଛି। ତେଣୁ ଯେତେବେଳେ ସ୍ୱତନ୍ତ୍ର ଟ୍ରେନ୍ ଯୋଗ କରାଯାଏ, ସେମାନେ ଟ୍ରାଫିକ୍ ବୃଦ୍ଧି କରନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ବିଳମ୍ବ କିମ୍ବା ବାତିଲ ହୋଇଯାଏ। ଏହା ବ୍ୟତୀତ ସାମଗ୍ରୀ ଏବଂ ଯାତ୍ରୀବାହୀ ଟ୍ରେନର ମାର୍ଗ ସମାନ। ଗତ ବର୍ଷ କୋଇଲା ଅଭାବ ହେତୁ ଭାରତୀୟ ରେଳ ସେମାନଙ୍କ ସହ କୋଇଲା ପରିବହନ କରୁଥିବା ଟ୍ରେନକୁ ପ୍ରାଥମିକତା ଦେଇଥିଲା। ଫଳସ୍ୱରୂପ, ଅନେକ ଯାତ୍ରୀବାହୀ ଟ୍ରେନ୍ ବାତିଲ ହୋଇଗଲା। ଯେପର୍ଯ୍ୟନ୍ତ ରେଳ ଟ୍ରାକ୍ ଯୋଗାଣ ବୃଦ୍ଧି ନହୁଏ, ବିଳମ୍ବ ଏବଂ ବାତିଲ୍ ଜାରି ରହିବ। ଦ୍ୱିତୀୟ ମୁଖ୍ୟ ସମସ୍ୟା ହେଉଛି ଭାରତୀୟ ଟ୍ରେନର ଖରାପ ଅବସ୍ଥା, ଯାହା ମଇଳା ଏବଂ ଆବର୍ଜନାରେ ପରିପୂର୍ଣ୍ଣ। ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ଦକ୍ଷିଣ ଭାରତୀୟ ରେଳବାଇର ଯାତ୍ରୀମାନଙ୍କ ପାଇଁ ଶୌଚାଳୟର ଖରାପ ଅବସ୍ଥା ହେଉଛି ଦୁଇଟି ପ୍ରମୁଖ ସମସ୍ୟା। କିନ୍ତୁ ରେଳବାଇ ପାଇଁ ଏହା ଏକ ନୂଆ ସମସ୍ୟା ନୁହେଁ। ୨୦୧୫ ରେ ହ୍ୱାଇଟ୍ ପେପରରେ ଦର୍ଶାଯାଇଛି ଯେ ରେଳବାଇରେ ସ୍ୱଚ୍ଛତା ଏକ ବଡ଼ ପ୍ରସଙ୍ଗ। ସେହି ପ୍ରସଙ୍ଗଟି ହେଉଛି କ୍ଲଗଡ଼ ଟୟଲେଟ। ଭାରତୀୟ ରେଳବାଇରେ ୫୦,୦୦୦ରୁ ଅଧିକ କୋଚ୍ ରହିଛି ଏବଂ ସେମାନଙ୍କ ମଧ୍ୟରୁ ୨୫% ଏକ ସିଧାସଳଖ ଫ୍ଲାଶ୍ ସିଷ୍ଟମ୍ ବ୍ୟବହାର କରନ୍ତି ଯେଉଁଠାରେ ବର୍ଜ୍ୟବସ୍ତୁ ସିଧାସଳଖ ରେଳ ଟ୍ରାକରେ ବାହାରିଥାଏ। ସେମାନଙ୍କ ମଧ୍ୟରୁ ୭୫% ବାୟୋ-ଡାଇଜେଷ୍ଟ ହୋଇଥିବା ଶୌଚାଳୟ ସହିତ ନବୀକରଣ କରାଯାଇଛି। ସିଧାସଳଖ ଫ୍ଲାଶ୍ ସିଷ୍ଟମ୍ ଅପରିଷ୍କାର କାରଣ ମାନବ ବର୍ଜ୍ୟବସ୍ତୁ ରେଳ ଟ୍ରାକ୍ ରେ ରହିଥାଏ ଯାହା ଜୀବାଣୁ ବିସ୍ତାର କରିଥାଏ। ପ୍ଲାଟଫର୍ମରେ ଏହି ଗନ୍ଧ ବ୍ୟାପିଥାଏ ଏବଂ ରେଳ ଟ୍ରାକ୍ ମଧ୍ୟ କ୍ଷୟ ହେତୁ ପ୍ରଦୂଷିତ ହୁଏ। ବାୟୋ-ଡାଇଜେଷ୍ଟ ହୋଇଥିବା ଶୌଚାଳୟରେ ସିବେଜ୍ ଟ୍ୟାଙ୍କ ଅଛି ଯେଉଁଠାରେ ଜୀବାଣୁ ଏହାକୁ ମିଥେନରେ ପରିଣତ କରି ମାନବ ବର୍ଜ୍ୟବସ୍ତୁକୁ ଭାଙ୍ଗନ୍ତି। କିନ୍ତୁ ଆଇଆଇଟି କାନପୁରର ଏକ ଅଧ୍ୟୟନରୁ ଜଣାପଡିଛି ଯେ ଏହି ଟ୍ୟାଙ୍କରେ ବ୍ୟାକ୍ଟେରିଆର ଏକ ସୀମା ରହିଥାଏ ଏବଂ କିଛି ସମୟ ପରେ ଟ୍ୟାଙ୍କଗୁଡ଼ିକ ଆବର୍ଜନାରେ ଭର୍ତ୍ତି ହୋଇ ଖାଲି ହେବା ଆବଶ୍ୟକ। ନ୍ୟାସନାଲ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ରେଳବାଇର ସାଧାରଣ ସମ୍ପାଦକ କହିଛନ୍ତି ଯେ ଏଭଳି ଶୌଚାଳୟରେ ଚୋକ୍‌ଦ ଦେବାରେ ମଧ୍ୟ ସମସ୍ୟା ରହିଛି। ରେଳ କର୍ମଚାରୀଙ୍କୁ ଏହି ସମସ୍ୟାର ସମାଧାନ କରିବାକୁ ପଡି। ଭଲ ଚାପ ସହିତ ପ୍ରତ୍ୟେକ ଫ୍ଲାସ୍ ପାଇଁ ବାୟୋ-ଟଏଲେଟ୍ ଗୁଡିକ ୫ ଲିଟର ପାଣି ଆବଶ୍ୟକ କରେ। କିନ୍ତୁ ଇଣ୍ଡିଆ ରେଳବାଇରେ ଜଳ ଚାପ ନାହିଁ ଯାହା ଅନେକ ଶୌଚାଳୟ ବନ୍ଦ ହୋଇଯାଏ। ଅନେକ ଥର, ଏହି ଶୌଚାଳୟରେ ଥିବା ଫିଟିଙ୍ଗ୍ ନଷ୍ଟ ହୋଇଯାଏ ଯାହା ଜଳ ଚାପକୁ ହ୍ରାସ କରିଥାଏ। ଯେତେବେଳେ ଶୌଚାଳୟ ବନ୍ଦ ହୋଇଯାଏ, ସମଗ୍ର କମ୍ପାର୍ଟମେଣ୍ଟଗୁଡ଼ିକ ଅତ୍ୟନ୍ତ ଗନ୍ଧ କରିଥାଏ। ଅନେକ ଯାତ୍ରୀଙ୍କ ମଧ୍ୟ କୌଣସି ନାଗରିକ ଭାବନା ନାହିଁ। ୨୦୧୭ ରିପୋର୍ଟରେ ଦର୍ଶାଯାଇଛି ଯେ ଶୌଚାଳୟଗୁଡିକ ବନ୍ଦ ହୋଇଯାଏ କାରଣ ଅନେକ ଯାତ୍ରୀ ଶୌଚାଳୟରେ ପାଣି ବୋତଲ, ସିଗାରେଟ୍, ତମାଖୁ, ତମାଖୁ ପ୍ୟାକେଟ୍ ଏବଂ ସାନିଟାରୀ ନାପକିନ୍ ପକାନ୍ତି। କିଛି ଯାତ୍ରୀ ଜାଣନ୍ତି ନାହିଁ ଶୌଚାଳୟରେ କଣ ପକାଯିବ ଏବଂ କଣ ନୁହେଁ। ଅନ୍ୟ ଯାତ୍ରୀମାନେ କୁହନ୍ତି ଯେ ଟ୍ରେନରେ କୌଣସି ଡଷ୍ଟବିନ ନାହିଁ, ତେବେ ଆମେ ଏହି ଜିନିଷଗୁଡ଼ିକୁ କେଉଁଠାରେ ପକାଇବୁ ? ସବୁଠାରୁ ଖରାପ ଅବସ୍ଥା ହେଉଛି ସାଧାରଣ ବଗି ଯେଉଁଠାରେ ବହୁତ ଲୋକ ଅଛନ୍ତି ଯେଉଁମାନେ ଶୌଚାଳୟ ସଫା କରିବା ଅସମ୍ଭବ। ଲୋକମାନେ ଅଧିକ ସମୟ ଧରି ରହିପାରିବେ ନାହିଁ, କାରଣ ଟ୍ରେନ୍ ଗୁଡ଼ିକ ମନ୍ଥର ଗତି କରେ।

*ସୁଜନପୁର , ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*

# ଶିକ୍ଷିତଙ୍କ କ୍ଷେତ୍ରରେ ବେକାରି ସମସ୍ୟା



**ଶ୍ରୀବତ୍ସ ନାୟକ**

ଦେଶରେ ବୈଶାଖର ଝାଞ୍ଜି ସାଙ୍ଗକୁ ଅଷ୍ଟାଦଶ ସାଧାରଣ ନିର୍ବାଚନର ଉଷ୍ମତା ବେଶ୍ ଅନୁଭୂତ ହେଉଛି। ନେତାଙ୍କ ଠାରୁ ଜନତାଙ୍କ ପର୍ଯ୍ୟନ୍ତ ଏବଂ ସରକାରଙ୍କ ଠାରୁ ଗଣମାଧ୍ୟମ ପର୍ଯ୍ୟନ୍ତ ସମସ୍ତେ ନିର୍ବାଚନକୁ ନେଇ ଉତ୍ସାହିତ ଥିବାବେଳେ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନ (ଆଇ.ଏଲ୍.ଓ)ର ରିପୋର୍ଟ ଏବେ ଚିନ୍ତାର ବିଷୟ ପାଲଟିଛି। ଗତ ମାର୍ଚ୍ଚ ମାସ ୨୭ ତାରିଖ ଦିନ ଆଇ.ଏଲ.ଓ ପକ୍ଷରୁ ବେକାରି ହାର ସମ୍ପର୍କରେ ଯେଉଁ ରିପୋର୍ଟ ପ୍ରକାଶ ପାଇଥିଲା ସେଥିରେ ଭାରତ ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ଏହି ସର୍ଭେ ରିପୋର୍ଟ ଦର୍ଶାଇଛି ଯେ ଦେଶରେ ଦିନକୁ ଦିନ ବେକାରି ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏହା ଏବେ ଏକ ସାମାଜିକ ବ୍ୟାଧି ଭାବେ ଉଭା ହେଲାଣି। କେବଳ ସେତିକି ନୁହେଁ ବରଂ ନିରକ୍ଷର ବ୍ୟକ୍ତିଙ୍କ ତୁଳନାରେ ଶିକ୍ଷିତମାନଙ୍କ ଠାରେ ବେକାରି ସମସ୍ୟା ଖୁବ୍ ବେଶୀ। ନିରକ୍ଷର ବା ଅକ୍ଷର ପଢ଼ି କିମ୍ବା ଲେଖିପାରୁ ନଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୩.୪ ପ୍ରତିଶତ କିନ୍ତୁ ସ୍ନାତକମାନଙ୍କ ବେକାରି ହାର ୨୯.୧ ପ୍ରତିଶତ। ପାଖାପାଖି ନିରକ୍ଷରଙ୍କ ତୁଳନାରେ ସ୍ନାତକମାନଙ୍କ ବେକାରି ହେବାର ଆଶଙ୍କା ପ୍ରାୟ ୯ ଗୁଣା ଅଧିକ। ସେହିଭଳି ମାଧ୍ୟମିକ କିମ୍ବା ତଦୁର୍ଦ୍ଧ ଶିକ୍ଷା ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୧୮.୪ ପ୍ରତିଶତ। ଅର୍ଥାତ୍ ନିରକ୍ଷର ବ୍ୟକ୍ତିଙ୍କ ତୁଳନାରେ ଏମାନେ ବେକାରି ହେବା ଆଶଙ୍କା ୬ ଗୁଣା ଅଧିକ। ବିଶେଷତଃ ଯେଉଁମାନେ ଉଚ୍ଚଶିକ୍ଷା ଲାଭ କରିଛନ୍ତି ସେମାନଙ୍କ ମଧ୍ୟରେ ବେକାରି ସମସ୍ୟା ସମୟାନୁକ୍ରମେ ଅଧିକ ଜଟିଳ ହୋଇଛି। ଯୁବକମାନଙ୍କ ମଧ୍ୟରେ ବେକାରି ହାର ବିଶ୍ୱ ତୁଳନାରେ ଭାରତରେ ଅଧିକ ରହିଛି। ଆନୁଷ୍ଠାନିକ କ୍ଷେତ୍ରରେ ଶିକ୍ଷିତ ଯୁବକମାନଙ୍କ ଅପେକ୍ଷା ଅଣଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ସଂଖ୍ୟା ତୁଳନାତ୍ମକ ଭାବେ ଅଧିକ। ଅର୍ଥାତ୍ ସରଳ ଭାବେ ବୁଝିଲେ ଭାରତରେ ଜଣେ ବ୍ୟକ୍ତି ଯେତେ ଅଧିକ ପାଠ ପଢ଼ିବେ ସେତେ ଅଧିକ ବେକାର ହେବେ। ଶିକ୍ଷିତଙ୍କ କ୍ଷେତ୍ରରେ ରୋଜଗାରର ପନ୍ଥା ଖୋଜିବା ଏକ କଷ୍ଟକର ବ୍ୟାପାର ହୋଇ ପଡ଼ିଲାଣି। ପାଠ ନପଢ଼ିଲେ କିମ୍ବା ଜ୍ଞାନ ଆହରଣ ନକରିଲେ ଜଣେ ବ୍ୟକ୍ତି ସାଧାରଣତଃ ରୋଜଗାରକ୍ଷମ ହୋଇ ନପାରେ କିନ୍ତୁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ କୌଣସି କର୍ମ ସଂସ୍ଥାନରେ ଯୋଗ ନଦେଇ ବେକାରୀ ଭାବେ ଜୀବନ ବିତାଇବା ନିଶ୍ଚିତ ରୂପେ ଶିକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଦେଶରେ ଶିକ୍ଷିତ ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରି ଅଣଶିକ୍ଷିତମାନଙ୍କ ପାଇଁ କର୍ମସଂସ୍ଥା ଯୋଗାଇଦେବା ଉଦ୍ଦେଶ୍ୟରେ ଭାରତ ସରକାର ଅନେକ ଗୁଡ଼ିଏ ଯୋଜନା ଯଥା ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଯୋଜନା, ପ୍ରଧାନମନ୍ତ୍ରୀ ରୋଜଗାର ପ୍ରୋତ୍ସାହନ ଯୋଜନା, ମନରେଗା ଯୋଜନା, ସ୍କିଲ ଇଣ୍ଡିଆ ଯୋଜନା, ଜାତୀୟ ଜୀବିକା ମିଶନ ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ଦୀନ ଦୟାଲ ଉପାଧ୍ୟ ଗ୍ରାମୀଣ କୌଶଳ ଯୋଜନାମାନ ପ୍ରଣୟନ କରିଥିଲେ ମଧ୍ୟ ଶିକ୍ଷିତ ବେକାରୀ ହଟାଇବାରେ ସମର୍ଥ ହୋଇପାରିନଥିଲେ। ଭାରତ ବିଶ୍ୱଗୁରୁ ଆଡ଼କୁ ଅଗ୍ରସର ହେଉଥିବାର ନାରା ସରକାର ଦେଉଥିବା ସମୟରେ ବେକାରୀ ସମସ୍ୟାକୁ ନେଇ ଆନ୍ତର୍ଜାତିକ ଶ୍ରମ ସଙ୍ଗଠନର ମତ ରାଜନୈତିକ କ୍ଷେତ୍ରଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।

ବୈଦିକ ଯୁଗରୁ ଭାରତ ସଦାସର୍ବଦା ତାର ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଆସିଛି। ଭାରତର ଶିକ୍ଷା ବ୍ୟବସ୍ଥା ବିଶ୍ୱରେ ସର୍ବ ପୁରାତନ ଭାବେ ସର୍ବଜନ ବିଦିତ। ବ୍ରିଟିଶ ଶାସନ ପୂର୍ବରୁ ଭାରତର ଶିକ୍ଷା ବ୍ୟବସ୍ଥାରେ ଜାତି,ଧର୍ମ,ବର୍ଣ୍ଣର କୌଣସି ଭେଦ ଭାବ ନଥିଲା। ଅଧିକାଂଶ ଲୋକ ଶିକ୍ଷିତ ଥିଲେ। ତତ୍କାଳୀନ ଶିକ୍ଷା ବ୍ୟବସ୍ଥା କୌଶଳ, ଶୃଙ୍ଖଳା, ଦକ୍ଷତା, କର୍ମ ଏବଂ ଆତ୍ମନିର୍ଭରଶୀଳ କୈନ୍ଦ୍ରିକ ଥିଲା। ଶିକ୍ଷା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଏହାକୁ ଜ୍ଞାନର ଏକ ମାଧ୍ୟମ ବୋଲି ବିବେଚନା କରି ସମସ୍ତେ ଜ୍ଞାନ ଆହରଣ କରି ନିଜ ନିଜର ଜୀବିକାର୍ଜନ କରୁଥିଲେ। କିନ୍ତୁ ବ୍ରିଟିଶ ଶାସନ କାଳରେ ଭାରତର ଶିକ୍ଷା ବ୍ୟବସ୍ଥା ଅବକ୍ଷୟମୁଖୀ ହୋଇଥିଲା। ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷ ମଧ୍ୟରେ ଭାରତର ଶିକ୍ଷା ବ୍ୟବସ୍ଥାରେ ରାଧାକୃଷ୍ଣନ କମିଶନ (୧୯୪୮), ମୁଦାଲୀୟର କମିଶନ୍ (୧୯୫୨), କୋଠାରୀ କମିଶନ୍ (୧୯୬୪), ଜଶପାଲ୍ କମିଶନ୍ (୧୯୯୨)ଙ୍କ ସୁପାରିଶ କ୍ରମେ ଶିକ୍ଷା କ୍ଷେତ୍ରରେ ପୂର୍ବ ଗୌରବକୁ ଫେରାଇ ଆଣିବା ପାଇଁ ଅନେକ ପରିବର୍ତ୍ତନ କରାଯାଇଛି। ଶିକ୍ଷା ବ୍ୟବସ୍ଥାରେ କ୍ରାନ୍ତିକାରୀ ସଂସ୍କାର ଆଣି କେନ୍ଦ୍ର ସରକାର ଦେଶରେ ସଦ୍ୟସଦ୍ୟ ନୂତନ ଶିକ୍ଷାନୀତି ୨୦୨୦ ପ୍ରଣୟନ କରିଛନ୍ତି। ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷର ଲମ୍ବା ଯାତ୍ରା ମଧ୍ୟରେ ଭାରତରେ ଅନେକ କିଛି ପରିବର୍ତ୍ତନ ହୋଇଛି। ଏଠି ସରକାର ବଦଳିଛି ଏବଂ ଅନୁରୂପ ଭାବେ ଯୋଜନାରେ ମଧ୍ୟ ପରିବର୍ତ୍ତନ ହୋଇଛି କିନ୍ତୁ ଯେଉଁ ଶିକ୍ଷା ବ୍ୟବସ୍ଥା ଏକ ରାଷ୍ଟ୍ରର ମେରୁଦଣ୍ଡ ସଦୃଶ ସେ ବିଭାଗରେ ଆମେ କେଉଁଠି ନା କେଉଁଠି ବିଫଳ ହୋଇଛେ ବୋଲି ଆମକୁ ମାନି ନେବାକୁ ପଡିବ। ଅଲ୍ ଇଣ୍ଡିଆ ସର୍ଭେ ଅନ ହାୟର ଏଜୁକେଶନର ରିପୋର୍ଟ ଅନୁସାରେ ୨୦୧୬-୧୭ ଶିକ୍ଷା ବର୍ଷରେ ଆମ ଦେଶରେ ସମୁଦାୟ ବିଶ୍ୱବିଦ୍ୟାଳୟ ସଂଖ୍ୟା ୮୬୪ ଥିବାବେଳେ ୨୦୨୦-୨୧ରେ ଏହାର ସଂଖ୍ୟା ୨୮.୮ ପ୍ରତିଶତ ବୃଦ୍ଧି ପାଇ ୧୧୧୩ ହୋଇଥିଲା ଅନୁରୂପ ଭାବେ ମହାବିଦ୍ୟାଳୟ ସଂଖ୍ୟା ୪୦,୦୨୬ରୁ ୯.୪ ପ୍ରତିଶତ ବୃଦ୍ଧିପାଇ ୪୩,୭୯୬ ହୋଇଥିଲା। ଶିକ୍ଷାନୁଷ୍ଠାନର ବୃଦ୍ଧି ସାଙ୍ଗକୁ ପ୍ରତିବର୍ଷ ଭାରତରେ ସ୍ନାତକ ପାସ୍ କରୁଥିବା ପିଲାଙ୍କ ସଂଖ୍ୟା ମଧ୍ୟ ଆଶାତୀତ ବୃଦ୍ଧି ପାଉଛି। ନୂତନ ଅର୍ଥନୀତି ପଲିସି (୧୯୯୧)ରେ ଘରୋଇକରଣ, ଜଗତୀକରଣ ଓ ଉଦାରୀକରଣ ଯୋଗୁଁ କର୍ପୋରେଟ ସେକ୍ଟରରେ ପ୍ରତି ବର୍ଷ ଅନେକ ନିଯୁକ୍ତି ପ୍ରକାଶ ପାଉଥିଲେ ମଧ୍ୟ ଉପଯୁକ୍ତ ଦକ୍ଷତାର ଅଭାବ ଯୋଗୁଁ ସ୍ନାତକଧାରୀମାନେ ବଜାରର ଚାହିଦାକୁ ପୁରଣକରି ପାରୁନାହାନ୍ତି ଫଳରେ ସେମାନେ କୌଣସି କ୍ଷେତ୍ରରେ ନିଯୁକ୍ତି ପାଇ ରୋଜଗାରକ୍ଷମ ହୋଇପାରୁନାହାନ୍ତି। ଏହା ପ୍ରମାଣ କରୁଛି ଯେ ଶିକ୍ଷା ବ୍ୟବସ୍ଥା ଗୁଣାତ୍ମକ ଅପେକ୍ଷା ପରିମାଣାତ୍ମକ ହୋଇଯାଇଛି। ନହେଲେ ଦେଶରେ ଚତୁର୍ଥ ଶ୍ରେଣୀ ପଦ ପାଇଁ ପି.ଏଚ.ଡି ଏବଂ ଏମ.ଫିଲ୍ ଡିଗ୍ରୀଧାରୀ ଆବେଦନ କରୁନଥାନ୍ତେ। ଶିକ୍ଷା ବ୍ୟବସ୍ଥା ପ୍ରତିଯୋଗିତାମୂଳକ ହୋଇଯିବାରୁ କେବଳ ଦକ୍ଷତା ସମ୍ପନ୍ନ ପିଲାମାନେ ନିଯୁକ୍ତି ପାଇଥାନ୍ତି। ଶିକ୍ଷାରେ ସୃଜନାତ୍ମକ ଚିନ୍ତାଧାରାର ଅଭାବ ଯୋଗୁଁ ଅନ୍ୟମାନେ ନିଯୁକ୍ତିର ଅନ୍ୟାନ୍ୟ ପନ୍ଥା ନଖୋଜି ହତୋତ୍ସାହିତ ହୋଇପଡନ୍ତି ଫଳରେ ଆତ୍ମହତ୍ୟା ଭଳି ଘୃଣ୍ୟ ପନ୍ଥା ଆପଣାଇବାକୁ ପଛାନ୍ତି ନାହିଁ। ଗ୍ଲୋବାଲ ଆଇଆଇଟି ଆଲୁମିନି ସପୋର୍ଟ ଗ୍ରୁପର ପ୍ରତିଷ୍ଠାତା ଧୀରଜ ସିଂଙ୍କ ମତରେ ସର୍ବଭାରତୀୟ ସ୍ତରରେ ଉଚ୍ଚ ପ୍ରତିଯୋଗିତା ମଧ୍ୟରେ ପ୍ରବେଶିକା ପରୀକ୍ଷା ଦେଇ ଭାରତର ପ୍ରତିଷ୍ଠିତ ଆଇ.ଆଇ.ଟିରେ ଅଧ୍ୟୟନ କରୁଥିବା ୩୦ ରୁ ୪୦ ପ୍ରତିଶତ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ନିଯୁକ୍ତିକୁ ନେଇ ଏବେ ମଧ୍ୟ ସମସ୍ୟା ଲାଗି ରହିଛି ରହିଛି। କଠିନ ପରିଶ୍ରମ ସତ୍ତ୍ୱେ ଚାକିରୀ ନପାଇ ଛାତ୍ରଛାତ୍ରୀମାନେ ମାନସିକ ଚାପରେ ରହୁଛନ୍ତି। ଏହାର ପରିଣାମ ସ୍ୱରୂପ ଦିନକୁ ଦିନ ଛାତ୍ରଛାତ୍ରୀ ମାନଙ୍କର ଆତ୍ମହତ୍ୟା ବୃଦ୍ଧି ପାଉଛି। ଭାରତର ଉଚ୍ଚଶିକ୍ଷା ତୁଳନାତ୍ମକ ଭାବେ ବିଦେଶର ଶିକ୍ଷାଠାରୁ ଢେର ଶସ୍ତା ସତ୍ତ୍ୱେ ମଧ୍ୟ କେତେକ ଭାରତୀୟ ଛାତ୍ରଛାତ୍ରୀ କାନାଡା, ସିଙ୍ଗାପୁର, ଆମେରିକା, ବ୍ରିଟେନ,ଅଷ୍ଟ୍ରେଲିଆ ଆଦି ଦେଶରେ ଉଚ୍ଚଶିକ୍ଷା କରିବାକୁ ପସନ୍ଦ କରନ୍ତି। ବିଶ୍ୱଗୁରୁ ଭାବେ ଭାରତ ଆଗକୁ ବଢୁଥିବା ସମୟରେ ଭାରତର ବିଶ୍ୱବିଦ୍ୟାଳୟ ବିଶ୍ୱର ଶ୍ରେଷ୍ଠ ଶହେ ବିଶ୍ୱବିଦ୍ୟାଳୟରେ ସ୍ଥାନ ନପାଇବା,ଶିକ୍ଷା ପାଇଁ ବ୍ୟୟ ବରାଦ ଆଶାନୁରୂପ ଭାବେ ବୃଦ୍ଧି ନପାଇବା ଆମ ଶିକ୍ଷା ବ୍ୟବସ୍ଥାର ଅଭାବନୀୟ ଦୃଶ୍ୟ। ବିଶ୍ୱମହାମାରୀ ସମୟରେ କେତେକ ଜରୁରୀକାଳିନ ସେବା ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଭାଗକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ରଖିଥିଲେ ସରକାର। ସରକାରଙ୍କ ଦୃଷ୍ଟିରେ ଏହା ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇନଥିବାରୁ ସରକାର ବିକଳ୍ପ ଶିକ୍ଷା ବ୍ୟବସ୍ଥାକୁ ଆପଣାଇବା ପରିବର୍ତ୍ତେ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ପାଠ୍ୟ ଖସଡ଼ାକୁ କାଣ୍ଟଛାଣ୍ଟ କରି ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ ମଧ୍ୟ ପୂର୍ବ ପାଠ୍ୟ ଖସଡ଼ା ସଂଯୋଜିତ ବିଷୟ ଗୁଡ଼ିକ କିଭଳି ଛାତ୍ରଛାତ୍ରୀମାନେ ପଢ଼ିବେ ତାହାକୁ ନେଇ କୌଣସି ନିଷ୍ପତି ନେଇନଥିଲେ ସରକାର।

ସେ ସମୟରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥଲା ଶିକ୍ଷା ବିଭାଗ। ଅତୀତରେ ଅନେକ ପ୍ରାକୃତିକ ଦୈବ ଦୁର୍ବିପାକ ଯୋଗୁଁ ମଧ୍ୟ ପରୀକ୍ଷାରେ ବିଳମ୍ବ, ପରୀକ୍ଷା ଫଳପ୍ରକାଶରେ ବିଳମ୍ବ ଆଦି ନାନାଦି ଅସୁବିଧାର ସମ୍ମୁଖୀନ ହୋଇଛି ଏହି ବିଭାଗ। କେବଳ ସେତିକି ନୁହେଁ ଅଧିକାଂଶ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ ଅଣଶିକ୍ଷକ ପଦ ଖାଲି ରହିବା, ନିୟମିତ ବେତନ ପାଇଁ ଶିକ୍ଷକମାନଙ୍କ ଆନ୍ଦୋଳନ, ଶିକ୍ଷକମାନଙ୍କର ଶ୍ରେଣୀ ବିଭକ୍ତ, ସେମାନଙ୍କର ନିୟମିତ ପଦୋନ୍ନତିରେ ଅନିୟମିତତା, ଶିକ୍ଷାନୁଷ୍ଠାନରେ ଆତ୍ୟଧିକ ରାଜନୈତିକ ହସ୍ତକ୍ଷେପ, ଶିକ୍ଷାବିଭାଗର ଶିକ୍ଷକଙ୍କ ହାତରେ ନରହି ପ୍ରଶାସକଙ୍କ ହାତରେ ରହିବା, କଡା ସୁରକ୍ଷା ସତ୍ତ୍ୱେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହେବା, ପରୀକ୍ଷା ଖାତା ମୂଲ୍ୟାୟନରେ କୋହଳ ମନୋଭାବ ଯୋଗୁଁ ନିମ୍ନଗାମୀ ହେଉଛି ଶିକ୍ଷା ବ୍ୟବସ୍ଥା। ଫଳରେ ଶିକ୍ଷିତ ହୋଇମଧ୍ୟ ଛାତ୍ରଛାତ୍ରୀମାନେ ଆଶାନୁରୂପ କର୍ମନିଯୁକ୍ତି ପାଇପାରୁ ନାହାନ୍ତି ଯାହା ବେକାରୀ ସମସ୍ୟାକୁ ଆହୁରି ଉତ୍କଟ କରୁଛି। ଆରବିଆଇର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ମଧ୍ୟ ଏହି ବେକାରୀ ସମସ୍ୟାକୁ ନେଇ ଏକଦା କହିଥିଲେ ଯେ, ତ୍ରୁଟିପୂର୍ଣ୍ଣ ଭାରତୀୟ ଶିକ୍ଷା ବ୍ୟବସ୍ଥା ଭାରତୀୟ ଅର୍ଥନୀତିର ବିକାଶ ଉପରେ ଖୁବ୍ ଶୀଘ୍ର ପ୍ରଭାବ ପକାଇବ,ତେଣୁ ଏହା ସେହି ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ନୁହେଁ ତ ? ଯଦି ଏହା ହୋଇଥାଏ ତେବେ ସମୟ ଆସିଛି ଏ ବାବଦରେ ଆମକୁ ସଚେତନ ହେବାକୁ ପଡିବ।

ଉପଯୁକ୍ତ ଭିତ୍ତିଭୂମି ସରଞ୍ଜନା ଆଧାରରେ ଶିକ୍ଷାନୁଷ୍ଠାନ ଖୋଲିବା, ପରିମାଣାତ୍ମକ ଶିକ୍ଷା ପରିବର୍ତ୍ତେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା, ଡ୍ରପ୍ ଆଉଟ ହାରକୁ ହ୍ରାସ କରିବା,ଶିକ୍ଷା ନୀତିରେ ନୀତିଶିକ୍ଷାର ପ୍ରୟୋଗ କରିବା, ଘୋଷାପାଠ ତଥା ନୋଟ ବୁକ୍ ଧରି ପଢ଼ିବା ଅଭ୍ୟାସରୁ ଶିକ୍ଷାର୍ଥୀମାନଙ୍କୁ ମୁକ୍ତ କରିବା, ଯୁବବର୍ଗଙ୍କୁ ଧନ୍ଦାମୂଳକ ଶିକ୍ଷା ତଥା ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା, ପ୍ରତିଯୋଗିତା ମୂଳକ ଶିକ୍ଷାରୁ ଦୂରେଇ ଜୀବିକାର୍ଜନ ମୂଳକ ଶିକ୍ଷାକୁ ଆପଣାଇବା, ନିର୍ଭରଶୀଳ ଶିକ୍ଷାନୀତି ବଦଳରେ ଆତ୍ମନିର୍ଭରଶୀଳ ଶିକ୍ଷାନୀତି ଆପଣାଇବା, ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ଆଦିକୁ ଗ୍ରହଣ କଲେ ହୁଏତ ଭବିଷ୍ୟତରେ ଏ ଅବସ୍ଥାରେ କେତେକ ମାତ୍ରାରେ ପରିବର୍ତ୍ତନ ଆଶା କରାଯାଇପାରେ। ନହେଲେ ଦିନ ଆସିବ ଆମେ ସମସ୍ତେ ଶିକ୍ଷିତ ହୋଇମଧ୍ୟ ବେକାର ଥିବା ଏବଂ ଚିନ୍ତା କରୁଥିବା ଆମେ ଶିକ୍ଷିତ ବେକାର ନା ବେକାର ଶିକ୍ଷିତ ? ଆମେରିକାର ପ୍ରସିଦ୍ଧ ଦାର୍ଶନିକ ଖଲିଲ୍ ଜିବ୍ରାନଙ୍କ ମତରେ 'ଯେଉଁ ଶିକ୍ଷା ଓ ବିଶ୍ୱାସ ସାରାଜୀବନ ଖାଲି କଷଣ ଯୋଗାଏ, ସେହି ଶିକ୍ଷା ଓ ବିଶ୍ୱାସକୁ ଶତ ଧିକ୍'। ବାସ୍ତବିକ୍ ଯଦି ଆମର ଶିକ୍ଷା ବ୍ୟବସ୍ଥା ଶିକ୍ଷିତ ବେକାର ସୃଷ୍ଟି କରୁଛି ତାହେଲେ ସେ ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ।

*ଅଧ୍ୟାପକ,ବାଣିଜ୍ୟ ବିଭାଗ,*
*ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,କଟକ*
*ଭ୍ରାମ୍ୟଭାଷ: ୯୪୩୮୦୭୦୮୪୯*

ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ



## ପୁଷ୍ପାରାଣୀ ପଟେଲ

ଭାଗ-୧୩

**ପୂର୍ବାଭାଷ**

*ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଇଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ୍ୟ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ ? 'କାହିଁ ପାରିଲାନି ତ !' ତେବେ କ'ଣ ହେଲା ଆଗକୁ .... ! !*

*(ପୂର୍ବପ୍ରକାଶ ଉତ୍ତାରୁ)*

*"ହାଏ ... ପୂରବୀ ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'*

*ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଉଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶୀଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।*

*ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।*

*- ଉତ୍ତର କ'ଣ ଜାଣ ?*

*- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।*

*ମୁଁ କ'ଣ ଭୁଲ କହୁଛି, ପୂରବୀ ?*

*(ପୂର୍ବପ୍ରକାଶ ଉତ୍ତାରୁ)*

ମୁଁ ସେଥିପାଇଁ ମୋ ସ୍ୱରକୁ ଦେଇ ଦେଇଛି ମୋ' ....।

ଥାଉ ! ସେକଥା ଥାଉ ଏବେ ! ଶୁଣ ପୂରବୀ, ଅନ୍ୟ ଝିଅମାନଙ୍କ ପରି ନା କେବେ ସଜାଇ ହେଉଥିଲି ମୁଁ ଓ ନା ହିଁ କେବେ ସାଙ୍ଗ ସାଥି, ବୁଲାବୁଲି ଏସବୁରେ ସମୟ କାଟୁଥିଲି।

- ତୁମେ ଯେତିକି ସେମାନଙ୍କର ମନ ବୁଝୁଥିଲ, ସେମାନେ ବି ତ ସମସ୍ତେ ତୁମକୁ ଠିକ୍ ସେତିକି ଭଲ ପାଉଥିଲ ନା !

ତୁମର ସୁନ୍ଦର ଭବିଷ୍ୟତ କଥା ତ ସେମାନେ ଚିନ୍ତା କରିଥିବେ ଓ ସେଭଳି ନିଷ୍ପତ୍ତି ମାନ ମଧ୍ୟ ନେଇଥିବେ ତୁମ ପରବର୍ତ୍ତି ଜୀବନ ପାଇଁ।

- ମୁଁ ଭାବି ପାରୁନି ପ୍ରକୃତରେ ତୁମ ପ୍ରଶ୍ନର ଉତ୍ତର କ'ଣ ହେବ ! ହଁ ବା' ନା' ! ଦ୍ୱନ୍ଦ୍ୱରେ ମୁଁ। ତେଣୁ ନୀରବ ରହୁଛି।

ଏମିତି ଯେବେ ପଢ଼ି ଚାଲିବ ମୋତେ ଫର୍ଦ୍ଦ ପରେ ଫର୍ଦ୍ଦ, ଶେଷରେ ତୁମର ଉତ୍ତର ନିଶ୍ଚେ ତୁମକୁ ଆପଣାଛାଏଁ ମିଳିସାରିଥିବ। ତେଣୁ ଏବେ ବରଂ ସେ ଆଲୋଚନା ଏତିକିରେ ଥାଉ।

ହଁ, ତୁମେ ପଚାରୁଥିଲ ନା ମୋତେ ମୋର ପ୍ରଥମ ପ୍ରେମ କଥା ! ପ୍ରେମ ପାଇଁ ମନ ଭିତରେ ପ୍ରଚଣ୍ଡ ଆକର୍ଷଣ ଓ ଗଭୀର ଆସକ୍ତି ଲୋଡା। ମୁଁ କିନ୍ତୁ ବର୍ଷ ବର୍ଷ ଧରି ପୁରୁଷ ଜାତି ପାଇଁ ସାଉଁଟିଥିଲି ଘୃଣା ଏବଂ କେବଳ ଘୃଣା।

ପ୍ରେମ କରିଥାନ୍ତି କିପରି ?

- ଘୃଣା !

କାହିଁକି ଯେ ?

- କହିବି ? ସେ ଏକ ଲମ୍ବା କଥା। ହଁ, କୁହାଯାଇପାରେ ସଂକ୍ଷିପ୍ତ ଭାବେ। ତେବେ ସେଇ ପୁରୁଷ ଚରିତ୍ର ମାନଙ୍କର ସେଭଳି ଛୋଟ ଛୋଟ କ୍ରିୟାର ପ୍ରତିକ୍ରିୟା ଯେ ମୋ' ସରଳ, ନିରୀହ ମନଟିକୁ କିଭଳି ନିଃସ୍ପୃହ ସଜେଇଦେଲା ଆଜୀବନ ପାଇଁ, ତାହା ଏଠି ତୁମକୁ ନିଶ୍ଚୟ କହିବି। ମୋ' ମନର ବୋଝ ବି ତ ମୋ'ତେ ଊଣା କରିବାର ଅଛି ନା ! !

(ସେ ଓ ମୁଁ ... ପୂରବୀ ଓ ସ୍ନିଗ୍ଧା ... ଦୁଇଟି ସମବ୍ୟଥିନୀ ସଙ୍ଗୀ .... ନିଶ୍ଚେ ଦ୍ରବୀଭୂତ ହେଇଯିବେ ... ପରସ୍ପରର ବେଦନାର ଭାରରେ। ଉଭୟେ ନାରୀ। ତେଣୁ ଭୁକ୍ତଭୋଗୀ ନିଶ୍ଚୟ।)

ଦୁଃଖର ଭାରକୁ ହୃଦୟରେ ଧାରଣ କରିନଥିଲେ, କେଉଁ ଭିଜିହୁଏ ସେ ଦୁଃଖର ସାଗରରେ ଓ ଏମିତିରେ ଏ ମିଛ ପ୍ରବୋଧନ। ଆଶ୍ୱାସନା ମୋ'ତେ ଅଧିକ କ୍ଷତାକ୍ତ କରେ। କଷ୍ଟ ଦିଏ।

।।୩।।

'ନାରୀଟିଏ ଗୋଟିଏ ଧନୀ ପରିବାରରେ ଜନ୍ମ ନେଉ ଅବା ଗରିବ ଘରେ, ତାକୁ ଯେ କେବେ ନା କେବେ, କାହାରି ଦ୍ୱାରା ଯୌନ ନିର୍ଯାତନାର ଶିକାର ହେବାକୁ ପଡେ। ଏଥିରେ କ'ଣ କୌଣସି ଦ୍ୱିମତ ଅଛି।' - ପୂରବୀ, ତୁମକୁ ପଚାରୁଛି। କୁହ ନା ! ତୁମେ କ'ଣ ଅନୁଭବ କର ?

- ଏକଦମ୍ ସତ !



- ସତ ନା ?

- ହଁ ! ସତ !

- ସେଇକଥା ହିଁ କହୁଥିଲି ମୁଁ।

ଆଜି ଯେବେ ତୁମପରି ସମଦୁଃଖିନୀ ପ୍ରାଣଟିଏ ଭେଟିଛି, ଚାଲ କିଛି ହାଲୁକା କରିନିଏ ମୋ' ମନର ବୋଝ।

ମୋ' ବୟସ ସେତେବେଳେ ପନ୍ଦର ବର୍ଷ। ଦଶମ ବୋର୍ଡ ପରୀକ୍ଷା ସରିଥାଏ। ପ୍ରଥମଥର ପାଇଁ ଏକୁଟିଆ ଆଈ ସାଥିରେ ଯାଇଥିଲି ମାମୁଁଘର। ସେ ତିକ୍ତ ଅନୁଭୂତି ପରେ ଯଦିଓ ମୁଁ ଭୁଲି ସାରିଲିଣି, ସେଦିନର ମାମୁଁଘରେ ହେଇଥିବା ଆୟୋଜନ, ଆସର ତଥା ଭାଇଭଉଣୀ ମାନଙ୍କ ସାଥିରେ କରିଥିବା ମଉଜ ମଜଲିସ୍‌କୁ ତଥାପି ଭୁଲି ପାରୁନି ସେଇ ମୁହୂର୍ତ୍ତକର ଅବାଞ୍ଛିତ ସ୍ପର୍ଶ ପାଇ ଭୋଗିଥିବା ଅପରିମତ ଯନ୍ତ୍ରଣା !

କେଜାଣି ? ଏ ଜୀବନରେ ଆଉ ଭୁଲି ପାରିବି କି ନା, ତା' ବି ସନ୍ଦେହ ଘେରରେ।

ସେ ହେବେ, ମୋ'ର ଜଣେ ଦୂର ସମ୍ପର୍କୀୟ ମାମୁଁ। ପୂରୀବ, ମୁମୁଁଙ୍କ ସ୍ଥାନ କେଉଁଠି... ? ସେଇ ବାପାଙ୍କ ପାଖରେ ହିଁ ନା ? ଅଥଚ....

ଖରାଦିନର ସମୟ। ତେଣୁ ମାମୁଁ ଘର ବଡ ବାରଣ୍ଡାରେ ପଡିଥାଏ ପାଖାପାଖି ଖଟସବୁ, ସମସ୍ତଙ୍କ ଶୋଇବା ପାଇଁ। ମୁଁ ଶୋଇଥିଲି ଆଈଙ୍କ ସାଥିରେ। ଅଳ୍ପ ଦୂରତାରେ ସାନଭାଇ ସାଥିରେ ସେଇ ମାମୁଁଙ୍କର ଖଟ। 'ସାନଭାଇ' କାହାକୁ କହିଲି, ବୁଝିଲ ନା ? ସେଇ ମାମୁଁଙ୍କର ହିଁ ପୁଅ। ଶୋଇବା ପୂର୍ବରୁ କେତେ ଭଲ ଭଲ କଥା କହୁଥିଲେ ସେ ମୋ'ତେ। ପାଠ କଥା। ଦୁନିଆ କଣ। ଭାଇର ସ୍କୁଲ କଥା।

ଅଥଚ ....। ଅଥଚ, ଅଧରାତି ବେଳକୁ ମୋ' ବେକମୂଳ ଓ ତା' ତଳକୁ ଛୁଇଁ ଯାଉଥିଲା ଗୋଟିଏ ପିଶାଚର ହାତ...।

'ଛି....। ଛି .... ପୂରବୀ। 'ମୋ' ଉପରେ ଆଜି ବି ଘୃଣା ଆସୁଛି ମୋ'ତେ। ନାରୀ ଜୀବନ ହିଁ ଏକ ଘୃଣିତ ଜୀବନ ବୋଧେ।

ଛି ...। ମୁଁ ଭୁଲିଯିବାକୁ ଚାହେଁ ସେ କଥା ସବୁକୁ। ସେଭଳି ଅନୁଭବ ମାନଙ୍କୁ। ଅଥଚ ଅଧିକ ମନେ ପଡନ୍ତି ସେଇ ସବୁ କଥା।

ଆରଜନ୍ମରେ ମୁଁ ପୁରୁଷଟିଏ ହେଇ ଜନ୍ମ ନେବାକୁ ଚାହିଁବି, ପୂରବୀ। ମୋ'ତେ ଥରେ ଜାଣିବାକୁ ଇଚ୍ଛା, କେଉଁ ଧାତୁରେ ଗଢ଼ା ସେମାନେ ! କାହିଁକି, ସେମାନେ ଭାବିପାରନ୍ତିନି ଯେ ନାରୀଟିଏ କେବଳ ଦେହଟିଏ, ଶରୀରଟିଏ ନୁହେଁ, ସେ ନିଷ୍ପାପ ଆତ୍ମାଟିଏ ବି, ଯିଏ ଭଲପାଏ ନିଜକୁ ସାଇତି ରଖିବା ପାଇଁ, ନିଜ ପ୍ରିୟ ପୁରୁଷଙ୍କ ପାଇଁ।

ସେ ହେଇପାରେ ଫୁଲଟିଏ, କିନ୍ତୁ ନିଜକୁ ନିଜ ସୌନ୍ଦର୍ଯ୍ୟକୁ ନିଜ ବାସ୍ନାକୁ ସେ କେବଳ ନିର୍ଦ୍ୱନ୍ଦ୍ୱରେ ଦେଇପାରେ ନିଜ ଈଶ୍ୱରଙ୍କୁ। ଅନ୍ୟ କାହାକୁ ନୁହେଁ। ମାମୁଁ ଓ ବାପା କ'ଣ ସମାନ ଉଚ୍ଚତାରେ ନାହାଁନ୍ତି। ଏକାପରି ହିଁ ପୂଜନୀୟ ଥିଲେ ମୋ' ପାଇଁ। ଅଥଚ ଏଭଳି ସମ୍ମାନସ୍ପଦ ମଣିଷଟିର ଏଭଳି ବ୍ୟବହାର।

*(କ୍ରମଶଃ)*

---

## ବୈଶାଖୀ କବିତା



### ସମୟର ଚକ



**ନିତ୍ୟାନନ୍ଦ ପାଣିଗ୍ରାହୀ**

ସଞ୍ଜ ପହରୁ ସପଟିଏ ପାରି
ଶୋଇଛି ବୁଢ଼ାଟି
ଦୁଆରକୁ ଟିକିଏ ପାଖେଇ
ତା' ପିଲାଦିନ ମସିଆ ତକିଆଟି
ମୁଣ୍ଡତଳେ ଦେଇ।
ଆଣ୍ଠୁଯୋଡି ମୁଣ୍ଡରେ ଲାଗିଛି
ପୁରୁଣା ବଙ୍କୁଲି ବାଉଁଶ ବାଡିଟି
କଡରେ ରଖିଛି।
ସେ ଯେମିତି ଜାଗ୍ରତ ପ୍ରହରୀ
ଗାଆଁର ଚୌକିଦାର ପରି।
ଦେହଟା ତା କଙ୍କାଳ ପରିକା
ଜୀର୍ଣ୍ଣଶୀର୍ଣ୍ଣ
ରଙ୍ଗ ଶିଠୁଆ, ବିବର୍ଣ୍ଣ।
ଧୁଡୁକା ଚମ ନିଷ୍ପ୍ରଭ ଦୃଷ୍ଟି
ଶ୍ରୁତି କ୍ଷୀଣ,
ନେଞ୍ଜରାରେ ଭରପୂର ଆଖିକୋଣ,
ଖନି ବାଜୁଛି ପାଟି,
ଶୁଷ୍କପ୍ରାୟ ତଣ୍ଟି,
ଗଣି ହୋଇଯାଏ
ଦେହର ଶିରା ପ୍ରଶିରା ଗୁଡାକ
ମୁଣ୍ଡ ବାଳରେ ଝୋଟର ଝଲକ,
କେତେଦିନୁ
ଯନ୍ତ୍ରଣାକ୍ତ ଦାନ୍ତ ଗୁଡାକ ଝଡିଛି
ଓଠ ବି ଶୁଖିଛି
ଏବେ ସେ ପାକୁଆ ପାଟିରେ
ମାଡ଼ି ଦିଇଟା ଯା ଚର୍ବଣ କରେ
ରସନା ଜାଣୁନି ସୁଆଦ
ପେଟଯାଇ ପିଠିରେ,
ଖୁଁ, ଖୁଁ ଗଳା
କାଶ ଯେ କାଶ
ତା'ପରେ, ତା' ପରେ।
ପୂରିଲା ପୂରିଲା ଗାଲ ଦୁଇ
ଏବେ ମିଶିବାକୁ
ଅଳ୍ପ ଟିକେ ବାକି
କାନ୍ଧରୁ ଆଙ୍ଗୁଠି ଯାଏ
ବାହୁ ଦୁଇ
ଏବେ ଆଉ ହୁଏନାହିଁ ଟେକି।
ମେରୁସମ ମେରୁଦଣ୍ଡ,
ଆଜି ଶରହୀନ କାଣ୍ଡ,
ନିଷ୍ଟଳ ପାଦଦୁଇ,
ଜମାରୁ ଉଠୁନାହିଁ,
ସକାଳର ନିଜ ନିତ୍ୟକର୍ମ ପାଇଁ
ଯିବାକୁ ପଡୁଛି
ଘୁଷୁରି ଘୁଷୁରି
କେତେବେଳେ କେମିତି
ବିଛଣା କି ଦୁଆରେ
ହେଉଛି ଝାଡା ପରିସ୍ରା କରି।
ସେ ନିଷ୍ପ୍ରଭ, ନିଷ୍ଟଳ,
ଯନ୍ତ୍ରଣାକ୍ତ, କଳବଳ
ଦିନେ ତା ଆଦେଶ ଥିଲା
ସୃଷ୍ଟିର ଅବଧାନ।

*ଈଶ୍ୱରପୁର, ରାଧାବଲ୍ଲଭପୁର,*
*ସୋର, ବାଲେଶ୍ୱର*
*ଭ୍ରାମ୍ୟଭାଷ : ୯୪୩୭୮୧୪୦୨୦*

### ବୈଶାଖୀ ଝାଞ୍ଜି ବହିଲା



**ନଳିନୀ ଦାଶ**

ଆସିଲାଣି ଖରା ତାତିଲାଣି ଧରା
ବୈଶାଖୀ ଝାଞ୍ଜି ବହିଲା
ନଦୀ ନାଳ କୂଅ ଗାଡିଆ ପୋଖରୀ
ରବି ତେଜରେ ଶୁଖିଲା।
ପ୍ରଖର କିରଣେ ଗଛ ଯାଏ ଜଳି
ଖରା ହୁଏ ଟାଇଁ ଟାଇଁ
ଗ୍ରୀଷ୍ମମ ପ୍ରବାହ ସହିହେଉ ନାହିଁ
ମୁଣ୍ଡ ହୁଏ ଝାଇଁ ଝାଇଁ।
ପଶୁ ପକ୍ଷୀ ମାନେ ଡହଳ ବିକଳ
ହେଲେ ପାଣି ଟୋପେ ପାଇଁ
ଅନଳ ବରଷା ହୋଇ ତାତେ ବାଲି
ଫାଟିଯାଏ ମାଟି ଭୂଇଁ।
କାନନେ ଶୁଭୁନି କୁହୁ କୁହୁ ତାନ
କୋଇଲି ଗଲାଣି ଫେରି
ବଇଶାଖ ଖରା ଝାଞ୍ଜି ପବନକୁ
ଦେହରେ ସହି ନପାରି।
ବିଞ୍ଚଣା ଧରିକି ବିଞ୍ଚି ହେଉଥିବ
ବହିଲେ ଦେହରୁ ଝାଳ
ଭାରି ଭଲ ଲାଗେ ଖରା ସମୟରେ
ଖାଇଲେ ଦହି ପଖାଳ।
ତରଭୁଜ, ଲସି ଫଳରସ ପିଅ
ଦେହ ରହିବ ସତେଜ
ଜଳୀୟ ଅଂଶଟି ଶରୀରେ ନକମେ
ବାଧେନି ତପନ ତେଜ।
ବାହାରକୁ ଗଲେ ଓଦା ଗାମୁଛାକୁ
ମୁଣ୍ଡରେ ଦେବ ପକାଇ
ଘୋଳଦହି ସାଥେ ଆମ୍ବିଳି ତୋରାଣି
ଶୋଷ ବେଳେ ଦିଅ ପିଇ।
ଗଛଛାଇ ତଳେ ବସିଗଲେ ଟିକେ
ପବନ ଆରାମ ଦିଏ
ଅଂଶୁଘାତ କେବେ ହୋଇବ ନାହିଁଟି
ଯିଏ ସଚେତନ ହୁଏ।
କଳାଚଷମା ଓ ଚପଲ ପିନ୍ଧିଲେ
ଖରା ସମୟରେ ଯିବ
ଛତାକୁ ମୁଣ୍ଡାଇ ଲେମ୍ବୁ ପାଣି ପିଇ
ଖରାକୁ ହଟାଇ ଦେବ।
ଟାଣ ଖରା ବେଳେ ଅଟକି ଗଲେଟି
ଅଂଶୁଘାତ ହୋଇବନି
ଜଳଛତ୍ର ଦେଖି ପିଇ ଦେଲେ ପାଣି
ଥକା ଜମା ଲାଗିବନି।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ : ୯୨୩୮୯୯୬୭୪୯*

### 'ତୁମେ ଗଲା ପରେ...'



**ପ୍ରଭାତ କୁମାର ନାୟକ**

ତୁମେ ଗଲା ପରେ ଚାନ୍ଦିନୀର ଚାନ୍ଦ
ଶୀତଳ ଜୋଛନା ଢାଳେ ନା ,
ନିତି ନିଶୀଥରେ ଫୁଟେ ହେନା ମଲ୍ଲି
ସେ ଫୁଲରେ ନାହିଁ ବାସନା ।
ତୁମେ ଗଲା ପରେ ...

ଋତୁ ପରେ ଋତୁ ଫଗୁଣ ଫେରିଛି
ମଳୟ ପବନ ବହେନା,
ପାହାନ୍ତି ପ୍ରହରେ ଆମ୍ବ ଗଛ ଡ଼ାଳୁ
କୋକିଳ କୂଜନ ଶୁଭେନା ।
ସୋରିଷ ଫୁଲର ହଳଦିଆ ଖେତ
ଚୁପି ଚୁପି ଆଉ ହସେନା..
ତୁମେ ଗଲା ପରେ ...

ପ୍ରେମ ନୀଳ ନଈ ଶୁଖିଲା ପଡିଛି
ପୀରତି ଜୁଆର ଆସେନା ,
ବିରହର ନିଆଁ ନିତି ଜାଳି ମାରେ
ହୃଦୟରେ ଭରି ବେଦନା ।
ମନ ଅଗଣାରେ ପାଦ ପାଉଁଜିର
ରୁଣୁ ଝୁଣୁ ସ୍ୱର ଶୁଭେନା ..
ତୁମେ ଗଲା ପରେ ...

ତୁମ ସାଥେ ପ୍ରିୟା ଏ ଜୀବନେ କେବେ
ଦେଖା ହେବ କି ନା ଜାଣେନା ,
ତୁମରି ଫେରିବା ପଥକୁ ଅନାଇ
ଏ ଆଖିର ଲୁହ ଶୁଖେନା ।
ମୋ ଜୀବନ ଏଠି ବଇଶାଖୀ ତାତି
ତୁମ ବିନା ଭଲ ଲାଗେନା..
ତୁମେ ଗଲା ପରେ ଚାନ୍ଦିନୀର ଚାନ୍ଦ
ଶୀତଳ ଜୋଛନା ଢାଳେ ନା ....

*ଚେନ୍ନାଇ, ତାମିଲନାଡୁ*
*ଦୂରଭାଷ : ୮୧୨୨୮୦୩୨୪୬*

### ଆତ୍ମ ନିର୍ଭର ଭାରତ



**ଅମିତା ମେହେର**

ଯେଉଁ ଦିନ
ଗାଁ-ସହର, ଗଳି-ଗଳି, ଘରେ-ଘରେ...
ସ୍ୱଦେଶୀକୁ ଆପଣେଇ
ସମ୍ପୂର୍ଣ୍ଣ ବର୍ଜିତ ହେବ ବିଦେଶୀ ବ୍ୟାପାର,
ସେଦିନ ଆତ୍ମ ନିର୍ଭର ହେବ ମୋ ଭାରତ !
ନଥିବ ଯେଉଁ ଦିନ ଧର୍ମ-ଜାତିର କେଉଁ ଭେଦ
କି ବର୍ଣ୍ଣ-ବର୍ଣ୍ଣର ମିଛ ଅନ୍ତର...
ନଥିବ ଲୁହ, କୋହ କି ଭୟ ଓ ସଙ୍କଟ
'ବସୁଦ୍ଧେବ କୁଟୁମ୍ବକମ' ମନ୍ତ୍ରରେ
ଝୁମି ଉଠିବ
ମାଟି ରୁ ଆକାଶ, ହଁ ! ସେଇଦିନ
ଆତ୍ମ ନିର୍ଭର ହେବ ମୋ ଭାରତ !
ବିନା ଦ୍ୱିଧାରେ ନାରୀ ଚାଲିପାରିବ ଯେଉଁଦିନ
ପାହୁଣ୍ଡେ ଅନ୍ଧାର,
ନଥିବ କାହା ଲୋମଶ ସ୍ପର୍ଶର ଡର
କି ଖବରକାଗଜ କି ଟେଲିଭିଜନ ପରଦାରେ
ନାରୀ ଶୋଷଣର କେଉଁ ଖବର...
ଯେଉଁଦିନ ଭୋକିଲା ନରହିବ
କେଉଁ ଭୋକ ଡାକୁଥିବା ପେଟ,
କି ଆସିବନି ଚାଷୀ ଆତ୍ମହତ୍ୟାର
କେଉଁ ଦୁଃଖଦ ଖବର...
ସବୁ ଓଠରେ କେବଳ ଥିବ
'ବନ୍ଦେ ମାତରମ'ର ମଧୁର ଗୀତ...
ସେଇଦିନ,
ଆତ୍ମ ନିର୍ଭର ହେବ ମୋ ଭାରତ !
ଯେତେ ଆସୁ ମହାମାରୀ,
କେଉଁ ପୋଡ଼ାଶୀ ରାଷ୍ଟ୍ରର ଆତଙ୍କ...
ଡରିବାନି କି ଥକିଯିବାନି
କି ମୁଣ୍ଡ ନୁଆଇଁବାନି
କାହା ଆଗରେ ଯେଉଁଦିନ...
ଯେବେ ହାତ ଉପରେ ହାତ
ରହିଥିବ ଆମ ସଭିଙ୍କର,
ସେଇଦିନ, ହଁ ! ସେଇଦିନ
ଆତ୍ମନିର୍ଭର ହେବ ଆମ ଭାରତ !

*ବଲଦିଆମାଲ, ଜୁନାଗଡ଼, କଳାହାଣ୍ଡି*

---

# ଜୀଅନ୍ତା ଶବ



**ଅସିତ ପଣ୍ଡା**



*(ପୂର୍ବପ୍ରକାଶ ଉତ୍ତାରୁ)*

ତାର କୁନି କୁନି ଫୁଲ ପାଖୁଡା ଭଳି କଅଁଳ ଓଠରୁ ଯେବେ ପ୍ରଥମେ ବାବା ଡାକ ଶୁଣିଥିଲେ ସେଦିନ ଏକ ଦିବ୍ୟ ଆନନ୍ଦର ଅନୁଭବ କରିଥିଲେ ବିଶୁମାଷ୍ଟ୍ରେ। ସେଇ ପ୍ରଥମ ସମ୍ବୋଧନର ଆନନ୍ଦର ତୁଳନା ଆଉ କାହା ସହ ହୋଇ ନପାରେ। ସମସ୍ତଙ୍କ ବାରଣ ଆକଟ ଭୁଲ ଥିଲା ବୋଲି ବେଶ ହୃଦୟଙ୍ଗମ କରିଥିଲେ। ସେଦିନ ସହରରୁ ଫେରିବା ବେଳେ ଗାଁ ପହଞ୍ଚୁ ପହଞ୍ଚୁ ରାତି ଏଗାର ବାଜି ବାକୁ ବସିଥାଏ। ଗାଁ ବସଷ୍ଟାଣ୍ଡ ରେ ଓହ୍ଲାଉ ଓହ୍ଲାଉ କାନରେ ବାଜିଲା ଛୋଟ ପିଲାର କାନ୍ଦ। ଏତେ ରାତିରେ ନିରୋଳା ବସଷ୍ଟାଣ୍ଡ କଡରେ ଥିବା ରାମ ମନ୍ଦିର ପାଖରୁ ଏଭଳି ଛୋଟ ପିଲାର କାନ୍ଦ ଶୁଣି ସ୍ୱତଃ ତାଙ୍କ ପାଦ ସେପଟକୁ ବଢିଗଲା। ନାଲି ଗାମୁଛାରେ ଗୁଡା ହୋଇ ମନ୍ଦିର ପିଣ୍ଡାରେ କାନ୍ଦୁଛି ପିଲାଟିଏ। ଆଖ ପାଖରେ କେହି ନାହାନ୍ତି। କଣ କରିବେ ପିଲାଟିକୁ ସେମିତି ଏକା ଛାଡି ଆସିବାକୁ ବିବେକ ବାଧା ଦେଉଥାଏ। କଣ କରିବେ ଭାବି ପାରୁ ନଥାନ୍ତି। ବସ ଷ୍ଟାଫ ମାନେ ବି ଯିଏ ଯୁଆଡେ ଗଲେଣି। ଏଠି ଏମିତି ପିଲାଟିକୁ ଛାଡି ଦେଇଗଲେ ବିଲୁଆ କି କୁକୁର ଟାଣି ନେଇଯିବେ। ପିଲାର ମା କୁଆଡେ ଗଲା ? ମନରେ ଅନେକ ଆଶଙ୍କା ଉଙ୍କି ମାରୁଥିଲା। ସେ ପିଲାଟିକୁ ଟେକି ଆଣିଲେ କୋଳକୁ। ମନ୍ଦିର ପାଖରେ ଦିନା ଭାଇଙ୍କ ଚା ଦୋକାନ। ତାଙ୍କ ସହ ଭଲ ପରିଚିତ ସେ। ତାକୁ ନିଦରୁ ଉଠେଇ କହିଲେ ସବୁ କଥା। ମନ୍ଦିରରେ ଏତେ ରାତିରେ କେଇ ଦିନର ଛୁଆକୁ ଶୁଏଇ କିଏ କୁଆଡେ ଚାଲିଗଲା ? ଦୁହେଁ ଯାଇ ପହଁଚିଲେ ପୂଜାରୀ ନନା ଘରେ। ସେ ବି କିଂ କର୍ତ୍ତବ୍ୟବିମୁଢ। କହିଲେ 'ସନ୍ଧ୍ୟାରୁ ଜଣେ ସ୍ତ୍ରୀଲୋକ ପିଲାକୁ ଧରି ବସିଥିଲା। ମୁଁ ଭାବିଲି ବସ୍‌ରେ କିଏ ଯିବ ବୋଧହୁଏ। ମନ୍ଦିର ପିଣ୍ଡାରେ ବିଶ୍ରାମ ନେଉଛି। ସନ୍ଧ୍ୟା ପରେ ତ ମୁଁ ମନ୍ଦିର ଆରତୀ ସାରି ଆସିଛି ଯେ ଆଉ ଯାଇନି।' ତେବେ ଏ ପିଲାର ବାପା ମାଆ କିଏ ଜଣା କେମିତି ପଡିବ। ଦିନାଭାଇ ବୁଝେଇଲେ 'ଝିଅ ପିଲା ବୋଲି ବୋଧହୁଏ କିଏ ଜାଣିକି ପକେଇ ଦେଇଯାଇଛି। ଆଉ ଫେରିବା ଭଳି ଲାଗୁନି। ଭଲ ହେବ ପୋଲିସକୁ ଖବର ଦେଇ ପିଲାକୁ କେଉଁ ଅନାଥାଳୟକୁ ଦେବାର ବ୍ୟବସ୍ଥା କରିଦେବା। ଝିଅ ପିଲାଟା, କାଲି କଣ ସୁବିଧା ଅସୁବିଧା ହେବ। କାଦୁଅକୁ ଯିବା କାହିଁକି ଗୋଡ଼ ଧୋଇବା କାହିଁକି। ପୋଲିସକୁ ଖବର ଦେଇ ଆମେ ଦାୟିତ୍ୱରୁ ମୁକ୍ତ ହେବା। 'ବିଶୁ ବାବୁଙ୍କ ମନକୁ କିନ୍ତୁ କଥା ଟା ପାଉ ନଥିଲା। ଝିଅ ପିଲାଟା। ଏ କଳି କାଳରେ ଆନାଥାଳୟରେ କଣ କଣ ହୁଏ ସେ ବିଷୟରେ ତାଙ୍କୁ ଅଛପା ନୁହେଁ। କୁକୁର ବିଲୁଆ ମୁହଁରୁ ବଞ୍ଚେଇ ପୁଣି କେଉଁ ଦୁଇଗୋଡ଼ିଆ ଜନ୍ତୁଙ୍କ କବଳକୁ ଦେବାକୁ ତାଙ୍କର ଇଛା ହେଉ ନଥିଲା। ଦିନା ଭାଇ ଓ ନନାଙ୍କ ବାରଣ ସତ୍ତ୍ୱେ ସେ ତାକୁ ଘରକୁ ନେଇ ଆସିବେ ବୋଲି ମନ ଦୃଢ଼ କଲେ। ସେ ଦୁହିଁଙ୍କୁ ରାଣ ନିୟମ ତୁନି କରେଇଲେ ଯେ ଏ ପିଲା ମନ୍ଦିରରୁ ମିଳିଛି ବୋଲି କେବେ କେହି ଯେମିତି ନଜାଣନ୍ତି। ଶ୍ରଦ୍ଧାର ସହ ତାକୁ ଆଣି ଟେକି ଦେଇଥିଲେ ସ୍ତ୍ରୀ ମନୋରମା ହାତରେ। କହିଥିଲେ ଏ ସହରରେ ରହୁଥିବା ତାଙ୍କ ବନ୍ଧୁଙ୍କ କନ୍ୟା। ବନ୍ଧୁ ଓ ବନ୍ଧୁ ପତ୍ନୀଙ୍କ ଦୁର୍ଘଟଣାରେ ମୃତ୍ୟୁ ହେବାରୁ ତାଙ୍କ ପରିବାର ଲୋକେ ଝିଅକୁ ଟେକି ଦେଇଛନ୍ତି ବିଶୁ ବାବୁଙ୍କ ହାତରେ। ବାସ ସେଇ ଦିନଠାରୁ ଶ୍ରଦ୍ଧା ତାଙ୍କ ଝିଅ ପରିଚୟ ନେଇ ବଡ ହେଇଛି। ମନୋରମା ମଧ୍ୟ ମାତୃତ୍ୱର ଅମୃତ ବର୍ଷାରେ ସିକ୍ତ କରି ଆସିଛନ୍ତି ତାକୁ। ନିଜର ସନ୍ତାନ ହେଲା ପରେବି ତାଙ୍କ ସ୍ନେହରେ କଣିଚାଏ ଊଣା କରି ନାହାନ୍ତି। ଓଲଟା ସବୁ ପିଲା ଭିତରୁ ସେ ହିଁ ଅଧିକ ଗେଲ୍ଲୀ। ବଡ଼ ହେବା ଯାଏ ସେ ବି ଜାଣି ନଥିଲା ଯେ ଏ ପରିବାର ସହ ତାର ରକ୍ତ ସମ୍ପର୍କ ନାହିଁ ବୋଲି। ସ୍କୁଲ ପଢିବା ବେଳେ ସାହି ପଡିଶା କିଏ ଜଣେ ତା କାନରେ ଫୁଙ୍କିଲେ ଏ ବିଷୟରେ। ସ୍କୁଲରୁ ଫେରି କାନ୍ଦିକାନ୍ଦି ପଚାରିଲା ମନୋରମାଙ୍କୁ। ମନୋରମା ବୁଝେଇଦେଲେ ସେ ଯାହା ଜାଣିଥିଲେ। କେମିତି ତା ବାପା ମାଆଙ୍କ ଦୁର୍ଘଟଣାରେ ମୃତ୍ୟୁ ହେବାରୁ ଏମାନେ ତାକୁ ପୌଷ୍ୟ କନ୍ୟା ଭାବେ ଗ୍ରହଣ କରିଛନ୍ତି। *(କ୍ରମଶଃ)*

**ପ୍ରତିଶ୍ରୁତି ଓ ପ୍ରତାରଣା ଆଉ ଚଳିବନି, ଲୋକେ ବୁଝି ଗଲେଣି**

# ଏଥର ପରିବର୍ତ୍ତନ ମୁହାଁ ଜନତା : ସୋନାଲି ବିଶି

**ସୁବର୍ଣ୍ଣପୁର,(ଉଗ୍ରସେନ କର୍ମୀ) :** ଅତ୍ୟାଧୁନିକ ମେଡ଼ିକାଲ ନିର୍ମାଣରେ ସୁବର୍ଣ୍ଣପୁର ନୂଆଁ ମୁଖ୍ୟ ଡ଼ାକ୍ତର ଖାନା ଓଡ଼ିଶାରେ ଏକ ନମ୍ବର। ପ୍ରତ୍ୟେକ ବିଭାଗରେ ଡ଼ାକ୍ତର ଅଭାବରେ ବି ଏକ ନମ୍ବର। ପ୍ରତ୍ୟହ ବୁର୍ଲା ତଥା ଅନ୍ୟତ୍ର ବଡ ମେଡ଼ିକାଲକୁ ଏଠୁ ରୋଗୀଙ୍କୁ ରେଫର କରିବାରେ ଓ ରୋଗୀ ଓ ସହାୟକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ଅଭାବରେ , ପିଇବା ପାଣି ଅଭାବରେ ବି ଏକ ନମ୍ବର। ଏଠି ସୁରକ୍ଷା ବ୍ୟବସ୍ଥା ବି ଢ଼ିଲା ଆଜି ଯାଏ ସିସିଟିଭି କ୍ୟାମେରା ଲାଗି ପାରି ନ ଥିବାରୁ ପ୍ରତ୍ୟହ ଷ୍ଟାଣ୍ଡରୁ ସାଇକଲ ଓ ବାଇକ୍ ଚୋରୀ ଘଟଣା ଓ ଲାଇନ ଗଲେ ଲିଫ୍ଟରେ ଫସି ରହୁଥିବା ଘଟଣା ସାମନାକୁ ଆସୁଛି। ଯାହାକି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ପୁରୁଖା ଏମିପି ଓ ବିଏମ୍ପୁର ବିଧାୟକ ପଦ୍ମନାଭ ବେହେରାଙ୍କ ଜିଲ୍ଲାରେ ସୋନପୁରର ପୁରୁଣା ହସ୍ପିଟାଲରେ ଆରମ୍ଭ ହୋଇଥିବା ଅର୍ବାନ ମେଡ଼ିକାଲ ସ୍ଥିତି ଓ ତରଭା, ବିନିକା ମେଡିକାଲ, ସୋନପୁରର ନୂଆଁ ମୋଡେଲ ମେଡ଼ିକାଲର ଏଇ ବିକଳ ଚିତ୍ର ଦୁଃଖ ଓ ପରିତାପର ବିଷୟ ବୋଲି ସୋନପୁର ବାବା ରେଷ୍ଟୁରାଣ୍ଟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ନବ ନିର୍ମାଣ କୃଷକ ସଂଗଠନ ସମର୍ଥିତ ସ୍ୱାଧିନ ପ୍ରାର୍ଥୀ ସାହାସିକ ତଥା ପ୍ରଥମ ମହିଳା ଉଚ୍ଚ ଶିକ୍ଷିତା ସୋନାଲି ବିଶି ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ସୋନପୁରର ଏକମାତ୍ର ସର୍ବପୁରାତନ କଲେଜର ସରକାରୀ କରଣ, ସର୍ବ ପୁରାତନ ଅଙ୍ଗ କେନାଲର ସମ୍ପ୍ରସାରଣ, ରିଙ୍ଗ ରୋଡର ସମ୍ପୂର୍ଣ୍ଣ କରଣ, ଏକ ମାତ୍ର କୃଷି ଭିତ୍ତିକ ଶିକ୍ଷାନୁଷ୍ଠାନ ସୂତା କଳର ପୁନରୁଦ୍ଧାର, ନୂତନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାରେ ଓ ଦାଦନ ଶ୍ରମିକ ସମସ୍ୟା ସମାଧାନ, ବେକାରୀ ସମସ୍ୟାର ସମାଧାନ, କଟନି ଛଟନି, ଧାନ ଦର ବୃଦ୍ଧି ଓ ଚିରା ଚରିତ ମଣ୍ଡି ସମସ୍ୟା ସମାଧାନ, ପ୍ରତିଶ୍ରୁତି ଦେଇଥିବା କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା, ନୂତନ ମୋଡେଲ ବସ୍ ଷ୍ଟାଣ୍ଡ ନିର୍ମାଣ କରିବାରେ ଏବଂ ଚାରି ପାଖେ ନଦୀ ଗୁଡ଼ିକ ଥାଇ ଜଳ ସେଚନ ସମସ୍ୟା ସମାଧାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଆଉ ଗୋଟେ ପରେ ଗୋଟେ ନିର୍ବାଚନ ବେଳେ ପ୍ରତାରଣା କରି ଚାଲିଛନ୍ତି ଏଇ ପାୱାର ଫୁଲ୍ ନେତା ମାନେ। ଯଦି ଆଜି ଯାଏ ଏସବୁ ମୌଳିକ ସମସ୍ୟା ସମାଧାନ ହୋଇ ପାରିଲା ନାହିଁ ତ ଜିଲ୍ଲାରେ ୨୪ ବର୍ଷ ଶାସନ କ୍ଷମତାରେ ପୁଣି ଦୁଇ ଦୁଇଟା ମନ୍ତ୍ରୀ ଥାଇ ଆମ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଶ୍ରୀ ବେହେରା ନୂଆଁ କଣ କରିଛନ୍ତି ବୋଲି ସୋନାଲି ଦୃଢ଼ ସମାଲୋଚନା କରିଛନ୍ତି ଏବଂ ଏଥର ସୋନପୁର ନିର୍ବାଚନ ମଣ୍ଡଳୀର ସଧାରଣ ଜନତା ଏଇ ପ୍ରତିଶ୍ରୁତି ଓ ପ୍ରତାରଣାକୁ ଭଲ ଭାବେ ବୁଝି ଯାଇଛନ୍ତି। ଇଭିଏମ୍‌ରେ ତାର ଉଚିତ ଜବାବ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି ସୋନାଲି। ଗତ ନିର୍ବାଚନରେ ସୋନପୁରର ବିଭିନ୍ନ ୱାର୍ଡ ସମେତ ତରଭା ବ୍ଲକ କୁଟଶିରା ଓ ଡୁଙ୍ଗୁରୀ ପାଲି କର୍ଲା ଝୁଲି ଓ ଅନେକ ଗାଁରେ ମନ୍ତ୍ରୀଙ୍କୁ ହଟହଟା ହେବାକୁ ପଡିଥିବା ବେଳେ ଠିକ୍ ଏଥର ୨୦୨୪ ନିର୍ବାଚନରେ ମଧ ସୋନପୁର ସହର ତଥା ଗାଁ ଗାଁରେ ଲୋକଙ୍କ ପ୍ରଶ୍ନ ବାଣରେ ଶାସକ ଦଳର ମନ୍ତ୍ରୀ ହଟହଟା ହେଉଛନ୍ତି ଯାହା କି ନିକଟରେ ଘଟିଥିବା ଏକ ଜ୍ୱଳନ୍ତ ଉଦାହରଣ ତରଭାର ସର୍ଗଜ, ସୋନପୁର ବ୍ଲକର ଖାରି ତରେଇକେଲା ଗାଁର ଅପ୍ରୀତିକର ପରିସ୍ଥିତି ଓ ସୋନପୁର ଟାଉନ ମେହେର ପାର୍କର ତୁମୁଳ କାଣ୍ଡ, ତାହା କାହାକୁ ଅଛପା ହୋଇ ରହି ନାହିଁ ଜିଲ୍ଲା ସାରା ସବୁଠି ଚର୍ଚ୍ଚା ହେଉଛି ବୋଲି ସୋନାଲି କହିଛନ୍ତି। ତାଙ୍କୁ କଇଁଚି ଚିହ୍ନ ମିଳିଥିବାରୁ ସୋନାଲି ଖୁସି ଥିବା ସାଙ୍ଗେ



ସାଙ୍ଗେ ସମସ୍ତ ଭୋଟର ଓ ଅନ୍ୟ ଦଳର କୋଣ ଠେସା ପୁରୁଣା ନେତା ମାନଙ୍କ ମଧରେ ଖୁବ୍ ଉତ୍କଣ୍ଠା ବଢ଼ିଛି ବୋଲି ସୋନାଲି କହିଛନ୍ତି। କାରଣ କଇଁଚି ଶବ୍ଦର ଇତିହାସ ବି କାହାକୁ ଅଛପା ନାହିଁ ବୋଲି ସୋନାଲି ମତ ରଖି କେବେ କାହା ପାଇଁ କ୍ଷତି ପହଞ୍ଚାଇ ଥିବା ଏଇ ଶାଣିତ କଇଁଚି ମୋ ପାଇଁ ନିର୍ବାଚନ ମଇଦାନରେ ହଜାର ଗୁଣା ଲାଭ ପହଞ୍ଚାଇବ ବୋଲି ହସି ହସି ଦୃଢ଼କ୍ତି ପ୍ରକାଶ କରିଛନ୍ତି। ଚାଷୀ ସରକାର ସ୍ଲୋଗାନ ଦେଇ ଦୀର୍ଘ ମାସ ହେବ ସୋନପୁର ନିର୍ବାଚନମଣ୍ଡଳୀର ଗାଁକୁ ଗାଁ ଘରକୁ ଘର ବୁଲୁଛନ୍ତି ସୋନାଲି। ଏଥିପାଇଁ ଜିଲାର ଚାଷୀ ସଂଗଠନ ଓ ସଧାରଣ ଲୋକ ପାଖରୁ ମହିଳାଙ୍କ ପାଖରୁ ତାଙ୍କୁ ଖୁବ୍ ଉତ୍ସାହ ଓ ଆର୍ଥିକ ସହଯୋଗ ମଧ ମିଳୁଛି। ଜୟ କୋସଲ, ଜୟ କିଷାନ ଓ ଇସ୍ ବାର ଚାଷୀ ସରକାର ସ୍ଲୋଗାନ୍ ଦେଇ ସେ ଭୋଟ ଭିକ୍ଷା କରୁଛନ୍ତି। କେତେବେଳ ନିଜେ ଟ୍ରାକ୍ଟର ଚଳାଇ ରାଲି କରୁଛନ୍ତି ତ ଆଉ କେତେବେଳେ ଚାଲି ଚାଲି ବୁଲି ଲୋକଙ୍କ ଠାରୁ ଭୋଟ, ଅର୍ଥ ଓ ଆଶୀର୍ବାଦ ଭିକ୍ଷା କରୁଛନ୍ତି। ଶଗଡ଼ ଗାଡ଼ିରେ ବିଶାଳ ଶୋଭା ଯାତ୍ରାରେ ଆସି ସୋନପୁର ଆସନରେ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରି ସେ ସାରା ରାଜ୍ୟ ତଥା ଦେଶରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି। ଆଗାମୀ ଦିନରେ ଚାଷୀର ସ୍ୱାର୍ଥ ଓ ଅଧିକାର ପାଇଁ ଲଢେଇ କରିବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ରାଜ୍ୟରେ ବିଗତ ୨୪ ବର୍ଷର ସ୍ଥିର ସରକାରରେ ସୁବର୍ଣ୍ଣପୁର ଜିଲ୍ଲାରେ କିଛି ନୂଆଁ ପ୍ରକଳ୍ପ ସହ ଆଖିଦୃଶିଆ ବିକାଶ ହୋଇପାରିନି। ଯାହାକି ଲୋକଙ୍କୁ ଏ ବିଷୟରେ ସଚେତନ କରାଇ ପାରି ଥିବାରୁ ମୁଁ ଏ କଇଁଚି ଚିହ୍ନରେ ପ୍ରତିପକ୍ଷଙ୍କୁ ଘାଇଲା କରିବି ଓ ନିଶ୍ଚିତ ବିଜୟ ହାସଲ କରିବି ବୋଲି ସୋନାଲି କହିଛନ୍ତି। ଆଉ ନବୀନ ସରକାରଙ୍କ ପ୍ରାର୍ଥୀକୁ ପ୍ରତ୍ୟାଖ୍ୟାନ କରି ତାଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବହୁ ପରିଚିତ କଇଁଚି ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ସେ ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଲୋକଙ୍କୁ ନିବେଦନ କରିଛନ୍ତି। ୨୦୧୪ ନିର୍ବାଚନରେ ସୋନପୁର ଆସନରେ ବିଜେଡି ପ୍ରାର୍ଥୀ ବିଜେପି ଠାରୁ ୫୧ ହଜାର ୪୮୫ ଭୋଟ ମାର୍ଜିନରେ ଓ ୨୦୧୯ ନିର୍ବାଚନରେ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ଠାରୁ ୨୫ ହଜାର ୭୨୪ ଭୋଟ ମାର୍ଜିନରେ ବିଜେଡ଼ିର ପ୍ରାର୍ଥୀ ବିଜୟୀ ହୋଇ ଥିବା ବିଷୟ। ଥରକୁ ଥର ଭୋଟ ହାର କମୁଥିବାରୁ ବର୍ତ୍ତମାନର ନବୀନ ସରକାର ପ୍ରତି ଲୋକେ ଆସ୍ଥା ହରାଉଥିବା ଦେଖିବାକୁ ମିଳିଛି। ବିଜେଡି କହୁଛି ଏଥର ୫୦/ ୬୦ ହଜାର ମାର୍ଜିନରେ ପୁଣି ଷଷ୍ଠ ଥର ଜିତିବୁ। ବିଜେପି , କଂଗ୍ରେସ ଓ ସ୍ୱାଧିନ କହୁଛି ଏଥର ଜନତା ସଠିକ୍ ନିର୍ଣ୍ଣୟ କରିବେ। ତେବେ ଜୁନ ୦୪ ତାରିଖ ଭୋଟ ଗଣତିକୁ ସମସ୍ତଙ୍କ ଅପେକ୍ଷା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିଏମ୍‌ଙ୍କ ...

ବିଜେଡି ଏଭଳି ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପଦ ଦେଇଛି ଯିଏକି ଓଡ଼ିଶାର ସାଂସ୍କୃତିକ ମୂଲ୍ୟବୋଧ ସହିତ ପରିଚିତ ନୁହେଁ। ଶ୍ରୀ ମୋଦି କହିଥିଲେ ଯେ, କଂଗ୍ରେସ ସମ୍ବିଧାନ ବଦଳିବାକୁ ଚାହୁଁଛି। ସିଏ ଅନୁସୂଚିତ ଜାତି, ଜନଜାତି ଓ ଓବିସିର ସଂରକ୍ଷଣର ଅଧିକାର ଛଡାଇ ନିଜର ଭୋଟବ୍ୟାଙ୍କକୁ ଦେବାକୁ ଚାହଁଛି, କିନ୍ତୁ ଭାରତୀୟ ସମ୍ବିଧାନର ସଂରକ୍ଷକ ଜଣେ ଆଦିବାସୀ ମହିଳା ଅଟନ୍ତି ଏବଂ ଆପଣଙ୍କ ପ୍ରଧାନମନ୍ତ୍ରୀ ଓବିସି ସମୁଦାୟରୁ ଅଟନ୍ତି। ମୁଁ ଆପଣଙ୍କୁ ବିଶ୍ୱାସ ଦେଉଛି ଯେ, କେହି ବି ଆପଣଙ୍କ ଅଧିକାର ଛଡାଇବେ ନାହିଁ। ଯେତେବେଳେ ଜଣେ ଆଦିବାସୀ ଝିଅ ତଥା ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାମଲଲାଙ୍କ ଦର୍ଶନ କରି ଆସିଲେ, ତାର ପରଦିନ କଂଗ୍ରେସର ଜଣେ ବଡ ନେତା ଘୋଷଣା କରିଥିଲେ ଏବେ ଆମେ ଗଙ୍ଗାଜଳରେ ଧୋଇ ରାମମନ୍ଦିରର ଶୁଦ୍ଧିକରଣ କରିବୁ। ଏହା ଦେଶର ଆଦିବାସୀ ସମାଜର ଏବଂ ମାଆ-ଝିଅଙ୍କର ଅପମାନ ଅଟେ। ମୁଁ ଚାହୁଁଛି ଯେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅପମାନ କରିଥିବା କଂଗ୍ରେସର ସମସ୍ତ ସିଟରେ ଜାମିନ ଜବତ ହେବା ଉଚିତ, କାରଣ ସେମାନେ ବହୁତ ବଡବଡ ପାପ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ୭ଦଶନ୍ଧି ପୂର୍ବରୁ ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରବନ୍ଧନ ପାଇଁ ନିୟମ କରାଯାଇଥିଲା। ଗୋଟିଏ ନିୟମ ହେଉଛି ମନ୍ଦିରର ସୁନା, ରୂପା, ସ୍ଥାବର ଅସ୍ଥାବର ସଂପତ୍ତିର ରେକର୍ଡ ରଖାଯିବ। ଶ୍ରୀ ରତ୍ନଭଣ୍ଡାରରେ ରଖାଯାଇଥିବା ମୂଲ୍ୟବାନ ସାମଗ୍ରୀର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା ଏବଂ ଏହି ରତ୍ନଭଣ୍ଡାରକୁ ଶେଷଥର ଆକଳନ ୪୫ ବର୍ଷ ପୂର୍ବରୁ କରାଯାଇଥିଲା, ସେତେବେଳେ ଆଭୂଷଣ ଓ ରତ୍ନ ଏତେ ଅଧିକ ଥିଲା ଯେ, ଏହି ଖଜାନାକୁ ଅମୂଲ୍ୟ କରି ମୂଲ୍ୟାଙ୍କନ କରୁଥିବା ଲୋକେ ନିଜ ହାତ ଟେକିଦେଇଥିଲେ। ଅଧିକାରିକ ଭାବେ ଶ୍ରୀ ରତ୍ନଭଣ୍ଡାର ଗତ ୪୦ ବର୍ଷରୁ ଖୋଲାଯାଇନାହିଁ, କିନ୍ତୁ ଶ୍ରୀରତ୍ନଭଣ୍ଡାରର ଗର୍ଭଗୃହରର ଭିତର କକ୍ଷର ଚାବି ଗତ ୬ବର୍ଷରୁ ମିଳୁନାହିଁ। ଚାବି କେଉଁଠି ଅଛି ଓ କାହା ପାଖରେ ଅଛି କଣ ଲୋକଙ୍କ ଜାଣିବାର ଅଧିକାର ନାହିଁ ? ରାଜ୍ୟ ସରକାର କହୁଛନ୍ତି ଯେ, ରତ୍ନଭଣ୍ଡାରର ଡୁପ୍ଲିକେଟ ଚାବି ମିଳିଛି, ଏହି ଡୁପ୍ଲିକେଟ ଚାବି କାହିଁକି ତିଆରି ହୋଇଛି ? କଣ ସେହି ଚାବିରେ ରାତିରେ ରତ୍ନଭଣ୍ଡାର ଖୋଲାଯାଉଛି ? ଏହି ମାମଲାର ଯାଞ୍ଚ ରାଜ୍ୟ ସରକାର ଏକ କମିଶନକୁ ଦେଇଥିଲେ କିନ୍ତୁ ସେହି ରିପୋର୍ଟ ଓଡ଼ିଶା ସରକାର ସାର୍ବଜନୀନ କରିନାହାନ୍ତି। ବିଜେଡି ସରକାର ଏହି ବିଷୟରୁ କାହିଁକି ଦୌଡୁଛନ୍ତି। ରାଜ୍ୟ ସରକାର କାହାର ପାପକୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଛନ୍ତି। ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଶ୍ରୀରତ୍ନଭଣ୍ଡାରର ପାରଦର୍ଶିତା ଓ ପ୍ରତିଷ୍ଠାକୁ ପୁଣି ଥରେ ସ୍ଥାପିତ କରାଯିବ ଏବଂ ଏହା ମୋଦିର ଗ୍ୟାରେଣ୍ଟି ଅଟେ। ଶ୍ରୀ ମୋଦି କହିଛନ୍ତି ଯେ, ଆପଣଙ୍କ ସେବକ ମୋଦି ଆପଣଙ୍କ ପାଇଁ ଦିନ ରାତି ପରିଶ୍ରମ କରୁଛି। ମୋଦିର ଉଦ୍ୟମରୁ ଗତ ୧୦ ବର୍ଷରେ ୨୫କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି । ଯେତେବେଳ ଯାଏ ଦେଶରେ ଗୋଟିଏ ବି ଗରିବ ଥିବ ମୋଦି ଶାନ୍ତିର ବସିବ ନାହିଁ। ମୋଦି ପକ୍କା ଘର ଏବଂ ନିଶୁଳ୍କ ରାସନର ଗ୍ୟାରେଂଟି ଦେଉଛି ଏବଂ ଏହାର ବହୁତ ବଡ ଲାଭ ଆଦିବାସୀ ସମାଜର ଲୋକଙ୍କୁ ହୋଇଛି । ବିଜେପି ପିଏମ ସୂର୍ଯ୍ୟ ଘର ଯୋଜନା ଆଣିଛି, ଯାହାଦ୍ୱାରା ଘରେ ସୌର ପ୍ୟାନେଲ ଲଗାଇବା ପାଇଁ ପ୍ରାୟ ୭୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ଏହାଦ୍ୱାରା ବିଜୁଳି ବିଲ୍ ଶୂନ୍ୟ ହେବା ସହିତ ହିତାଧିକାରୀ ବିଜୁଳି ବିକ୍ରି କରିପାରିବେ. ଏହାଦ୍ୱାରା ଲୋକଙ୍କ ଆୟ ବି ହେବ। ମୋଦୀ ଆପଣଙ୍କୁ ମାଗଣା ଚିକିତ୍ସା ସୁବିଧା ଦେବାକୁ ଚାହୁଁଛି ମାତ୍ର ଓଡିଶା ର ବିଜେଡି ସରକାର ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବାକୁ ଦେଉନାହିଁ। ଭାଜପା ସରକାର ଚାଷୀଙ୍କ ହିତକୁ ସର୍ବୋଚ୍ଚ ପ୍ରାଥମିକତା ଦିଏ କିନ୍ତୁ ବିଜେଡି ସରକାର ଧାନ ଚାଷୀଙ୍କୁ ହଇରାଣ କରି ରଖିଛନ୍ତି। ବିଜେଡି ସରକାର ଧାନ ଚାଷୀଙ୍କୁ ସମ୍ପୂର୍ଣ୍ଣ ଏମଏସପି ଦେଉନାହିଁ ଏଥିପାଇଁ ଓଡିଶାର ଭାଜପା ଘୋଷଣା କରିଛି ଯେ ଭାଜପା ସରକାର ୩୧୦୦ ଟଙ୍କା ପ୍ରତି କ୍ୱିଣ୍ଟାଲ ହିସାବରେ ଧାନ କିଣିବ ଓ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଖାତାକୁ ପଇସା ପଠାଯିବ। କନ୍ଧମାଳର ହଳଦୀକୁ ମୋଦୀ ସରକାର ଜିଆଇ ଟ୍ୟାଗ୍ ଦେଇଛି କିନ୍ତୁ ବିଜେଡି ସରକାର ହଳଦୀ ଚାଷୀଙ୍କୁ ମଧ ସମସ୍ୟା ମଧ୍ୟରେ ରଖିଛନ୍ତି। ଏଠାରେ ପର୍ଯ୍ୟାପ୍ତ ଭଣ୍ଡାରର ସୁବିଧା ନାହିଁ ଏଥିପାଇଁ ଓଡିଶା ଭାଜପା କନ୍ଧମାଳରେ ମସଲା ପାର୍କ ନିର୍ମାଣ କରିବାକୁ ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ଭାଜପା ସରକାର ଜି୨୦ ମାଧ୍ୟମରେ ଓଡିଶାର କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ବୈଶିକ ପରିଚୟ ଦେଇଛନ୍ତି ଏବଂ ଓଡିଶାର ପାଇକ ସଂଗ୍ରାମର ସ୍ମାରକକୁ ସ୍ୱିକୃତୀ ଦେବା ସହିତ ଏହି ସଂଗ୍ରାମର ସମ୍ମାନରେ ଏକ ମୁଦ୍ରା ଓ ଡାକ ଟିକେଟ୍ ମଧ ଜାରି କରିଛନ୍ତି। ଭାଜପା ସରକାର ୩ କୋଟି ମହିଳାଙ୍କୁ ଲକ୍ଷପତି ଦିଦି କରିବାକୁ ସଂକଳ୍ପ ନେଇଛି, ଏହା ବ୍ୟତୀତ ଭାଜପା ସରକାର ହୋମଷ୍ଟେ ପାଇଁ ସହାୟତା ଦେଉଛି। ଓଡିଶା ଭାଜପା ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାର ମଧ ଘୋଷଣା କରିଛି ଯାହା ମହିଳାଙ୍କ ପାଇଁ ବଡ ସମ୍ବଳ ହେବ। ମୋଦୀ ସରକାରର ସମ୍ବଳ ଅଭିଯାନରେ ପ୍ରତି ଗର୍ଭବତୀ ମହିଳାଙ୍କ ଖାତାକୁ ୬ ହଜାର ଟଙ୍କା ପଠାଯାଉଛି କିନ୍ତୁ ବିଜେଡି ଓଡିଶାରେ ଏହି ଯୋଜନ ଉପରେ ପ୍ରତିବନ୍ଧକ ଲଗାଇଛି। ଶ୍ରୀ ମୋଦୀ କହିଥିଲେ ଯେ ଯେଉଁମାନଙ୍କୁ କେହି ପଚାରି ନଥିଲେ ସେମାନଙ୍କୁ ମୋଦୀ ପୂଜା କରିଛି। ଏଠାକାର ବିଶ୍ୱକର୍ମା ସମାଜ ପାଇଁ ଭାଜପା ସରକାର ୧୩ ହଜାର କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ତିଆରି କରିଛନ୍ତି। ଏଠାକାର ଭୂଇୟାଁ, ଭୂଞ୍ଜିୟା, ବଣ୍ଡା ପରଜା ଓ ମାଙ୍କଡିଆ ଭଳି ଅତି ପଛୁଆ ଜନଜାତିମାନଙ୍କ ପାଇଁ ମୋଦୀ ୨୪ ହଜାର କୋଟି ଟଙ୍କା ବ୍ୟୟରେ ପ୍ରଧାନମନ୍ତ୍ରୀ ଜନମନ ଯୋଜନା କରାଯାଇଛି ଏବଂ ଏହି ଯୋଜନା ଓଡିଶାର ଝିଅ ତଥା ଆମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ମାର୍ଗଦର୍ଶନରେ ଆକାର ନେଇଛି। ବିଜେଡି ଓ କଂଗ୍ରେସ କନ୍ଧମାଳକୁ ପଛୁଆ ଜିଲ୍ଲା ଘୋଷଣା କରି ହାତ ଛାଡି ଦେଇଥିଲା କିନ୍ତୁ ମୁଁ ଏହି ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲା ଘୋଷଣା କରି ଏହାକୁ ବିକଶିତ କରିବାକୁ ସଂକଳ୍ପ ନେଇଛି। ପ୍ରତି ଆକାଂକ୍ଷୀ ଜିଲ୍ଲାର ପ୍ରତିଦିନ ମନିଟରିଂ ହେଉଛି। ଭାଜପା ସରକାର ଏଠାରେ ବହୁ ଏକଲବ୍ୟ ବିଦ୍ୟାଳୟ ଆବଣ୍ଟିତ କରିଛି କିନ୍ତୁ ବିଜେଡିର ନେତା ଶିକ୍ଷା ସଂସ୍ଥାଗୁଡିକ ଉପରେ କବଜା କରି ବସିଛନ୍ତି। ବିଜେଡିର ନେତା ଏଠାରେ ଆଦିବାସୀଙ୍କ ଜମି ହଡପ୍ କରୁଛନ୍ତି। ଏଠାରେ ଭାଜପା ସରକାର ଆସିବା ପରେ ପ୍ରତି ମାଫିଆ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ପଦ୍ମ ଅଛି ତ ଶାନ୍ତି ଓ ବିକାଶ ଅଛି, ପଦ୍ମ ଅଛି ତ ଜ୍ଞାନ ଓ ବିଜ୍ଞାନ ଅଛି, ପଦ୍ମ ଅଛି ତ ପ୍ରତି ନାରୀର ସମ୍ମାନ ଅଛି, ପଦ୍ମ ଅଛି ତ ସଂକଳ୍ପର ସିଦ୍ଧି ଅଛି, ପଦ୍ମ ଅଛି ତ ସୁରକ୍ଷା ଅଛି, ପଦ୍ମ ଅଛି ତ ଆତ୍ମନିର୍ଭରତାକୁ ଶକ୍ତି ମିଳିଛି, ପଦ୍ମ ଅଛି ତ ଗୌରବମୟ ଐତିହ୍ୟ ଅଛି, ପଦ୍ମ ଅଛି ତ ବିଜୟ ଓ ବିଶ୍ୱାସ ଅଛି, ପଦ୍ମ ପଛି ତ ମାନ ଅଛି ସମ୍ମାନ ଅଛି ଏବଂ ଅଭିମାନ ଅଛି। ପଦ୍ମ ଅଛି ତ ପ୍ରଗତି ପଥରେ ହିନ୍ଦୁସ୍ଥାନ ଅଛି। ବର୍ଷ ବର୍ଷ ଧରି ମୁଖ୍ୟମନ୍ତ୍ରୀ ପଦରେ ବସିଥିବା ନବୀନ ପଟ୍ଟନାୟକଙ୍କୁ ଜଣାଇବାକୁ ହେବ ଯେ ଓଡିଶାର ଜନତା ତାଙ୍କ ଯୋଗୁଁ ଦୁଃଖୀ କଣ ପାଇଁ ? ନବୀନ ପଟ୍ଟନାୟକ ଓଡିଶାର ସବୁ ଜିଲ୍ଲାମାନଙ୍କ ନାଁ ବିନା କାଗଜ ପଢି କହିପାରିବେ ନାହିଁ। ଯେଉଁ ମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲାର ନାଁ ବିନା କାଗଜ ପଢାରେ କହିପାରିବେନି, ସେ ଜନତାଙ୍କ ଦୁଃଖ କଷ୍ଟ କେମିତି ଜାଣିବେ? ଜନତା ଏଭଳି ନେତାଙ୍କ ଭରସାରେ ନିଜ ଭବିଷ୍ୟତ ଛାଡି ପାରିବେ ନାହିଁ। ଭାଜପା ଓଡିଶାକୁ ୧ ନମ୍ବର ରାଜ୍ୟ କରିବାକୁ ସଂକଳ୍ପ ନେଇଛି। ଓଡିଶା ପାଖରେ ଗୁଜରାଟ ଠାରୁ ଶହେ ଗୁଣା ଅଧିକ ଶକ୍ତି ଅଛି, ଯଦି ଗୁଜରାଟ ଆଗକୁ ବଢିଗଲା ତେବେ ଓଡିଶା ପଛରେ କେମିତି ରହିଗଲା ? ଓଡିଶା ପାଖରେ ଖଣିର ଭଣ୍ଡାର ଅଛି, ଏଥିପାଇଁ ଏଠାକାର ମାଟି ସହ ଜଡିତ ବ୍ୟକ୍ତି ହିଁ ଏଠାକାର ମୁଖ୍ୟମନ୍ତ୍ରୀ ହୋଇ ଓଡିଶାକୁ ୧ ନମ୍ବର ରାଜ୍ୟ କରିପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଭାଜପାର ସ୍ଥାନୀୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରି ରାଜ୍ୟରେ ଭାଜପା ସରକାର ଓ କେନ୍ଦ୍ରରେ ପୁଣି ଥରେ ମୋଦୀ ସରକାର ଗଢିବାକୁ ଆହ୍ୱାନ ଦେଇଛନ୍ତି।

### କନ୍ଧମାଳରେ ...

ନିବେଦନ କରିଛନ୍ତି। ତାଙ୍କ କହିବା କଥା କନ୍ଧମାଳ ଲୋକ ବୁଝିଗଲେଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ତାଙ୍କ ସହିତ ସିଧାସଳଖ କଥା ହୋଇପାରିବେ ନାହିଁ। ଯାହା କରିବେ କାର୍ତ୍ତିକ ପାଣ୍ଡିଆନ। ତେଣୁ ଓଡ଼ିଆ ଅସ୍ମିତାର ପ୍ରସଙ୍ଗ ଉଠାଇ ସୁକାନ୍ତ ବିଜେଡିକୁ ଟାର୍ଗେଟ କରୁଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଡକ୍ଟର ଅଚ୍ୟୁତ୍ ସାମନ୍ତ କନ୍ଧମାଳର ଆଦୌ ବିକାଶ କରିନାହାନ୍ତି ବୋଲି ସେ ପ୍ରଚାର ମାଧ୍ୟମରେ ଲୋକଙ୍କୁ ସଚେତନ କରାଉଛନ୍ତି। ଡକ୍ଟର ସାମନ୍ତ କେବଳ ନିଜ ସ୍ୱାର୍ଥ ହାସଲ ପାଇଁ କନ୍ଧମାଳ ବାସୀଙ୍କ ସହ ଛଳନା କରୁଛନ୍ତି। କନ୍ଧମାଳର ନିରୀହ ଆଦିବାସୀ ଓ ଜନସାଧାରଣ ସରଳ ଲୋକ ହୋଇଥିବାରୁ ତାଙ୍କ ସହ ଡକ୍ଟର ସାମନ୍ତ ଦୀର୍ଘ ୫ ବର୍ଷ ହେଲା ପ୍ରତାରଣା କରି ଆସୁଛନ୍ତି। ତେଣୁ ଲୋକେ ଆଉ ବିଜେଡିକୁ ନୁହେଁ ପଦ୍ମଫୁଲରେ ଭୋଟ ଦେବେ ବୋଲି ଚର୍ଚ୍ଚା ଜୋର ଧରିଛି।

### ଜୟଦେବରେ ...

କୌଣସି ଉନ୍ନତି ମୂଳକ କାର୍ଯ୍ୟ କରି ନାହାନ୍ତି ଏବଂ ପିସି ନେଇ ବିଧାୟକ ପାଣ୍ଠି ବିକ୍ରି କରୁଥିବା ଅଭିଯୋଗ ହେଉଛି। ତେଣୁ ବିଜେପି ଦଳ ଉଚିତ ବିଚାର କରି ପ୍ରାର୍ଥୀ ଚୟନ କରିନାହିଁ ବୋଲି ବିଜେପି କର୍ମୀ ଅଭିଯୋଗ କରିଛନ୍ତି। ପ୍ରତ୍ୟେକ ଦିନ ଡାଲିଙ୍କୁ ଜୟଦେବ ନିର୍ବାଚନ ମଣ୍ଡଳୀରେ ତୀବ୍ର ବିରୋଧ କରାଯାଉଛି। ସେହିପରି ପୂର୍ବତନ ବିଧାୟକ ପ୍ରାର୍ଥୀ ବସନ୍ତ ନାୟକ ଜୟଦେବରେ ବିଜେପି ବଞ୍ଚାଅ, ବିଦେଶୀ ହଟାଅ ନାରା ଦେଇଛନ୍ତି। ସେ ତାଙ୍କ ସମର୍ଥକଙ୍କ ସହ ବୈଠକ କରି ବୁଥ ସ୍ତରରୁ ବିଧାୟକ ଡାଲିଙ୍କୁ ବିରୋଧ କରାଯିବ ବୋଲି ଶ୍ରୀ ନାୟକ ଚେତାବନୀ ଦେଇଥିଲେ। ଯାହାର ପ୍ରଭାବ ଏବେ ଦେଖିବାକୁ ମିଳୁଛି। ତେଣୁ ଏବେ ହାରିବା ଆଶଙ୍କା ଅରବିନ୍ଦ ଡାଲି। ଲୋକ କହୁଛନ୍ତି ଡାଲିଙ୍କ ଭଳି ଜଣେ ଦୁର୍ନୀତିଗ୍ରସ୍ତ ଓ ଦଳଡିଆଁ ନେତା ଜୟଦେବକୁ ଦରକାର ନାହିଁ। ନିଜ ଦଳର କର୍ମୀ ବିରୋଧ କରିବାରୁ ଏବେ ଚିନ୍ତାରେ ପଡିଯାଇଛନ୍ତି ଅରବିନ୍ଦ ଡାଲି।

### ଜୁନ୍ ୧୦ ନୁହେଁ ...

କୋଟି ଦେଲେ ହେଲେ ଓଡ଼ିଶାକୁ କଣ ହେଲେ। ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ ୨ ଥର ପ୍ରସ୍ତାବ ଦେଇଥିଲି କିନ୍ତୁ ମୋ ପ୍ରସ୍ତାବ ଆପଣ ୨ ଥର ପ୍ରତ୍ୟାଖ୍ୟାନ କଲେ। ଏହା କଣ ଆପଣଙ୍କର ଓଡ଼ିଶାକୁ ଭଲ ପାଇବା ବୋଲି ନବୀନ କହିଛନ୍ତି। ନବୀନ ଆହୁରି ମଧ କହିଛନ୍ତି ଓଡ଼ିଶାରେ ବହୁତ ବରପୁତ୍ର ଅଛନ୍ତି, କେହି ଜଣେ ଆପଣଙ୍କୁ ଭାରତରତ୍ନ ପାଇଁ ଠିକ୍ ଲାଗିଲେନି। ଭାରତରତ୍ନ ଦେଲା ବେଳେ ବିଜୁ ପଟ୍ଟନାୟକଙ୍କୁ ବି ଭୁଲିଗଲେ? ବିଜୁ ବାବୁ କେବଳ ଓଡ଼ିଶା ନୁହଁନ୍ତି ଦେଶ ଓ ବିଦେଶରେ ମଧ ଭାରତର ଏକ ପରିଚିତ ଚେହେରା ଥିଲେ। ହେଲେ ଆପଣ ଭାରତରତ୍ନ ବାଣ୍ଟିଲା ବେଳେ ଓଡ଼ିଶାର ଏହି ବରପୁତ୍ରଙ୍କୁ ଭୁଲି ଗଲେ। ଚାଷୀଙ୍କ ପାଇଁ ଏମ୍ଏସପି ଦୁଇଗୁଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ,ତାକୁ ମଧ ଭୁଲିଗଲେ। କୋଷ୍ଟାଲ୍ ହାଇୱେ କରିବାର ଥିଲା, ତାହା ବି ଭୁଲିଗଲେ। କେବଳ ପ୍ରତିଶ୍ରୁତି ଦେଲେ ହେଲେ ତାହା ପୂରଣ ହେଲା ନାହିଁ। କୋଇଲା ରୟାଲଟି ବୃଦ୍ଧି ୧୦ ବର୍ଷ ହେଲା ଭୁଲି ଯାଇଛନ୍ତି। କେବଳ ନିର୍ବାଚନ ସମୟରେ ଓଡ଼ିଶାକୁ ମନେ ପକାଇଲେ କିଛି ଲାଭ ହେବନି' -୨୦୧୪ ଓ ୨୦୧୯ରେ ନିଜେ ଦେଇଥିବା ପ୍ରତିଶ୍ରୁତି ମନେ ରଖିଛନ୍ତି କି ବୋଲି ନବୀନ କହିଛନ୍ତି। ଏଥି ସହିତ ଓଡ଼ିଶାବାସୀ ପ୍ରଧାନମନ୍ତ୍ରୀ କହିଥିବା ଦରଦାମ କମିବା, ବର୍ଷକୁ ୨ କୋଟି ଚାକିରି, ଏଲପିଜି, ପେଟ୍ରୋଲ-ଡିଜେଲ ଦର କମାଇବା, ମୋବାଇଲ କନେକ୍ଟିଭିଟ୍ ଦେବା, ଜିଏସଟି ଛାଡ଼ କରିବା ପ୍ରତିଶୃତି ମନେ ରଖିଛନ୍ତି। ଜୁନ ୧୦ରେ ତ ନୁହେଁ ଆଉ ୧୦ ବର୍ଷରେ ବି ବିଜେପି ଓଡ଼ିଶାବାସୀଙ୍କ ହୃଦୟ ଜିତି ପାରିବ ନାହିଁ।ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ଓଡ଼ିଶାବାସୀଙ୍କ ଭଲ ପାଇବା ଯୋଗୁ ବିଜୁ ଜନତା ଦଳ ଷଷ୍ଠ ଥର ଲାଗି ଓଡ଼ିଶାରେ ସରକାର ଗଠନ କରିବ ବୋଲି ନବୀନ କହିଛନ୍ତି।

### କନ୍ଧମାଳ ...

ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି କାର୍ଡ଼ ଓ ଦେଶରେ ବୈପ୍ଳବ ସୃଷ୍ଟି କରିଥିବା ପଦକ୍ଷେପକୁ ପାଥେୟକରି ନିଜ ସପକ୍ଷରେ ଭୋଟ ଦେବା ଓ ବିଜୟର ଆଶିର୍ବାଦ ମାଗିଥିଲେ। ସେହିପରି ବିଜେଡି ବିଧାୟକ ପ୍ରାର୍ଥୀ ମହିଧର ରଣା ଓ କନ୍ଧମାଳ ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ମିଳିତଭାବେ ନିର୍ବାଚନ ମଣ୍ଡଳୀର ୪ନଂ ଜୋନର ବିଭିନ୍ନ ଗ୍ରାମକୁ ଯାଇ ପ୍ରଚାରକୁ ଶାଣିତ କରିଛନ୍ତି। ସେମାନେ ନବୀନ ସରକାରଙ୍କ ଜନାଭିମୁଖୀ କାର୍ଯ୍ୟକୁ ପାଥେୟକରି ଲୋକଙ୍କ ପାଖକୁ ଯାଇ ବିଧାୟକଙ୍କୁ ତୃତୀୟ ଥର (ହ୍ୟାଟ୍ରିକ)ଏବଂ ଏମପିଙ୍କୁ ଦ୍ୱିତୀୟଥର ପାଇଁ ଯୋଡା ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ସେହିପରି କଂଗ୍ରେସର ବିଧାୟକ ପ୍ରାର୍ଥୀ ସରୋଜ ପ୍ରଧାନ ମଧ ପଛରେ ପଡ଼ିଯାଇନାହାନ୍ତି। ସେ ମଧ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ଼ ଧରି ଗାଁ ଗାଁରେ ସଭାସମିତି କରି ନିଜ ସପକ୍ଷରେ ଭୋଟ ଦେଇ ଜୟ ଯୁକ୍ତ କରାଇବାକୁ ନିବେଦନ କରୁଛନ୍ତି। କିନ୍ତୁ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଥିବା ତିନି ବିଧାୟକ ପ୍ରାର୍ଥୀଙ୍କ ଏ ପର୍ଯ୍ୟନ୍ତ ଦେଖା ମିଳିନାହିଁ। ଦେଖାଯାଉ ଭାଗ୍ୟଦେବୀ ଆସନ୍ତା ୨୦ ତାରିଖରେ କାହା ସପକ୍ଷରେ ମତଦାନ କରାଉଛନ୍ତି ଓ ଜୁନ ୪ତାରିଖରେ କାହା ମୁଣ୍ଡରେ ସୁନାମୁକୁଟ ପିନ୍ଧାଇବେ ତାହା ଦେଖିବାକୁ ବାକି ରହିଲା।

### ଆଗାମୀ ...

ଆସିଲେ ସଂକଳ୍ପ ପତ୍ରରେ ଥିବା ସମସ୍ତ ପ୍ରତିଶୃତିକୁ ଅକ୍ଷର ଅକ୍ଷର ପାଳନ କରିବ ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି। ନବୀନ ବାବୁ ଭୋଟ ନେବା ପାଇଁ ରାଜଧାନୀର ବସ୍ତିମାନଙ୍କରେ ଜାଗାମିଶନର ହୋର୍ଡିଂ ଲଗାଇଛନ୍ତି କିନ୍ତୁ ଏଯାଏଁ ପଟ୍ଟା ଦେଇନାହାନ୍ତି। ବିଜେପି ସରକାରକୁ ଆସିଲେ ପ୍ରତି ପରିବାରକୁ ୬ଶହ ସ୍କୋୟାରଫୁଟର ଜମି ଯୋଗାଇଦେବ। ୪୦ ରୁ ୬୦ବର୍ଷର ବୁଣାକାର ପରିବାରକୁ ୩ହଜାର ଟଙ୍କା ଦିଆଯିବ ଓ ୬୦ରୁ ଉର୍ଦ୍ଧ୍ୱ ବୁଣାକାରଙ୍କୁ ୩,୫୦୦ ଦିଆଯିବ। ଆଦିବାସୀ ଭାଇଭଉଣୀଙ୍କ ପାଇଁ ୫୦୦କୋଟି ଟଙ୍କା ବିନିମୟରେ "ମୁଖ୍ୟମନ୍ତ୍ରୀ ଆରୋଗ୍ୟ ନିଧି" ଯୋଜନା କାର୍ଯ୍ୟକାରୀ କରାଯିବ। କୃଷି କଲ୍ୟାଣ ବିଜେପିର ପ୍ରଥମ ପ୍ରାଥମିକତା ରହିବ ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି। ବିଜେପି ସରକାରକୁ ଆସିଲେ ସ୍କୁଲରେ ମଧାହ୍ନ ଭୋଜନ ସହ ଜଳଖିଆ ପାଇଁ ଆପୁର୍ତି ଯୋଜନା ଆରମ୍ଭ ହେବ । ମଧ, ଉତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ୩ଟି କ୍ୟାନସର ହସ୍ପିଟାଲ ହେବ। ସବୁ ଚିନିକଳ କାର୍ଯ୍ୟକ୍ଷମ କରାଯିବ ।ଅଢ଼େଇ ଲକ୍ଷ କୋଟି ଟଙ୍କାର ଘରୋଇ ନିବେଶ ଓଡ଼ିଶାକୁ ଆଣିବ। ବିଜେଡି ସରକାର ବନ୍ଦ କରିଥିବା ୩ଟି ଟେକ୍ସଟାଇଲ ମିଲ ଆଇ ୭ଟା ସ୍ପିନିଂ କାରଖାନାକୁ କାର୍ଯ୍ୟକ୍ଷମ କରାଯିବ। ଶିକ୍ଷକଙ୍କ ପାଇଁ ସମାନ କାମକୁ ସମାନ ଦରମା ଦେବ। ବିଜେପି ସରକାରକୁ ଆସିଲେ ମାତୃଶକ୍ତି ଯୋଜନା ଆରମ୍ଭ କରିବ। ଗର୍ଭବତୀ ମହିଳାଙ୍କ ନେବା ଆଣିବା ପାଇଁ ଆମ୍ବୁଲାନ୍ସ ପାଇଁ "ସୁଗମ ଯୋଜନା" ଆରମ୍ଭ କରିବ। ଗର୍ଭବର୍ତୀ ମହିଳାଙ୍କ ପାଇଁ ହେଲ୍ପ ଲାଇନ ନମ୍ବର ଜାରୀ କରିବୁ। ୧୮ମାସରେ ଚିଟଫଣ୍ଡ କ୍ଷତିଗ୍ରସ୍ତ ନିଜ ଟଙ୍କା ଫେରି ପାଇବେ। କାର୍ଯ୍ୟରତ ଅଙ୍ଗନବାଡି ଦିଦିଙ୍କର ମାସିକ ଦରମା ୧୨ହଜାର ଓ ହେଲପରଙ୍କ ଦରମା ୮୦୦୦କୁ ବଢ଼ାଇବ। ସୁଭଦ୍ରା ଯୋଜନାରେ ୫୦ହଜାରର କ୍ୟାସ ଭାଉଚର ମହିଳାଙ୍କୁ ଦିଆଯିବ ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି। ୨୦୧୬, ୨୦୧୮, ୨୦୨୨ରେ ମେକ୍ ଇନ୍ ଓଡ଼ିଶା ରାଜ୍ୟ ସରକାର କରିଥିଲେ, ଯାହା ପ୍ରହସନରେ ପରିଣତ ହୋଇଛି। ୨୦୧୬ ରେ ୨ଲକ୍ଷ ୩ହଜାର କୋଟି ଟଙ୍କାର କମ୍ପାନୀ ସହ ଡିଲ୍ କଲେ ଓ କହିଥିଲେ ୧ଲକ୍ଷ ୪୦ହଜାର ଲୋକ ଚାକିରି ପାଇବେ। ୨୦୧୮ରେ ୪ଲକ୍ଷ୨୩ହଜାର କୋଟି ଟଙ୍କାର କମ୍ପାନୀ ସହ ଡିଲ୍ କଲେ ଏବଂ ୫ଲକ୍ଷ ୫୧ହଜାର ଚାକିରୀ ମିଳିବ। ମେକ୍ ଇନ ନାଁରେ ନବୀନ ବାବୁ ଓଡ଼ିଶାର ସରଳ ଲୋକଙ୍କୁ ଧକ୍କା ଦେଇଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରାଗଲେ, ରାଜ୍ୟରେ ବିଜେଡି ସରକାର ଏହାର ଜବାବ୍ ରଖୁନାହାନ୍ତି। ଆଗାମୀ ପିଢ଼ିର ନିର୍ମାଣ ବିଜେପିର ଲକ୍ଷ୍ୟ। ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ବଡ ଭୂମିକା ରହିଛି। କିନ୍ତୁ ତାହାକୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ଏସ୍ଏଚଜି ମାଧ୍ୟମରେ ରାଜ୍ୟ ସରକାର ଭୂଆଁ ବୁଲାଉଛନ୍ତି। ରାଜ୍ୟ ସରକାରଙ୍କର ମହିଳାଙ୍କ ପ୍ରତି ଯଦି ଦରଦ ଅଛି ତାହାଲେ ମହିଳାମାନଙ୍କୁ ଭୋଟ ବ୍ୟାଙ୍କ କରିବାରୁ ଦୂରେଇ ରୁହନ୍ତୁ। ମହିଳାଙ୍କ ଆତ୍ମସମ୍ମାନ ରଖନ୍ତୁ ରାଜ୍ୟ ସରକାର। ମୋଦି ସରକାର ଯାହା କୁହେ ତାହା କରେ, ଯାହା କରିପାରିବ ନାହିଁ ତାହା କୁହେଁ ନାହିଁ। ସଂକଳ୍ପରୁ ସିଦ୍ଧି ମିଳିବା ପର୍ଯ୍ୟନ୍ତ ବିଜେପି କାର୍ଯ୍ୟ କରେ ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି।

### ଦେଶର ...

ପରିବାରକୁ ମିଳିବ ମାଗଣା ବିଦ୍ୟୁତ୍। ୧୦୦ରୁ ୧୫୦ ୟୁନିଟ ପାଇଁ ୫୦ ପ୍ରତିଶତ ରିହାତି ମିଳିବ। ରାଜ୍ୟକୁ ଦେଶର ୩ଟି ଅର୍ଥନୈତିକ ବିକଶିତ ରାଜ୍ୟରେ ପରିଣତ କରାଯିବ। ସେମି କଣ୍ଡକ୍ଟର, ଆଇଟି ଶିକ୍ଷ, କୃତ୍ରିମ ବୁଦ୍ଧିମତା (ଏଆଇ) ଉପରେ ବିଶେଷ ଧାନ ଦିଆଯିବାକୁ ଥିବା ବେଳେ ଓଡିଶା ପୂର୍ବ ଭାରତର ଆଇଟି ରାଜଧାନୀ ହେବ। ସେହିପରି ୧୦୦ଟି ସ୍ଥାନରେ ଇକୋ-ଟୁରିଜିମ୍ ହେବ। ୪ଟି ମେଗା କ୍ଲଷ୍ଟର ଯୋଜନା। ୨୦ଟି ସହରକୁ ବିକଶିତ କରାଯିବ ପୁରୀକୁ ଆନ୍ତର୍ଜାତୀୟ ସହର କରାଯିବ। ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, କଟକକୁ ମେଟ୍ରୋ ରେଳ ସେବା ମିଳିବ। ମଧବିତ୍ତଙ୍କୁ ବିଏସ୍‌କେୱାଇ କଭରେଜ୍ କରାଯିବ। ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ଉପରେ ସୁଧ ସବଭେନ୍ସନ। ମହିଳାଙ୍କୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ମିଳିବ। ଏସ୍ଏଚ୍‌ଜିଙ୍କୁ ୧ଲକ୍ଷ କୋଟି ଟଙ୍କାର ଆର୍ଥିକ ଲିଙ୍କେଜ୍ ପ୍ରଦାନ କରାଯିବାକୁ ଥିବା ବେଳେ ଏସ୍ଏଚ୍‌ଜି ଗୁଡିକୁ ଆଗାମୀ ୧୦ ବର୍ଷରେ ୨୦ ହଜାର କୋଟିର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ। ଏସ୍ଏଚ୍‌ଜି ଗୁଡିକ ପାଇଁ ୧୦୦ କୋଟି ଟଙ୍କା କର୍ପସ ଫଣ୍ଡ ସହ ମିଶନ ଶକ୍ତି ମହିଳାଙ୍କୁ ମିଳିବ ପେନସନ। ତୃଣମୂଳ ସ୍ତରର ମହିଳା କର୍ମୀ, ଅଙ୍ଗନବାଡୀ କର୍ମୀ, ସମ୍ପ୍ରଦାୟର ସହାୟତା କର୍ମଚାରୀ, ଆଶା କର୍ମୀଙ୍କୁ ମିଳିବ ବିଏସକେୱାଇ କଭରେଜ୍ ସହ ସାମାଜିକ ସୁରକ୍ଷା ପେନସନ। ସେହିପରି ବିଏସ୍‌କେୱାଇରେ ପର୍ଯ୍ୟାୟ କ୍ରମେ ଅନ୍ତର୍ଭୁକ୍ତ ହେବେ ମଧବିତ୍ତ, ସରକାରୀ କର୍ମଚାରୀ, ଓ ଚୁକ୍ତିଭିତ୍ତିକ ଶ୍ରମିକ। ଏସ୍‌ଟି, ଏସ୍‌ସି, ଓବିସି ଯୁବକବର୍ଗଙ୍କୁ ସ୍ୱଂୟ ନିଯୁକ୍ତି ପାଇଁ ୧ଲକ୍ଷ ଟଙ୍କା ଅନୁଦାନ। ଏଥିପାଇଁ ୧୦ ବର୍ଷ ମଧ୍ୟରେ ୧ ହଜାର କୋଟି ପାଣ୍ଠି ପ୍ରଦାନ। ସେମାନଙ୍କୁ ୧୦ ଲକ୍ଷ ଯାଏଁ ସୁଧ ଛାଡ। ଗ୍ରାମୀଣ ଗୃହ ଯୋଜନାରେ ଯୋଗ୍ୟ ପରିବାରକୁ ୧୦ ଲକ୍ଷ ଘର ଯୋଗାଇ ଦିଆଯିବ। କୃଷି ପାଇଁ ମାଗଣା ବିଦ୍ୟୁତ, କୃଷକଙ୍କ ପିଲାଙ୍କ ଶିକ୍ଷା ଓ ବିବାହ ପାଇଁ ୨୫ ହଜାର ସହାୟତା ଯୋଗାଇ ଦିଆଯିବ। ୧.୫ ଲକ୍ଷ ଯାଏଁ ଫସଲ ଋଣରେ ସୁଧ ଛାଡ। ସେହିପରି ମତ୍ସଜୀବୀ ସମ୍ପ୍ରଦାୟକୁ ବାର୍ଷୀକ ୧୫ ହଜାର ଟଙ୍କାର ସହାୟତା ମିଳିବ। ଆହୁରି ମଧ ଐତିହ୍ୟ ବିକାଶ ପାଇଁ ହଜାର କୋଟି ଟଙ୍କାର କର୍ପସ ଫଣ୍ଡ। ଓଡ଼ିଆ ଭାଷାର ବିକାଶ ଓ ପ୍ରୋତ୍ସାହନ ପାଇଁ ହଜାରେ କୋଟି। ପଶ୍ଚିମ ଓଡ଼ିଶାର ଭାଷାର ବିକାଶ ପାଇଁ ୨୫ କୋଟି ଟଙ୍କା କର୍ପସ ଫଣ୍ଡ। ୧୦୦ଟି ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟ ଭାବେ ଘୋଷଣା କରାଯିବ। ପଦ୍ମ ପୁରସ୍କାର ପରି କଳିଙ୍ଗଶ୍ରୀ ଓ କଳିଙ୍ଗ ଭୂଷଣ ପୁରସ୍କାର ଦିଆଯିବ। ସେହିପରି ସମସ୍ତ ଭାଗବତ ଟୁଙ୍ଗିର ସଂରକ୍ଷଣ ମଧ କରାଯିବ।

## ୩ ଲକ୍ଷରେ ଖେଳ ଘର; ଅସମ୍ପୂର୍ଣ୍ଣ କାମକରି ସଂପୂର୍ଣ୍ଣ ବିଲ୍



**ବଲାଙ୍ଗୀର :** ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ ବାଗଦୋର ଗ୍ରାମପଞ୍ଚାୟତ ଝାଙ୍କରିପାଲି ଗ୍ରାମର ଖେଳପଡିଆ ଠାରେ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ନିର୍ମାଣ ହୋଇଥିବା ଖେଳ ଭିତ୍ତିଭୂମି ଅତି ନିମ୍ନମାନର ହୋଇଥିବା ଜଣାପଡିଛି। ଖେଳ ଭିତ୍ତିଭୂମିର କୌଣସି ଭିତ୍ତିଭୂମି ନାହିଁ, କେବଳ ଅଧ ଫୁଟରୁ ପଥର ଯୋଡି ଦେଇ ଘର ଛିଡା ହୋଇଛି। ନିମ୍ନମାନର ଇଟା, ବାଲି, ସିମେଣ୍ଟରେ ତିଆରି ଏହି ଘରେ କୌଣସି କଲମ କିମ୍ବା ବିମ୍ ଦିଆଯାଇନାହିଁ। ଶେଷରେ ଘରକୁ ରଙ୍ଗ ମଧ କରାଯାଇନାହିଁ। ଇଞ୍ଜିନିୟର ବାବୁ ପରିଦର୍ଶନ ନକରି କିଭଳି ଭାବେ ସମ୍ପୂର୍ଣ୍ଣ ବିଲ କରେଇ ଦେଇଛନ୍ତି ଓ ତୋର ଅଧେ ମୋର ଅଧେ କରି ତିନି ଲକ୍ଷ ଗିଳି ଦେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ ଆଣୁଛନ୍ତି। ପ୍ରବଳ ବେଗରେ ପବନ ଆସିଲେ ଏହି ଘର ଉଡିଯିବାର ଆଶଙ୍କା ଅଛି ବୋଲି ସମସ୍ତେ କହୁଥିବା ବେଳେ ବିଜେଡି ସରକାରର ଦୁର୍ନୀତି ଏଠି ଜଳଜଳ ଦେଖାଯାଉଛି ବୋଲି ଗ୍ରାମବାସୀ ଦୃଢ ଅଭିଯୋଗ ଆଣିଛନ୍ତି।

## ମୌଳିକ ଅଧିକାରରୁ ବଞ୍ଚିତ ଗ୍ରାମବାସୀ,ପ୍ରଶାସନର ନିଦ ଭାଙ୍ଗୁନି



**ନବରଙ୍ଗପୁର:** ଶେଷକୁ ଚରମ ନିଷ୍ପତ୍ତି ନେଲେ ସ୍ଥାନୀୟ ଜନତା ,ଭୋଟ ବର୍ଜନ ପାଇଁ ନେଲେ ନିଷ୍ପତ୍ତି, ପାଣି ନାହିଁ ତ ଭୋଟ ନାହିଁ। ହଁ ଆଜ୍ଞା, ଆମେ ଦେଖାଉଛୁ ଡାବୁଗାଁ ନିର୍ବାଚନ ମଣ୍ଡଳୀ ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ଗ୍ରାମର ଗ୍ରାଉଣ୍ଡ ଜିରୋର ରିପୋର୍ଟ। ଗାଁରେ ପିଇବା ପାଣି ଏବେ ମୁଖ୍ୟ ସମସ୍ୟା ପାଲଟିଛି। ଦୀର୍ଘ ଦୁଇ ବର୍ଷହେଲା ଗାଁରେ ଏହି ସମସ୍ୟା ଲାଗି ରହିଥିବାବେଳେ ବିରୋଧ ବି କରାଯାଇଛି। ହେଲେ ସମସ୍ୟା ପ୍ରତି ଯେମିତି କାହାର ଗୁରୁତ୍ୱ ନାହିଁ। ଖରାଦିନ ଆରମ୍ଭ ନ ହେଉଣୁ ଗାଁର ଲୋକମାନେ ପାଣି ମୁନ୍ଦାଏ ପାଇଁ ତହଳ ବିକଳ ହେଉଛନ୍ତି। ନିର୍ବାଚନ ଆସିଲେ ମାଳମାଳ ନେତାଙ୍କ ମିଳିଥାଏ ଅନେକ ପ୍ରକାର ପ୍ରତିଶ୍ରୁତି। ହେଲେ ଗାଁ ଲୋକଙ୍କ ସମସ୍ତ ସମସ୍ୟା ଓ ପ୍ରତିଶ୍ରୁତି ଭୁଲିଯାଆନ୍ତି ସମସ୍ତେ। ଗାଁ ଲୋକଙ୍କୁ ସମ୍ପୁର୍ଣ୍ଣ ଅଣଦେଖା କରାଯାଉଥିବା ଅଭିଯୋଗ କରିଛନ୍ତି ଦିଆରି ସାହି, ପୂଜାରୀ ସାହି, ପଠା ନ ସାହି ଗ୍ରାମବାସୀ। ସମସ୍ୟାକୁ ନେଇ ବାରମ୍ବାର ସରପଞ୍ଚ ଠାରୁ ବିଭିନ୍ନ ଅଧିକାରୀଙ୍କୁ ଜଣାଯାଇଛି ହେଲେ ସେହି ସମସ୍ୟା ପ୍ରତି ଯେମିତି କାହାର ଗୁରୁତ୍ୱ ନାହିଁ।

## ପରକିୟାପ୍ରୀତିରେ ବେସାହାରା ୨ ସନ୍ତାନ



**ଅସ୍ତରଙ୍ଗ :** ପରକ୍ରିୟା ପ୍ରୀତି ଆଜି ସମାଜରେ ଏକ ପ୍ରକାର ବ୍ୟାଧି ସଦୃଶ। ଏହି ବ୍ୟାଧିରେ କେତେ ପରିବାର ସଂହାର ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। କେଉଁଠି ନିରୀହ ଲୋକଟିଏ ବଳିପଡିଯାଇଛି ତ କେଉଁଠି ବେସାହାରା ହୋଇଛନ୍ତି ନିର୍ବୋଧ ଶିଶୁ। ଏହିଭଳି ଏକ ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି ଅସ୍ତରଙ୍ଗ ବ୍ଲକ ଝାଡଲିଙ୍ଗ ଗ୍ରାମରେ। ଏହି ଗ୍ରାମ ମନୋରଞ୍ଜନ ବେହେରାଙ୍କ ଝିଅ ଲକ୍ଷ୍ମୀପ୍ରିୟା ମହାରଣା ଢେଙ୍କାନାଳ ନଡ଼ିଆଲି ଗ୍ରାମର ମଙ୍ଗରାଜ ମହାରଣାଙ୍କ ପୁତ୍ର ମହେନ୍ଦ୍ର ମହାରଣାଙ୍କୁ ୧୫ ବର୍ଷ ତଳେ ଏକ ରଙ୍ଗ ନମ୍ବରରୁ ପ୍ରେମ କରି ପରିଶେଷରେ ବିବାହ କରିଥିଲେ। ବେଶ ଭଲରେ ତାଙ୍କ ଦାମ୍ପତ୍ୟ ଜୀବନ ଅତିବାହିତ ହୋଇଛି। ଏମିତିକି ୨ ଜଣ ୨ ଗୋଟି ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ଗୋଟେ ପୁଅ ଯାହାର ବୟସ (୧୦), ଝିଅ (୫)। କିନ୍ତୁ ହଠାତ ଏମାନଙ୍କ ଜୀବନରେ କୁଚକ୍ରୀ ଗ୍ରହ ରୂପେ ଆଠଗଡ଼ରେ ବିକ୍ରାନ୍ତ ସ୍ୱାଇଁ ପ୍ରବେଶ କରି ଉଭୟଙ୍କ ଦାମ୍ପତ୍ୟ ଜୀବନରେ ଏକ ବିଶୃଙ୍ଖଳା ସୃଷ୍ଟି କରିଛନ୍ତି। ବିକ୍ରାନ୍ତ ହେଉଛନ୍ତି ମହେନ୍ଦ୍ରଙ୍କ ସାନ ଭାଇର ସାଙ୍ଗ। ଭାଇଙ୍କ ସହ ବାରମ୍ବାର ଆସନ୍ତି ମହେନ୍ଦ୍ରଙ୍କ ଘରକୁ। ମହେନ୍ଦ୍ର ଜଣେ ଟ୍ରକ ଡ୍ରାଇଭର। ଅନେକ ସମୟରେ ଘରେ ରୁହନ୍ତିନି। ଯାହାର ଫାଇଦା ଉଠାଇଛନ୍ତି ବିକ୍ରାନ୍ତ। ଧୀରେ ଧୀରେ ବିକ୍ରାନ୍ତ ଲକ୍ଷ୍ମୀପ୍ରିୟାଙ୍କ ନିକଟ ହୋଇ ପ୍ରେମ ସମ୍ପର୍କ ସ୍ଥାପନ କରିଛନ୍ତି। ଆଉ ମହେନ୍ଦ୍ରଙ୍କୁ ନଜଣେଇ ଲକ୍ଷ୍ମୀପ୍ରିୟା ବିକ୍ରାନ୍ତଙ୍କ ସହିତ ଅନେକ ସ୍ଥାନରେ ସମୟ ଅତିବାହିତ କରିଛନ୍ତି। ଯାହାର ସମ୍ୟକ ସୂଚନା ମହେନ୍ଦ୍ର ଜାଣିବାକୁ ପାଇଥିଲେ। ଶନିବାର ଦିନ ଲକ୍ଷ୍ମୀପ୍ରିୟା ନିଜ ପ୍ରେମିକ ବିକ୍ରାନ୍ତଙ୍କ ସହ ନିଜ ବାପ ଘର ଅସ୍ତରଙ୍ଗ ଝାଡଲିଙ୍ଗ ଆସିବା ଖବର ମହେନ୍ଦ୍ର ବିଶେଷ ସୂତ୍ରରୁ ପାଇ ହଠାତ ଆସି ଝାଡ଼ଲିଙ୍ଗରେ ପହଞ୍ଚି ଉଭୟ ପ୍ରେମୀ ଯୁଗଳଙ୍କୁ ଧରିଥିଲେ। ଏହି ବାବଦରେ ଗ୍ରାମବାସୀଙ୍କୁ ଖବର ମଧ ଦେଇଥିଲେ ମହେନ୍ଦ୍ର। ରାତିରେ ଗ୍ରାମବାସୀ ଏକତ୍ରିତ ହୋଇ ଉଭୟଙ୍କୁ ପଚରା ଉଚରା କରିଥିଲେ। ଏ ସଂକ୍ରାନ୍ତରେ ବିକ୍ରାନ୍ତଙ୍କ ପରିବାର ଲୋକ ନୂଆଗଡ ଥାନା ସହାୟତାରେ ଘଟଣା ସ୍ଥଳରେ ପହଞ୍ଚ ସେଠୁ ବିକ୍ରାନ୍ତଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ବର୍ତ୍ତମାନ ଲକ୍ଷ୍ମୀପ୍ରିୟା ନିଜ ମତାମତରେ ତାଙ୍କ ୨ ସନ୍ତାନ ସହିତ ନିଜ ସ୍ୱାମୀଙ୍କୁ ଗ୍ରହଣ କରିବାକୁ ମନା କରିଛନ୍ତି। ତାଙ୍କ ସ୍ୱାମୀ ସ୍ତ୍ରୀର ଏଭଳି ଲଜ୍ୟାଜନକ ଘଟଣା ପାଇଁ ତାକୁ ମଧ ଗ୍ରହଣ କରିବାକୁ ମନା କରୁଛନ୍ତି। ଏହି ପରିସ୍ଥିତି ମହେନ୍ଦ୍ର ସ୍ଥାନୀୟ ପୋଲିସ ମାଧ୍ୟମରେ ଏକ ସମାଧାନ କରି ନିଜ ସନ୍ତାନ ମାନଙ୍କ ସହିତ ଢେଙ୍କାନାଳ ଯିବା ପାଇଁ ତାଙ୍କ ମତାମତରେ ଜଣାଇଛନ୍ତି। ଏହି ଭଳି ଘଟଣା ଅଞ୍ଚଳରେ ଏକ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସବୁ ଗ୍ରାମବାସୀ ଏହି ଘଟଣାରେ ମହେନ୍ଦ୍ରଙ୍କ ଛୋଟଛୋଟ ପିଲାଙ୍କ ଭବିଷ୍ୟତ ପାଇଁ ଦୁଃଖ ପ୍ରକାଶ କରିବା ସହିତ ମହେନ୍ଦ୍ର ମହାରଣାଙ୍କୁ ଆଇନଗତ ନ୍ୟାୟ ଯୋଗାଇ ଦେବା ପାଇଁ ଦାବୀ କରିଛନ୍ତି। ଉକ୍ତ ଗ୍ରାମର ୱାର୍ଡମେମ୍ବର ସୁରେନ୍ଦ୍ର ସେଠି ଏହି ଘଟଣାରେ କ୍ଷୁବ୍ଧ ପ୍ରକାଶ କରିବା ସହ ମହେନ୍ଦ୍ରଙ୍କୁ ପୋଲିସ ମାଧ୍ୟମରେ ସମସ୍ତ ଘଟଣାର ଶାନ୍ତିପୂର୍ଣ୍ଣ ମୀମାଂସା କରିବା ପାଇଁ ଅନୁରୋଧ କରିଛନ୍ତି।

# ଓଡିଆଙ୍କ ପ୍ରିୟ ବ୍ୟଞ୍ଜନ-ଶାଗ



ପ୍ରେମାନନ୍ଦ ପାଣିଗ୍ରାହୀ

ଶାଗ ଅନେକଙ୍କର ପ୍ରିୟ। ଆମ ବାଡିବଗିଚାରେ ବିଭିନ୍ନ ପ୍ରକାର ଶାଗ ଦେଖିବାକୁ ମିଳେ। କାରଣ ଶାଗ ଖାଇବାକୁ ଯେତିକି ସ୍ୱାଦିଷ୍ଟ,ଶରୀର ପାଇଁ ସେତକି ସ୍ୱାସ୍ଥ୍ୟପ୍ରଦ। ସାଧାରଣତଃ ଶାଗ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ବୋଲି କୁହାଯାଇଛି। ସବୁଜ ପତ୍ର ଜାତୀୟ ପନିପରିବାରେ ପର୍ଯ୍ୟାପ୍ତ ପରିମାଣରେ ପୁଷ୍ଟିସାର,ଭିଟାମିନ ଏବଂ ଖଣିଜ ଲବଣ ଥାଏ। ପନିପରିବା ତୁଳନାରେ ଶାଗରେ ରହିଛି ଅଧିକ ରୋଗପ୍ରତିରୋଧକ ଶକ୍ତି। ଶାଗର ଗୁଣକାରୀ ତତ୍ତ୍ୱ ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ। ବିଶେଷ କରି ରକ୍ତ ଅଭାବକୁ ଦୂର କରିବାରେ ଏହା ମହୌଷଧି ସଦୃଶ । ଦିନେ ଛଡା ଦିନେ ଶାଗ ଖାଇବାର ଅଭ୍ୟାସ ମଣିଷକୁ ସୁସ୍ଥ ରଖିଥାଏ।

ଗାଁଗହଳି ଠାରୁ ସହର ପର୍ଯ୍ୟନ୍ତ ଭାରତର ଅଧିକାଂଶ ଭାଗରେ ଖଡାଶାଗ ଖାଦ୍ୟରେ ବ୍ୟବହାର ହୁଏ। ସବୁଜ ଏବଂ ଲାଲ୍ ଉଭୟ ରଙ୍ଗରେ ଏହି ଶାଗ ମିଳିଥାଏ। ସାଧରଣ ଭାବେ ବାଡିବଗିଚାରେ ମିଳିଯାଉଥିବା ଏହି ଶାଗ ଅଭାବୀ ଠାରୁ ଧନୀ ପରିବାର ଯାଏ ସବୁଠି ପ୍ରିୟ। ହାତପାଆନ୍ତାରେ ମିଳିଯାଉଥିବା ଏହି ଶାଗକୁ ଭଜା ତଥା ଏହାର ଖଡା ରାଇ ଏବଂ ଡାଲମାରେ ବ୍ୟବହାର କରି ସ୍ୱାଦିଷ୍ଟ ଖଦ୍ୟ ପ୍ରସ୍ତୁତ କରାଯାଏ। ଏମିତି ତ ଖଡା ଶାଗରେ ରସୁଣ,ଶୁଖିଲା ଲଙ୍କା,ସୋରିଷ ଫୁଟଣ କରାଯାଇ ଭଜା କରାଯାଏ ତାବାଦ୍ ଆଳୁ ଏବଂ ବାଇଗଣ ପକାଇ ଭଜା ପ୍ରସ୍ତୁତ କରାଯାଏ । ଖଡା



ଶାଗରେ ପ୍ରଚୁର ପରିମାଣରେ ତନ୍ତୁ ରହିଛି । ତେଣୁ ଏହା ଛୋଟ ପିଲା ଏବଂ ବୟସ୍କ ଉଭୟଙ୍କ ପାଇଁ ଉପକାରୀ । ଏହା ହଜମ ପ୍ରକ୍ରିୟା ସହଜ କରିବା ସହ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ । ଖଡା ଶାଗରେ ଭିଟାମିନ୍-ଏ,ଇ,ସି, କ୍ୟାଲସିୟମ, ସୋଡିୟମ ଏବଂ ଲାଇସିନ୍ ପରି ଆଣ୍ଟିଅକସିଡାଣ୍ଟ ରହିଛି ଯଦ୍ୱାରା ଏହି ଶାଗ କ୍ୟାନ୍ସର ଆଶଙ୍କା ଦୂର କରିପାରେ । ଗବେଷଣାରୁ ଜଣା ପଡିଛି ଯେ ଖଡାଗଛର ପତ୍ରଗୁଡିକରେ ଆଣ୍ଟି-ହାଇପରଗ୍ଲାଇସେମିକ ତତ୍ତ୍ୱ ରହିଛି । ଏହା ଟାଇପ୍-୨ ଡାଇବେଟିସ୍ର ରୋଗୀମାନଙ୍କ ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ ରଖିଥାଏ। ନିୟମିତ ଭାବେ ଖଡା ଶାଗ ଖାଇବା ଦ୍ୱାରା ରକ୍ତହୀନତା ରୋଗରୁ ମୁକ୍ତି ମିଳିଥାଏ। ଓଡିଆ ଘରର ପ୍ରିୟ ଖାଦ୍ୟ ଲେଉଟିଆ ଶାଗ ଭଜା ଓ ପଖାଳ ଭାତର ମଜା ନିଆରା । ଏହା ନାଲି ଓ ସବୁଜ ରଙ୍ଗରେ ଉପଲବ୍ଧ । ଗାଁଗହଳିରେ ପ୍ରତ୍ୟେକ ଓଡିଆ ଘରର ବାଡିପଟେ ଲେଉଟିଆ ଶାଗ କିଆରି ଦେଖିବାକୁ ମିଳିଥାଏ। ଶାଗକୁ ଯେତେ ତୋଳିଲେ ସେତେ ବଢିଥାଏ। ତେଣୁ କଥାରେ ଅଛି -ଲେଉଟିଆ ପଟାଳି କାଟି ଖାଇବ। ଲେଉଟିଆ ଶାଗରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ମଧ୍ୟ ପ୍ରସ୍ତୁତ ହୋଇଥାଏ ଯଥା- ନଡିଆ, ଶାଗ, ମୁଗଡାଲି ରାଇ, ବଡି, ବାଇଗଣ, ଲେଉଟିଆ ଶାଗ ରାଇ। ଲେଉଟିଆ ଶାଗରେ ବହୁ ପୋଷକ ତତ୍ତ୍ୱ, ଆଇରନ, କାର୍ବୋହାଇଡ୍ରେଟ୍, ପ୍ରୋଟିନ୍ ଓ ଭିଟାମିନ ପ୍ରଚୁର ପରିମାଣରେ ରହିଛି। ତେଣୁ ଏକଜିମା,କୁଣ୍ଡିଆ,ଇନଫେକସନ ଆଦି ରୋଗରୁ ମୁକ୍ତି ଲାଗି ଲେଉଟିଆ ଶାଗ ଖାଇବା



ଉଚିତ୍। ଗବେଷଣାରୁ ଜଣାଯାଇଛି ଯେ ଲେଉଟିଆ ଶାଗ ମଧୁମେହକୁ ନିୟନ୍ତ୍ରଣ ରଖିଥାଏ। ପେଟ ସହିତ ଜଡିତ ସମସ୍ୟା ଯଥା- ପେଟ ଯନ୍ତ୍ରଣା,କୋଷ୍ଠକାଠିନ୍ୟ,ଗ୍ୟାସ୍,ବଦହଜମି ଆଦିରୁ ଲେଉଟିଆ ଶାଗ ମୁକ୍ତି ଦେଇଥାଏ। ଗର୍ଭବତୀ ମହିଳା ଖାଦ୍ୟରେ ପ୍ରତିଦିନ କିଛି ଲେଉଟିଆ ଶାଗକୁ ସାମିଲ କଲେ ଆଇରନ ମିଳିଥାଏ ଓ ଶିଶୁର କେଶ ଘନ ଓ କଳା ହୋଇଥାଏ। ଶରୀରରେ ହିମୋଗ୍ଲୋବିନ ବଢାଇବାରେ ପାଳଙ୍ଗ ଶାଗର ଭୂମିକା ଅନନ୍ୟ । ପାଳଙ୍ଗରେ ଭରପୂର ମାତ୍ରାରେ ଭିଟାମିନ ଏ,ବି,ସି, ଆଇରନ, କ୍ୟାଲସିୟମ, ପ୍ରୋଟିନ୍, କାର୍ବୋହାଇଡ୍ରେଟ, ଫାଇବର, ଖଣିଜ ପଦାର୍ଥ, ମ୍ୟାଗ୍ନେସିୟମ ଭଳି ତତ୍ତ୍ୱ ମହଜୁଦ ରହିଛି। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଯଦି ଶରୀରରେ ଆଇରନ ଅଭାବରୁ ରକ୍ତହୀନତା ଦେଖାଦେଉଥାଏ,ତେବେ ପାଳଙ୍ଗ ଶାଗ ମହୌଷଧୀ ଭଳି କାମ କରେ। ଯେଉଁ ଲୋକଙ୍କ ଠାରେ ରକ୍ତ ଅଭାବ ସମସ୍ୟା ରହିଛି, ସେମାନେ ଦୈନିକ ପାଳଙ୍ଗ ଶାଗ ଖାଇବା ଉଚିତ୍। ପାଳଙ୍ଗରେ ପ୍ରଚୁର ମାତ୍ରାରେ ଆଇରନ୍ ଥିବାରୁ ଏହା ହିମୋଗ୍ଲୋବିନ୍ ସ୍ତରକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ନିୟମିତ ପାଳଙ୍ଗ ଶାଗ ଖାଇବା ଦ୍ୱାରା ଅସ୍ଥି ଏବଂ କେଶ ସମସ୍ୟାରେ ଉପକାରୀ ହୋଇଥାଏ। ଆଳୁ, ବାଇଗଣ ସହ ପାଳଙ୍ଗ ଭଜା, ପାଳଙ୍ଗ ଡାଲମା, ପାଳଙ୍ଗ ସୁପ୍, ପାଳଙ୍ଗ ପରଟା ଏହିପରି ବିଭିନ୍ନ ବ୍ୟଞ୍ଜନ ପାଳଙ୍ଗ ଶାଗରେ ପ୍ରସ୍ତୁତ କରାଯାଏ। ନଦୀକୂଳ,ପୋଖରୀ କୂଳ ଓ ସନ୍ତସନ୍ତିଆ ଜମିମାନଙ୍କରେ ସୁନୁସୁନିଆ ଶାଗ ହୋଇଥାଏ। ଏହି ଶାଗ ବେଶ୍ ସ୍ୱାଦିଷ୍ଟ । ସାଧାରଣତଃ ଅଧିକ ନିଦ ହେବା ପାଇଁ ଲୋକେ ସୁନୁସୁନିଆ ଶାଗ ଖାଆନ୍ତି। ଏହାବାଦ୍ ନିୟମିତ ସୁନୁସୁନିଆ ଶାଗ ଖାଇବା ବେଶ୍ ସ୍ୱାସ୍ଥ୍ୟପ୍ରଦ। ନିଦ ହେଉନଥିବା ବ୍ୟକ୍ତି ପ୍ରତିଦିନ ସୁନୁସୁନିଆ ଶାଗ ଭାଜି ଖାଇଲେ ଭଲ ନିଦ ହୋଇଥାଏ। ସେହିପରି ସୁନୁସୁନିଆ ଶାଗ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ। ବର୍ଷା ଋତୁରେ ବିଲ ହୁଡାମାନଙ୍କରେ ମଦରଙ୍ଗା ଶାଗ ଦେଖିବାକୁ ମିଳିଥାଏ। ଏହି ଶାଗକୁ ନେଇ ତରକାରୀ ଓ ଭଜା କରାଯାଏ। ଏହା ଖାଇବାକୁ ଖୁବ୍ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟବର୍ଦ୍ଧକ। ମଦରଙ୍ଗା ଶାଗକୁ ଗାଁଗହଳିରେ ବିଶେଷ ଭାବରେ ବଡି,ଆଳୁ,ସୋରିଷ ରାଇ କରି ଖାଇବାକୁ ଭଲ ପାଆନ୍ତି। ମଦରଙ୍ଗା ଶାଗରେ ଚିଙ୍ଗୁଡି ଆଳୁ ତରକାରୀ ବି କରାଯାଏ। ରକ୍ତରେ ଶର୍କରା ଅଂଶ କମାଇବାରେ ଏହାର ପ୍ରମୁଖ ଭୂମିକା ରହିଛି।

ମଦରଙ୍ଗା ଶାଗ ଖାଇବା ଦ୍ୱାରା ଓଜନ



ସନ୍ତୁଳିତ ହେବା ସହ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହେ। ପ୍ରାୟ ସମସ୍ତଙ୍କ ବାଡିବଗିଚାରେ ସଜନା ଗଛ ଦେଖିବାକୁ ମିଳିଥାଏ। ଏହାର ପତ୍ର, ଫୁଲ, ଛୁଇଁକୁ ଖିଆଯାଏ। ଆର୍ୟୁବେଦ ବିଶାରଦମାନଙ୍କ ମତରେ ସଜନା ଶାଗରେ ଭିଟାମିନ୍ ଏ, ଭିଟାମିନ ଚି, କ୍ୟାଲସିୟମ, ଆମିନୋ ଏସିଡ,ପ୍ରୋଟିନ ରହିଛି। ସଜନାର ପତ୍ର ଚକ୍ଷୁରୋଗ,ଅର୍ଦ୍ଧକପାଳୀ,ସଜନାର ଫୁଲ ପେଟ ସମସ୍ୟା ଏବଂ କଫ ପାଇଁ,ସଜନା ଛୁଇଁ ପେଟ ପାଇଁ କାମ କରିଥାଏ। ରକ୍ତଚାପ ଏବଂ ମେଦ ବୃଦ୍ଧିକୁ ରୋକିବା ପାଇଁ ସଜନା ଶାଗ ଖିଆଯାଏ। ସଜନା ଶାଗ ଓ ଛୁଇଁ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ଭଲ ରହେ ଏବଂ ଏହା ଅକାଳ



ବାର୍ଦ୍ଧକ୍ୟରୁ ମଧ୍ୟ ରକ୍ଷା କରିଥାଏ। ସଜନା ଶାଗ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ, ହୃଦରୋଗ, ଶ୍ୱାସକ୍ରିୟା ସମ୍ବନ୍ଧୀୟ ରୋଗ ତଥା ହଜମ ସମସ୍ୟାରୁ ମୁକ୍ତି ମିଳିଥାଏ।

ପୋଇ ଏକ ଲତାଜାତୀୟ ଶାଗ। ଗାଁଠାରୁ ସହର ପର୍ଯ୍ୟନ୍ତ ଏହା ପ୍ରାୟ ସମସ୍ତଙ୍କ ଘରେ ସବୁଜ



ପୋଇ, ସରୁ ପୋଇ, ଲାଲ ପୋଇ ରୂପରେ ଦେଖିବାକୁ ମିଳେ। ଖରାଦିନ ସହିତ ପ୍ରାୟ ସବୁ ସମୟରେ ଏହା ଦେଖିବାକୁ ମିଳିଥାଏ। ପୋଇକୁ ଶାଗ,ତରକାରୀ,ରାଇତା,ସନ୍ତୁଳା କରି ଖିଆଯାଏ । ପୋଇ, ଚିଙ୍ଗୁଡି ଘାଣ୍ଟ ବହୁ ସ୍ୱାଦିଷ୍ଟ । ପୋଇରେ ଭିଟାମିନ-ସି, ଭିଟାମିନ-ଏ, ଭିଟାମିନ-ବି କମ୍ପେକ୍ସ, ପଟାସିୟମ, କ୍ୟାଲସିୟମ, ମାଙ୍ଗାନିଜ,ମ୍ୟାଗ୍ନେସିୟମ ଭରପୁର ରହିଥାଏ। ପୋଇ ହୃତସ୍ପନ୍ଦନ ସୁସ୍ଥ ରଖିବା ସହିତ ରକ୍ତଚାପ ନିୟନ୍ତ୍ରଣ ରଖେ ଓ ରକ୍ତହୀନତା ଦୂର କରେ। ପୋଇରେ ଅଧିକ ତନ୍ତୁ ରହିଥିବାରୁ ଏହା କୋଷ୍ଠକାଠିନ୍ୟ ସମସ୍ୟା ଦୂର କରେ । ପୋଇ ଶୀତଳ ଓ ରୁଚିକର।। ତରଳ ଝାଡା, ରକ୍ତହୀନତା ତଥା ରକ୍ତ କର୍କଟ ରୋଗରେ ଲଟା ପୋଇ ବିଶେଷ କାମରେ ଆସିଥାଏ ।

ସନ୍ତସନ୍ତିଆ ସ୍ଥାନମାନଙ୍କରେ କଳମ ଶାଗ ଦେଖିବାକୁ ମିଳେ। ବିଶ୍ୱର ସ୍ୱାସ୍ଥ୍ୟକର ଖାଦ୍ୟ ତାଲିକାରେଏହା ଖୁବ୍ ଉଚ୍ଚରେ ରହିଛି। ଅନ୍ୟାନ୍ୟ ସବୁଜ ପତ୍ରଯୁକ୍ତ ପରିବା ପରି କଳମ ଶାଗ ପୋଷକ ତତ୍ତ୍ୱ ରେ ଭରପୁର । ଏଥିରେ ପ୍ରଚୁର ପରିମାଣରେ ଜଳୀୟ ଅଂଶ ସହିତ ଲୌହସାର, ଭିଟାମିନ ସି, ଭିଟାମିନ ଏ ଏବଂ ଅନ୍ୟାନ୍ୟ ବହୁ ପୁଷ୍ଟିକର ତତ୍ତ୍ୱ ଏଥିରେ ରହିଛି । କଳମି ଭଜା ବହୁ ସ୍ୱାଦିଷ୍ଟ। କଳମ ଶାଗରେ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ତନ୍ତୁ ରହିଛି । ତେଣୁ ହଜମ କ୍ରିୟା



ସୁସ୍ଥ ରଖିବା ସହିତ ବଦହଜମି ଓ କୋଷ୍ଠକାଠିନ୍ୟରୁ ସୁରକ୍ଷା ଦିଏ। ପ୍ରତିଦିନ କଳମ ଶାଗ ଖାଇବା ଦ୍ୱାରା ଶରୀରରେ ଡାଇବେଟିସ୍ ପ୍ରତିରୋଧୀ କ୍ଷମତା ବୃଦ୍ଧି କରିଥାଏ। କଅଁଳ କଳମ ଶାଗ ରକ୍ତହୀନତା ରୋଗୀ ତଥା ଗର୍ଭବତୀ ମହିଳାମାନଙ୍କ ଲାଗି ଉପକାର ଦେଇଥାଏ।

ଶୀତ ଋତୁରେ ମିଳୁଥିବା ବଥୁଆ ଶାଗ ସ୍ୱାସ୍ଥ୍ୟ ପାଇଁ ଖୁବ ଉପଯୋଗୀ। ବଥୁଆ ଶାଗର କଅଁଳିଆ ପତ୍ର ଦେଖିବାକୁ ସାମାନ୍ୟ ଲାଲ୍। ଏହାକୁ ଆମେ କେବଳ ଶାଗ ରୂପରେ ବ୍ୟବହାର କରୁ ତାହାନୁହେଁ, ଏଥିରେ ଅନେକ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ ହୋଇଥାଏ। ବଥୁଆ ଶାଗରୁ ବଥୁଆ କଚୋଡି, ବଥୁଆ କେକ୍, ବଥୁଆ ରୋଲସ୍, ବଥୁଆ ଚୋଲି ପ୍ରସ୍ତୁତ କରାଯାଏ। ବଥୁଆ ଏକ ସାଧାରଣ ଶାଗ ହୋଇଥିଲେ ବି ତାର ଔଷଧୀୟ ଗୁଣ ରହିଛି। ବିଟାମିନ୍ସ, ମିନେରାଲ, କପରରେ ଭରପୁର ଗୁଣକାରୀ ବଥୁଆ ଶାଗରେ ଦହି ମିଶାଇ ଖାଇବା ଫଳରେ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇଥାଏ। ବଥୁଆ ଶାଗଖାଇଲେ କୋଷ୍ଠାଠିନ୍ୟ ଦୂର ହୋଇଥାଏ ଓ ପେଟ ସଫା ରହେ। ଶରୀର ସର୍ବଦା ଶକ୍ତି ଏବଂ ସ୍ଫୂର୍ତ୍ତି ରହେ। ପଥୁରୀ ସମସ୍ୱା ଥିଲେ ବଥୁଆ ଶାଗ ଖାଇବା ଫଳରେ ଏହା ଦୂର ହୋଇଥାଏ। ବଥୁଆ ଶାଗ ତରକାରୀ ସବୁଦିନ ଖାଇବା ଫଳରେ ଲିଭର ସୁସ୍ଥ ରହେ।

ଅନ୍ୟ ଏକ ଶୀତଦିନିଆ ଶାଗ ହେଉଛି ସୋରିଷ। ଏଥିରେ ଶାଗ ଓ ରାଇତା ପ୍ରସ୍ତୁତ କରାଯାଏ। ସୋରିଷ ଶାଗରେ ଭିଟାମିନ୍ ଏ,ସି,ଡି, ଡି-୧୨, ମ୍ୟାଗ୍ନେସିୟମ, ଆଇରନ, କ୍ୟାଲସିୟମ ରହିଛି। ଏମିତିକି ସୋରିଷ ଶାଗରେ ୬ ପ୍ରକାର କ୍ୟାନସରକୁ ରୋକିବାର ଗୁଣ ରହିଛି। ଯଥା- ଓଭାରୀ କ୍ୟାନସର, ଫୁସଫୁସ୍, ପ୍ରୋଟେଷ୍ଟ, ବ୍ଲାଡର, ପେଟ, ବ୍ରେଷ୍ଟ। ସୋରିଷ ଶାଗରେ ରିଥିବା ପୋଷକ ତତ୍ତ୍ୱଗୁଡିକ କ୍ୟାନସର କୋଷିକାକୁ ରୋକିବା ସହିତ ଏହା ରୋଗକୁ ବଢିବାକୁ ଦିଏନାହିଁ। ସୋରିଷ ଶାଗରେ ଥିବା ଭିଟାମିନ-ଏ ଆଖିର ମାଂସପେଶୀକୁ କୌଣସି କ୍ଷତି ପହଞ୍ଚାଇବାକୁ ଦିଏ ନାହିଁ। ସୋରିଷ ଶାଗ ଖାଇବା ଫଳରେ ଶରୀରରେ କୋଲେଷ୍ଟ୍ରଲ ସ୍ତର କମ୍ ରହିଥାଏ। ଫଳରେ ହୃଦଘାତ ହେବାର ଭୟ ଦୂର ହୋଇଥାଏ।

ମେଥିକୁ ମସଲା ରୂପେ ବ୍ୟବହାର କରାଯାଉଥିଲେ ବି ଶୀତ ଋତୁରେ ପରିବା ବଜାରରେ ମେଥି ଶାଗର ପସରା ମେଲିଥାଏ । ଏହି ଶାଗ ଖାଇବାକୁ ଯେପରି ସ୍ୱାଦିଷ୍ଟ,ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ। ପତ୍ର ଠାରୁ ଆରମ୍ଭ କରି ମଞ୍ଜି ପର୍ଯ୍ୟନ୍ତ ମେଥିର ସବୁ ଔଷଧୀୟ ଗୁଣରେ ଭରପୂର। ଆଳୁ,ବାଇଗଣ ସହ ମେଥି ପତ୍ର ଭଜା









ଓ ମେଥି ପରଟା ବେଶ୍ ରୁଚିକର। କେବଳ ଖାଦ୍ୟ କି ଔଷଦ ନୁହେଁ ମେଥି ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟ ଉପଚାରରେ ବ୍ୟବହାର ହୋଇଥାଏ । ଅଧ୍ୟୟନରୁ ଜଣାପଡିଛି ମେଥି ଶାଗ ଓ ମେଥି ମଞ୍ଜିରେ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ରକ୍ତ ଶର୍କରା ହ୍ରାସ ପାଇଥାଏ । ମେଥି ଦାନା ଚୋବାଇ ଖାଇବା ଦ୍ୱାରା ସୁଗାର ନିୟନ୍ତ୍ରଣ ହୋଇଥାଏ। ନିୟମିତ ମେଥି ।ଉଥିବା ଲୋକଙ୍କର ହୃଦୟଜନିତ ରୋଗ ହେବାର ସମ୍ଭାବନା କମ୍ ରହିଥାଏ। ଖାଦ୍ୟକୁ ହଜମ କରିବାରେ ମେଥି ଖୁବ୍ ଭଲ ଓ ଏହା ପାଚନ ତନ୍ତ୍ରକୁ ସୁରକ୍ଷା ଦେଇଥାଏ ।

*ଭୁଷଳ,ଭୁବନ,ଢେଙ୍କାନାଳ*
*ଭ୍ରାମ୍ୟଭାଷ : ୯୪୩୭୭୨୯୩୮୪*



ବାଗଦୋର ଗ୍ରାମପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନା ଫେଲ୍

# ଚାଉଳ ପାଇଁ ବିଡିଓଙ୍କ ଦ୍ୱାରସ୍ଥ



**ବଲାଙ୍ଗିର :** କେନ୍ଦ୍ର ସରକାରଙ୍କ ତରଫରୁ ଭୋକିଲା ଗରିବ ଲୋକଙ୍କ ଜୀବନକୁ ବଞ୍ଚାଇବା ନିମନ୍ତେ ଖାଦ୍ୟ ସୁରକ୍ଷା ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ଏଠିକାର ରାଜ୍ୟ ସରକାର ଏହି ଯୋଜନାକୁ ଅପହରଣ କରି ସମ୍ପୂର୍ଣ୍ଣ ଭାବେ ହରିଲୁଟ କରୁଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାରର ଯେଉଁ ତଳିଆ କର୍ମଚାରୀ ମାନ ନିୟୋଜିତ ଅଛନ୍ତି ସେମାନେ ଗରିବ ଲୋକଙ୍କ ଚାଉଳ, ଗହମ, ଟଙ୍କା ସବୁ ବାଟ ମାରଣା କରି ନିଜେ ମାଲାମାଲ ହେବା ସଙ୍ଗେସଙ୍ଗେ ସରକାରର ପକେଟକୁ ମଧ ଗରମ କରୁଛନ୍ତି। ପରିଣାମ ସ୍ୱରୂପ ଏଠି ଭୋକ ଉପାସରେ ନିରୀହ ଗରିବ ଲୋକଙ୍କ ଜୀବନ ଚାଲିଯାଉଛି। ଏଭଳି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ ବାଗଦୋର ଗ୍ରାମପଞ୍ଚାୟତରେ। ବାଗଦୋର ଗ୍ରାମପଞ୍ଚାୟତରେ ବିଗତ ଦିନ ମାନଙ୍କରେ ଯେଉଁ ସବୁ ଚାଉଳ, ଗହମ, ମାଣ୍ଡିଆ, ଚଣା, ବ୍ୟାଗ ମୁଣା, ଏକ ହଜାର ଟଙ୍କା ବଣ୍ଟନରେ ଘୋର ଦୁର୍ନୀତି କରାଗଲା। ସେସବୁରେ ଅଧେ ପାଇଲେ ଅଧେ ନାହିଁ। ନପାଇଥିବା ହିତାଧିକାରୀମାନେ ନିଜର ହକ ପାଇବାକୁ ଯାଇ ଯୋଗାଣ ସହାୟକଙ୍କୁ ବାରମ୍ବାର ମାଗିଥିଲେ ମଧ ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ। ଯୋଗାଣ ସହାୟକ ଧମକ ଚମକ ଦେଇ ଯାଅ ଯାହାର ପାଖକୁ ଯିବାର ଅଛି ଯାଅ କେହି ମୋର କିଛି କରି ପାରିବେ ନାହିଁ, ଆମେ ସମସ୍ତେ ମିଳି ମିଶି ଭାଗ ବଣ୍ଟା କରି ଖାଉଛୁ ହେଲେ ସମସ୍ତଙ୍କୁ ଫାସିହେବ ବୋଲି ଲୋକଙ୍କୁ କହିଥିଲେ। ଏହିଭଳି ଉତ୍ତର ପାଇ ହିତାଧିକାରୀ ମାନେ ନିଜର ହକ ମାଗିବା ପାଇଁ ବେଲପଡା ବିଡ଼ିଓଙ୍କୁ ସାକ୍ଷାତକରି ନିଜର ଅଭିଯୋଗ ଲିଖିତ ଜଣାଇଥିଲେ। ବିଡ଼ିଓ ମହାଶୟ ଘଟଣାର ତଦନ୍ତକରି ଆପଣ ମାନଙ୍କର ଯାହା ଯାହା ଅସୁବିଧା ରହିଛି ସବୁ ଶୀଘ୍ର ପୂରଣ କରିବି ବୋଲି ଆଶ୍ୱାସନା ଦେଇଥିଲେ। ଏହି ଘଟଣା ପ୍ରଥମ ନୁହେଁ ଯା ଆଗରୁ ମଧ ବାଗଦୋର ଗ୍ରାମ ପଞ୍ଚାୟତରେ ହିତାଧିକାରୀ ଓ ଯୋଗାଣ ସହାୟକ ମଧ୍ୟରେ ଝଗଡା ହୋଇ ସାରିଛି। ମୁଣ୍ଡ ଫଟାଫଟିରୁ ନେଇ ଅନେକ ଥର ଜୀବନରୁ ମାରିଦେବା ଧମକ ମଧ ଦିଆଯାଇଛି। ମୋତେ ଯେତେ ମାଠିବୁ ମାଠ ମୁଁ ସେହି ଦରପୋଡା କାଠ। ଏହି ଯୋଗାଣ ସହାୟକ ନିୟୋଜିତ ହେଲା ଦିନଠୁ ଆଜି ପର୍ଯ୍ୟନ୍ତ କୌଣସି ଗୋଟିଏ ଦିନ ମଧ ବାଗଦୋର ଗ୍ରାମପଞ୍ଚାୟତବାସୀ ସମ୍ପୂର୍ଣ୍ଣ ଓ ସୁରୁଖୁରୁ ଭାବେ ନିଜର ଚାଉଳ, ଗହମ, ଟଙ୍କା ପାଇ ନାହାନ୍ତି। ବାରମ୍ବାର ବିଡିଓ ମାନଙ୍କୁ ଅଭିଯୋଗ କଲେ ସୁଦ୍ଧା କେହି ଏହାର ସମାଧାନ କରୁ ନାହାନ୍ତି। କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନେଇ ବାଗଦୋର ଗ୍ରାମପଞ୍ଚାୟତର ପିଡିଏସ ଦୁର୍ନୀତିକୁ ଧରିବାକୁ ଯାଇ କେନ୍ଦ୍ରୀୟ ଯାଞ୍ଚ ଟିମ ଦ୍ୱାରା ଯାଞ୍ଚ କରାନ୍ତୁ ଏବଂ ବଞ୍ଚିତ ହିତାଧିକାରୀ ମାନଙ୍କୁ ତାଙ୍କର ହକ ପାଇବାରେ ସହାୟକ ହୁଅନ୍ତୁ ବୋଲି ସମଗ୍ର ଗ୍ରାମବାସୀ ଦାବି ଜଣାଇଛନ୍ତି।

# କେନ୍ଦୁପତ୍ର ଫଡିରେ ଶିଶୁ ଶ୍ରମିକ ନିୟୋଜିତ; ସ୍କୁଲ ଡ୍ରେସ ପିନ୍ଧି ପତ୍ର ଗୋଟାଉଛନ୍ତି ୩ ଛାତ୍ର

**ବଲାଙ୍ଗିର :** ଶିଶୁ ଶ୍ରମିକ ନିରୋଧ ଉପରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ସମଗ୍ର ରାଜ୍ୟରେ ସଚେତନା କରୁଥିବାର ଡିଣ୍ଡିମ ପିଟୁଥିବା ବେଳେ ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଘୁନେଶ କେନ୍ଦୁପତ୍ର ଫାଡିଠାରେ କେନ୍ଦୁପତ୍ର ବିଭାଗର କର୍ମଚାରୀ ମାନେ ତିନିଜଣ କୋମଳମତି ସ୍କୁଲ ଛାତ୍ରଙ୍କୁ ନେଇ କେନ୍ଦୁପତ୍ର ବିଡା ଗୋଟାଇବା କାମ କରାଉଥିଲେ। ବିଦ୍ୟାଳୟରେ ପାଠ ପଢୁଥିବା ୧୩ ବର୍ଷରୁ କମ ବୟସର ପିଲାମାନଙ୍କୁ ସେଠାକାର କେନ୍ଦୁପତ୍ର ଫଡ଼ିରେ ବିଭିନ୍ନ କାମରେ ନିୟୋଜିତ କରି ଦାୟିତ୍ୱରେ ଥିବା ରେଞ୍ଜର, ଫରେଷ୍ଟର ତଥା ମୁନସୀ ମାନେ ମୁନାଫା ଉଠାଉଥିବାର ଅଭିଯୋଗ ହୋଇଛି। ସେସବୁ କାମ କରିବା ପାଇଁ ସମ୍ପୃକ୍ତ ଫରେଷ୍ଟରଙ୍କ ମାଧ୍ୟମରେ ଅସ୍ଥାୟୀ ମୁନସୀ ମାନଙ୍କୁ ଦିନ ମଜୁରିଆ ନିୟୋଜିତ ଦାୟିତ୍ୱ ଦିଆ ଯାଇଥାଏ। ହେଲେ ମଜୁରିଆ ଦ୍ୱାରା କାମ କରାଇନେଇ ଅଧିକ ବିଲ କରିବା ଠାରୁ ଆରମ୍ଭ କରି ଏଭଳି ଭାବେ ଶିଶୁ ମାନଙ୍କୁ ନିୟୋଜିତ କରି ନିଜ ପକେଟ ଗରମ କରୁଥିବାର ଅଭିଯୋଗ ହେଉଛି। ଦାଦନ ଋତୁରେ ଶ୍ରମିକ ମିଳୁ ନ ଥିବାରୁ ଗ୍ରାମାଞ୍ଚଳର କୋମଳମତି ଶିଶୁ ଛାତ୍ର ମାନଙ୍କୁ ବିଦ୍ୟାଳୟ ବନ୍ଦ ହୋଇଥିବା କାରଣରୁ ଏଭଳି ଭାବେ କାମ କରାଉଛୁ ବୋଲି ଘୁନେଶ କେନ୍ଦୁପତ୍ର ଫଡିର କର୍ମଚାରୀ ମାନେ ମତ ଦେଇଛନ୍ତି। ଏ ବିଷୟରେ ଭାରପ୍ରାପ୍ତ ରେଞ୍ଜର ମହାଶୟଙ୍କୁ



ଯୋଗାଯୋଗ କରିବାରୁ ମୁଁ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବି ଓ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଥିଲେ। ଉକ୍ତ ରେଞ୍ଜରଙ୍କ ମହୁଲବାହାଲୀ ପତ୍ରଫଡ଼ିରେ ଫଡି ଗୃହ ମରାମତି କାମ ଅତି ନିମ୍ନ ମାନର ହୋଇଥିବା ବେଳେ ଆଖ ପାଖ ଜଙ୍ଗଲରୁ ମୂଲ୍ୟବାନ ଗଛଗୁଡିକୁ କାଟି ଆଣି ମରାମତିରେ ବ୍ୟବହାର କରାଯାଇଥିବା ଦେଖିବାକୁ ମିଳିଥିଲା। ଏବିଷୟରେ ପଚାରିବାରୁ ସେ ଫରେଷ୍ଟ ଅଫିସରୁ ରିସିଭ କାଟି ଗଛ କଟାଯାଇଛି ବୋଲି କହିଥିଲେ। ଘୁନେଶ ଗ୍ରାମର ଜଣେ ବୃଦ୍ଧା ମହିଳା ସୋମବାରୀ ଜାଲ (୫୦) କେନ୍ଦୁପତ୍ର ତୋଳୁଥିବା ସମୟ ରେ ଗୋଡ ଖସିଯାଇ ପଡିଯିବାରୁ ଗତ ୫ ତାରିଖ ଦିନ ତାଙ୍କ ହାତ ଭାଙ୍ଗି ଯାଇଥିଲା। ଏ ଘଟଣାକୁ ତିନି ଦିନ ବିତି ଯାଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ତରଫରୁ ନିରୀହ ମହିଳାଙ୍କୁ କୌଣସି ସହଯୋଗ ମିଳିପାରି ନହିଁ। ଜିଲ୍ଲା ପ୍ରଶାସନ ସମସ୍ତ ଘଟଣା ଗୁଡିକର ସଠିକ ତଦନ୍ତ କରି ପୀଡିତାଙ୍କୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଦୋଷୀ କର୍ମଚାରୀ ମାନଙ୍କୁ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଖରାଗାଁରେ ସାମୂହିକ ପଖାଳ ଭୋଜନ

**କୋଣାର୍କ :** କୋଣାର୍କ ନିକଟସ୍ଥ ଖରାଗାଁରେ ସାମୁହିକ ପଖାଳ ଭୋଜନ ଅନୁଷ୍ଠିତ ହୋଇଯାଇଛି। ଖରାଗାଁର ଅଦ୍ଧିଷ୍ଠାତ୍ରୀ ଦେବୀ ମା ଖଣ୍ଡଉଆଳୀ ଠାକୁରାଣୀଙ୍କ ପୀଠରେ



ଏହି ପଖାଳ ପର୍ବ ଅନୁଷ୍ଠିତ ହୋଇଥିଲା। ଖରାଗାଁର ଶ୍ରୀମା ସଂଚୟ ସମିତିର ନେତୃତ୍ୱରେ ୧୪ଟି ମହିଳା ଗୋଷ୍ଠୀଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅର୍କଶ୍ରୀ ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, ଗୋଟିପୁଅ ନୃତ୍ୟ ଗୁରୁ ଜୟକୃଷ୍ଣ ନାୟକ ଓ ସାମ୍ବାଦିକ ଅଜିତ୍ କୁମର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଆମନ୍ତ୍ରିତ ଅତିଥିମାନ ଯୋଗ ଦେଇ ପଖାଳର ଉପକାରିତା ସଂପର୍କରେ ଆଲୋକପାତ କରିବା ସହ ସାମୁହିକ ପଖାଳ ଭୋଜନ କରିଥିଲେ। ଆୟୋଜକଙ୍କ ପକ୍ଷରୁ ପଖାଳ ସହିତ ବଡ଼ିଚୁରା, ଆଳୁ ଭରତା, ଶୁଖୁଆ ରାଇ, ମାଛ ଭଜା, ଶାଗ-ମୁଗ, ଦହି ଛୁଙ୍କ, ଭେଣ୍ଡି ଭଜା, ଦହି, ପିଆଜ, ଲଙ୍କା, ଲେମ୍ବୁ ଇତ୍ୟାଦି ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୨ ଶହରୁ ଅଧିକ ମହିଳା ଯୋଗ ଦେଇ ସାମୁହିକ ପଖାଳ ଭୋଜନ କରିଥିଲେ। ମହିଳା ଗ୍ରୁପ୍‌ର ସଂଯୋଜିକା ସ୍ନେହଲତା ପାତ୍ର, ଖରାଗାଁ ଗ୍ରାମ୍ୟ କମିଟି ସଭାପତି ସଚିତ୍ର ମୋହନ ପାତ୍ର, ସମ୍ପାଦକ ସୁଦର୍ଶନ ମଲ୍ଲିକ ଓ ଯୁବକ ସଂଘର ସଭାପତି ସୁବ୍ରତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଲକାନଗିରିରେ ଆସାମ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର

**ମାଲକାନଗିରି :** ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଲୁଗେଲ ପଞ୍ଚାୟତ ଏମପିଭି ୮୨ ଗ୍ରାମରେ ମାଲକାନଗିରି ବିଧାୟକ ପ୍ରାର୍ଥୀ ନରସିଂହ ମାଡକାମି ଓ ନବରଙ୍ଗପୁର ସାଂସଦ ପ୍ରାର୍ଥୀ ବଳଭଦ୍ର ମାଝିଙ୍କ ଭୋଟ ଭିକ୍ଷା କରି ନିର୍ବାଚନ ପ୍ରଚାର କରିଥିଲେ। ଦିଲ୍ଲୀରେ ମୋଦି ସରକାର ଅଛି, ପୁଣି ମୋଦି ସରକାର ହେବ। ମୋଦି ଯାହା କହନ୍ତି, ତାକୁ କରିକି ଦେଖାନ୍ତି ବୋଲି ସମସ୍ତେ ଜାଣନ୍ତି। ଆସାମର ଲକ୍ଷେ ଲୋକଙ୍କୁ ସରକାରୀ ଖର୍ଚ୍ଚରେ ରାମ ମନ୍ଦିର ଦେଖାଇବାକୁ ନେବି ଓଡ଼ିଶାରେ ବିଜେପି ସରକାର ହେଲେ ୫ ଲକ୍ଷ ଲୋକଙ୍କୁ ଦର୍ଶନ ପାଇଁ ନେବି। ଓଡ଼ିଶାରେ ବିଜେପି ଆସିଲେ ବେଙ୍ଗଲୀ ପାଇଁ ବେଙ୍ଗଲୀ ଶିକ୍ଷକ ରହିବେ ଓ ବେଙ୍ଗଲୀ ଗ୍ରାମ ଗୁଡିକ ରାଜସ୍ୱ ଗ୍ରାମର ମାନ୍ୟତା ମିଳିବ। ବିଜେପି ସରକାର ଆସିଲେ ନମ୍ବର ନୁହେଁ, ଗାଁର ନାଁ ଦିଆଯିବ। ଛତିଶଗଡ଼ରେ ବିଜେପି ସରକାରରେ ଧାନ କିଣାଯାଉଛି ୩ ହଜାର ଟଙ୍କାରେ। ଏଠାରେ ବିଜେପି ସରକାର ଆସିଲେ ଧାନ କିଣ୍ଟାଲ



୩୧୦୦ ଟଙ୍କା ହେବ। ଆସାମରେ ମହିଳାଙ୍କୁ ମାସିକ ୧୨୫୦ ଟଙ୍କା ମିଳୁଛି। ଆମ ସରକାର ଏଠି ଆସିଲେ ମହିଳାଙ୍କୁ ୫୦ ହଜାର ଟଙ୍କା ମିଳିବ। ବାର୍ଷିକ ୨୫ ହଜାର ଲେଖାଏଁ ୨ ବର୍ଷରେ ୫୦ ହଜାର ମିଳିବ। ଏହି ସଭାରେ ମାଲକାନଗିରି ବିଧାୟକ ପ୍ରାର୍ଥୀ ନରସିଂହ ମାଡକାମି, ନବରଙ୍ଗପୁର ସାଂସଦ ପ୍ରାର୍ଥୀ ବଳଭଦ୍ର ମାଝୀ, ବିଜେପି ଜିଲ୍ଲା ସଭାପତି ନିମାଇଁ ଚନ୍ଦ୍ର ପାଲ, କମଲେସ ରାୟ ଓ ସୁକୁମା ଜିଲ୍ଲା ବିଜେପି ସଭାପତି ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମକୁ ଭବାନୀ ମୁଖାର୍ଜୀ ପରିଚାଳନା କରିଥିଲେ।

# ମହାନଦୀ କୂଳରେ ଥାଇ ଲୋକେ ଭୋଗୁଛନ୍ତି ଜଳ ଯନ୍ତ୍ରଣା

**ବୌଦ୍ଧ :** ଦୀପତଳ ଅନ୍ଧାର। ମହାନଦୀ କୂଳରେ ଥାଇ ଲୋକେ ଭୋଗୁଛନ୍ତି ଜଳ ଯନ୍ତ୍ରଣା। ପାଣି ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ୨ ଖଣ୍ଡ ଗ୍ରାମବାସୀ। ପୋଖରୀ ଗାଡ଼ିଆର ମଇଳା ପାଣି ମେଣ୍ଟାଉଛି ଶୋଷ। ପଞ୍ଚାୟତ ରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ନିଜ ନିର୍ବାଚନ ମଣ୍ଡଳୀରୁ ଆସିଛି ଏଭଳି ସାଙ୍ଘାତିକ ଅଭିଯୋଗ। ଦୀର୍ଘ ପଚିଶ ବର୍ଷ କ୍ଷମତାରେ ଥାଇ ମଧ ଲୋକଙ୍କୁ ପିଇବା ପାଣି ଯୋଗାଇବାରେ ବିଫଳ ରାଜ୍ୟ ସରକାର। ଶେଷରେ ଗରା ବାଲ୍ଟି ଧରି ରାସ୍ତାରେ ପ୍ରତିବାଦ କରିଛନ୍ତି ମହିଳା ମାନେ। ବୌଦ୍ଧ ଖୁଣ୍ଟବନ୍ଧ ପଞ୍ଚାୟତର ବେନ୍ଦିରିପାଲି ଓ ସରଧାପୁର। ଗାଁରେ ପ୍ରାୟ ୨୦୦ ପରିବାର ବସବାସ କରନ୍ତି। ମହାନଦୀ କୂଳରେ ଅବସ୍ଥିତ ଏହି ୨ଟି ଗାଁରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଇଛି। ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଗାଁ ଠାରୁ ମାତ୍ର ୩ କିଲୋମିଟର ଦୂରରେ ଥିବା ମହାନଦୀ କୂଳରେ



ନିର୍ମାଣ ହୋଇଛି ମେଗା ପାନୀୟଜଳ ପ୍ରକଳ୍ପ। କିନ୍ତୁ ଦୀପ ତଳ ଅନ୍ଧାର ଭଳି ଏହି ଦୁଇ ଗାଁକୁ ପାଣି ପାଇପ ପକାଯାଇଥିଲେ ମଧ ଦୀର୍ଘ ଦୁଇ ବର୍ଷ ହେଲା ପାନୀୟ ଜଳ ଯୋଗାଣ ହେଉନାହିଁ। ଜଳ ଯୋଗାଣ ପାଇଁ ଗାଁରେ ନଳକୂପ ଅଛି ମାତ୍ର। ଜଳସ୍ତର ହ୍ରାସ ଯୋଗୁଁ ସେଗୁଡିକ ପ୍ରାୟ ଅଚଳ ଅବସ୍ଥାରେ ପଡି ରହିଛି। ରାଜ୍ୟ ସରକାର ବସୁଧା ଯୋଜନାରେ ଘରକୁ ଘର ଜଳ ଯୋଗାଣ ହେଉଥିବା କହି ବାହାବାହି ନେଉଥିବା ବେଳେ ବିଭାଗୀୟ ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳିରେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ଅଞ୍ଚଳବାସୀ। ଏ ହେଉଛି ୨୪ ବର୍ଷର ସ୍ଥିର ସରକାରଙ୍କ ପ୍ରତାରଣା।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286


# ମାଟ୍ରିକ ସାର୍ଟିଫିକେଟ୍‌ରେ ଉଲ୍ଲେଖ ଥିବା ଜନ୍ମ ତାରିଖ ସମସ୍ତ କ୍ଷେତ୍ର ପାଇଁ ପ୍ରଯୁଜ୍ୟ: ହାଇକୋର୍ଟ

**କଟକ :** ମାଟ୍ରିକ୍ ବା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା (ଏଚଏସସି) ପାସ୍ ପ୍ରମାଣପତ୍ରରେ ଉଲ୍ଲେଖ ଥିବା ଜନ୍ମ ତାରିଖକୁ ଯେକୌଣସି କ୍ଷେତ୍ରରେ ଜନ୍ମ ତାରିଖ ଭାବେ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଆବେଦନକାରୀଙ୍କ ସର୍ଭିସ୍ ବୁକ୍‌ରେ ସଂଲଗ୍ନ ଏଚ୍ଏସ୍‌ସି ପ୍ରମାଣପତ୍ରର ଜନ୍ମ ତାରିଖ ଅନୁସାରେ ତାଙ୍କୁ ଅବସର ଦିଆଯିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି। ମଦନ ରାଉଳଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯେହେତୁ ଆବେଦନକାରୀଙ୍କୁ ୨୦୦୮ ଜୁଲାଇ ୩୧ ବଦଳରେ ୨୦୦୬ ଜୁଲାଇ ୩୧ରେ ଅବସର ଦିଆଯାଇଛି ଓ ସେ ଏହି ସମୟ ପାଇଁ



କୌଣସି କାର୍ଯ୍ୟ କରିନଥିବାରୁ ଉପରୋକ୍ତ ଅବଧିର ବେତନ ପାଇଁ ଦାବିଦାର ନୁହଁନ୍ତି ବୋଲି ଅଦାଲତ କହିଛନ୍ତି। କିନ୍ତୁ ଏହି ଅନୁସାରେ ତାଙ୍କୁ ୩ ମାସ ମଧ୍ୟରେ ସଂଶୋଧିତ ପେନସନ୍ ଓ ଅନ୍ୟ ବକେୟା ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ସମ୍ବଲପୁର କୃଷି ବିଭାଗର ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୧୯୬୮ ଫେବ୍ରୁଆରୀ ୨୭ରେ ପିଅନ ଭାବେ ଯୋଗ ଦେଇଥିଲେ। ସେହି ସମୟରେ ସେ ମାଟ୍ରିକ୍ ପାସ୍ କରି ନଥିଲେ। ତାଙ୍କ ସର୍ଭିସ୍ ବୁକରେ ଜନ୍ମ ତାରିଖ ୧୯୪୮ ଜୁଲାଇ ୧୨ ବୋଲି ଉଲ୍ଲେଖ ଥିଲା। ୧୯୭୦ରେ ଆବେଦନକାରୀ ମାଟ୍ରିକ୍ ପାସ୍ କରିଥିଲେ ଓ ୧୯୭୩ରେ ଡାଇରିଷ୍ଟ ତଥା ଟାଇପିଷ୍ଟ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ମାଟ୍ରିକ୍ ପ୍ରମାଣପତ୍ରରେ ତାଙ୍କର ଜନ୍ମ ତାରିଖ କିନ୍ତୁ ୧୯୫୦ ଜୁଲାଇ ୧୨ବୋଲି ଉଲ୍ଲେଖ ଥିଲା। ଯାହା ସର୍ଭିସ୍ ବୁକ୍‌ରେ ରେକର୍ଡ ହୋଇଥିଲା। ହେଲେ ଆବେଦନକାରୀଙ୍କୁ ତାଙ୍କର ଜନ୍ମତାରିଖ ୧୯୪୮ ଜୁଲାଇ ୧୨ ଅନୁସାରେ ଗତ ୨୦୦୬ ଜୁଲାଇ ୩୧ରେ ଅବସର ଦିଆଯାଇଥିଲା। ଏହି ଆଦେଶ ବିରୋଧରେ ସେ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ ଉଚ୍ଛେଦ ପରେ ମାମଲା ହାଇକୋର୍ଟକୁ ସ୍ଥାନାନ୍ତର ହୋଇଥିଲା।




PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
Contact : 8658607286 / 8917571455


# ବିଜେଡି ଆପେ ଆପେ ଭାଙ୍ଗି ଚୁରମାର ହୋଇଯିବ : ପୀତାମ୍ବର

**ଭୁବନେଶ୍ୱର :** ଓଡିଶାବାସିଙ୍କ ସୁଖ ଦୁଃଖର ସାଥୀ ହେବା ପାଇଁ ଦୀର୍ଘ ୨୫ ବର୍ଷ ଧରି ଶାସକ ବିଜେଡିକୁ ଭୋଟ ଦେଇ ନିର୍ବାଚିତ କରିଆସୁଛନ୍ତି। ମୁଖ୍ୟମନ୍ତ୍ରୀ ଗ୍ରାଉଣ୍ଡ ନେତା ନୁହଁ ବରଂ ରାଉଣ୍ଡ ନେତା ସାଜିଛନ୍ତି। ବିଜୁ ବାବୁଙ୍କୁ ଭାରତରତ୍ନ ଦେବା ପାଇଁ ଦାବୀ କରୁଥିବା ବିଜେଡିର ପୋଷ୍ଟର ଆଉ ବ୍ୟାନରରେ ଗୁମାସ୍ତାଙ୍କ ଫଟୋ ଲାଗିଛି। ବିଜେଡିର ନେତାମାନେ ଶପଥ ପାଠ କରିଥିଲେ ଓଡିଶାବାସୀଙ୍କ ସେବା କରିବେ ବୋଲି, କିନ୍ତୁ ଏବେ ସେମାନେ ମଞ୍ଚରେ ଦେଖାଯାଉନାହାନ୍ତି। ବିଜେଡିର ନିର୍ବାଚିତ ଜନପ୍ରତିନିଧିମାନଙ୍କ ସ୍ୱାଭିମାନକୁ ଜଳାଞ୍ଜଳୀ ଦିଆଯାଇ ପ୍ରଶାସକରୁ ନେତା ସାଜିଥିବା ପାଣ୍ଡିଆନଙ୍କ ପାଇଁ ଟେଣ୍ଟ ବାନ୍ଧୁଛନ୍ତି ଏବଂ ମଞ୍ଚ ତଳେ ରହୁ ଚେୟାର ପକାଇବା କାର୍ଯ୍ୟରେ ବ୍ୟବହାର କରାଯାଉଛି। ଏହି କାରଣରୁ ପ୍ରତିଦିନ ଶହ ଶହ ବିଜେଡିର ସ୍ୱାଭିମାନୀ ନେତା ଓ କର୍ମୀ ବିଜେପିରେ ସାମିଲ ହେଉଛନ୍ତି। ବାହାରୁ ଆମଦାନୀ ନେତା, କ୍ରୀତଦାସ ଓ ଗୁମାସ୍ତାଙ୍କ ଉପରେ ନିର୍ଭରଶୀଳ ବିଜେଡି। ତେଣୁ ବିଜେଡିକୁ ଭାଙ୍ଗିବାର ଆବଶ୍ୟକ ନାହିଁ। ବିଜେଡି ଆପେ ଆପେ ଭାଙ୍ଗି ଚୁରମାର ହୋଇଯିବ ବୋଲି ରାଜ୍ୟ ମୁଖପାତ୍ର ତଥା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ବିଜେଡିକୁ ଭାଙ୍ଗିବାର ବିଜେପି ପ୍ରୟାସ କରୁଛି ବୋଲି ନେତାହୀନ ବିଜେଡିର ଦୁଇ ନମ୍ବର ନେତା ଗଣମାଧ୍ୟମରେ କହିବା ତାଙ୍କ ଅସହାୟତାକୁ ପ୍ରକାଶ କରୁଛି । ମୁଖ୍ୟମନ୍ତ୍ରୀ ନବୀନ ବାବୁ ସଖୀ କଣ୍ଢେଇ ପାଲଟିଛନ୍ତି ଏବଂ କିଛି ନିର୍ଦ୍ଦିଷ୍ଟ ଅଣଓଡିଆ ଲୋକଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ନାମରେ ଭୋଗବିଳାସ କରିବାର ଷଡଯନ୍ତ୍ର ରଚାଯାଉଛି। ବିଜେଡି ନେତା, ମନ୍ତ୍ରୀ ଓ କର୍ମୀମାନଙ୍କ ଦୟନୀୟ ପରିସ୍ଥିତିକୁ ଓଡିଶାବାସୀ ଦେଖୁଛନ୍ତି। ଓଡିଆ





ଅସ୍ମିତା କଥା ଦାବି କରୁଥିବା ବିଜେଡିର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଭାଷଣ ଦେବାବେଳେ ପାରଳା ମହାରାଜାଙ୍କ ନାମ ଜଣାନାହିଁ। ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଗାଁ ସୁଆଣ୍ଡୋକୁ ଯାଇ ତାଙ୍କ ନାମକୁ ମଧ ଭୁଲି ଗଲେ। ଶ୍ରୀ ଜଗନ୍ନାଥ ମନ୍ଦିର ସ୍ଥାପନା କରିଥିବା ରାଜା ଇନ୍ଦ୍ରଦ୍ୟୁମ୍ନ ଗର୍ବ ଓ ଅହଂକାରରୁ ବଂଚି ରହିବା ପାଇଁ ବଂଶହୀନ ରହିବାକୁ ବ୍ରହ୍ମାଙ୍କଠାରୁ ବର ମାଗିଥିଲେ। ଅନ୍ୟ ପଟେ ରାଜ୍ୟ ରାଜସ୍ୱରୁ ୪୨୦୦ କୋଟି ଟଙ୍କା ଖର୍ଚ୍ଚ କରି ୪ଟି ପାଇଖାନା ନିର୍ମାଣ କରି, ପୁରାତନ ମଠ ମନ୍ଦିର, ଐତିହ୍ୟକୁ ଧ୍ୱଂସ କରି ମୁଁ କରିଛି ବୋଲି ମୁଖ୍ୟମନ୍ତ୍ରୀ ଏବଂ ବିଜେଡି କହିବୁଲିବା ଅତ୍ୟନ୍ତ ପରିତାପର ବିଷୟ। "ଜଗନ୍ନାଥ ପ୍ରକଳ୍ପ ମହାଦୁର୍ନୀତି ଓ ଘୋଟାଲା"ର ତଦନ୍ତ କରାଯିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଭ୍ରଷ୍ଟାଚାରୀ, ଅପାରଗ ବିଜେଡି ସରକାର ସ୍ୱଷ୍ଟ ଦିବାଲୋକରେ ଓଡିଶାକୁ ଦୀର୍ଘ ୨୫ବର୍ଷ ଧରି ଲୁଣ୍ଠନ କରୁଛି। ମୁଖ୍ୟମନ୍ତ୍ରୀ ନିରବ ଜଡ ସାଜିଛନ୍ତି । ଅଣଓଡିଆମାନେ ଓଡ଼ିଶାର ଜନଜୀବନକୁ ଗ୍ରାସି ଗଲେଣି। ଭୋଟରଙ୍କୁ ୫୦୦ – ୧୦୦୦ ଟଙ୍କାର ପ୍ରଲୋଭନ ଦେଖାଇ ପୁଣି ୫ବର୍ଷ ଧରି ଓଡିଶାକୁ ଲୁଣ୍ଠନ ପାଇଁ ଷଡଯନ୍ତ୍ର କରୁଛନ୍ତି ବିଜେଡି। ଏହାକୁ ଓଡ଼ିଶାବାସୀ ବୁଝିଛନ୍ତି ଓ ଏହାର ଉଚିତ ଜବାବ ଦେବେ। ବିଜେଡିର ମୂଳଦୁଆ ଭୁଷୁଡି ପଡିଲାଣି। ନିଜେ ନିଜକୁ ବୁଡାଇ ଦେଲେଣି। ବିଜେଡିର ନେତାଙ୍କ ମରୁଡି ପଡିଲାଣି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । କେନ୍ଦ୍ରୀୟ ସହାୟତା ଓ ଅନୁଦାନ ଉପରେ ସଂପୂର୍ଣ୍ଣ ନିର୍ଭରିଶୀଳ ଓଡିଶାର ଆର୍ଥୀକ ମେରୁଦଣ୍ଡ। ମୋଦି ରାଜ୍ୟବାସୀଙ୍କୁ ମାଗଣା ଚାଉଳ ଦେଉଛନ୍ତି। ରାଜ୍ୟ ସରକାର ଚାଉଳ ବାଣ୍ଟିବା ନାମରେ ୨୭୮କୋଟି ଟଙ୍କାର ଅଖା ବ୍ୟାଗ କିଣି ମୋଦି ଚାଉଳକୁ ଲୋକଙ୍କୁ ଦେଇ ବାଃ ବାଃ ନେବାକୁ ବସିଲେ। ଏହି ଟଙ୍କାରେ ପାଖାପାଖି ୯୨ ଲକ୍ଷ କ୍ୱିଣ୍ଟାଲ ଚାଉଳ ବଣ୍ଟନ ସମ୍ଭବ ହୋଇଥାନ୍ତା। ଭୋଟ ରାଜନୀତି କରୁଥିବା ଶାସକ ବିଜେଡି ଅଖା ବସ୍ତା କିଣି ଦେଇ ୨୭୮କୋଟି ଟଙ୍କା ଖାଇଦେଲେ। ଏବେ ସେହି ଅଖା ବସ୍ତା ମୁମ୍ବାଇ ଓ ଅନ୍ୟାନ୍ୟ ଅଞ୍ଚଳରେ ୫୦ ଟଙ୍କାରେ ବିକ୍ରୀ ହେଉଥିବାର ଦୃଶ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜେପି ସରକାର ଆସିଲେ ଅଖା ଘୋଟାଲର ବି ତଦନ୍ତ ହେବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ବିଜେଡି ଜାଣିସାରିଲେଣି ଓଡ଼ିଶାର ଲୋକ ତାଙ୍କୁ ପ୍ରତ୍ୟାଖାନ କରୁଛନ୍ତି, ଏଥିଲାଗି ମୁଖ୍ୟମନ୍ତ୍ରୀ ବିଳିବିଳାଉଛନ୍ତି। ପ୍ରଶାସନିକ ଅଧିକାରୀମାନେ ନିଜ ଦାୟିତ୍ୱରୁ ଓହରି ଯାଇ ନେତା ହେବାକୁ ମନ ବଳେଇଛନ୍ତି। ପ୍ରଶାସକରୁ ନେତା ସାଜିଥିବା ବିଜେଡିର ଏହି ଗୁମାସ୍ତା ଜଣକ ସଂଘବଦ୍ଧ ଭାବରେ ଓଡ଼ିଶାକୁ ଖଣି, ପାଣି, ଠିକା ଚାକିରି, କଂଟ୍ରାକ୍ଟରୁ ଲୁଟିବାର ଷଡଯନ୍ତ୍ର କରୁଛନ୍ତି। ଓଡିଶାର ସବୁ ଥାଇ ବି ଓଡ଼ିଆ ଲୋକର ଦାଦନ ଖଟିବେ ବାହାର ରାଜ୍ୟକୁ ଯାଉଛନ୍ତି । ମହାମାରୀ କରୋନା ସଂକଟରେ ବାହାର ରାଜ୍ୟର ଚଷମା ଦୋକାନରୁ ଶହ ଶହ କୋଟି ଟଙ୍କାର ମାସ୍କ କିଣି ମିଛ ବିଲ୍ କରି ଓଡିଶାବାସୀଙ୍କୁ ଠକିଥିବା ବିଜେଡିକୁ କେବେହେଲେ କ୍ଷମା ମିଳିବ ନାହିଁ ଏବଂ ଏହାର ଉଚିତ୍ ଜବାବ୍ ଏଥର ଓଡିଶାବାସୀ ଦେବେ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**